ମରୁ ସମ୍ଭବା

ଶ୍ରୀ କୃଷ୍ଣଚନ୍ଦ୍ର କର

Digitized by srujanika@gmail.com

ମରୁସମ୍ଭୂତା

ଶ୍ରୀ କୃଷ୍ଣଚନ୍ଦ୍ର କର

ବାଣୀଭୂଷଣ

Digitized by srujanika@gmail.com

ପ୍ରକାଶକ

ରାଷ୍ଟ୍ରଭାଷା ସମବାୟ ପ୍ରକାଶନ
ରାଷ୍ଟ୍ରଭାଷା ରୋଡ୍, କଟକ-୧

ପ୍ରଥମ ପ୍ରକାଶ

୧୯୮୮

ମୁଦ୍ରାକର

ଶ୍ରୀ ଗୋପୀନାଥ ସାହୁ
ରାଷ୍ଟ୍ରଭାଷା ପ୍ରଚାର ସମବାୟ ପ୍ରେସ୍
ରାଷ୍ଟ୍ରଭାଷା ରୋଡ୍, କଟକ—୭୫୩ ୦୦୧

ମୂଲ୍ୟ

ପଚଶ ଟଙ୍କା ।

Digitized by srujanika@gmail.com



Digitized by srujanika@gmail.com

ଲେଖାର ପ୍ରେରଣା

ଗତ ବର୍ଷ (୧୯୬୦) ଜୁନ୍ ଦ୍ୱିତୀୟ ସପ୍ତାହାନ୍ତ ସ୍ମରଣୀୟ ରବିବାସରୀୟ ଆସରର ଏକ ରସାପ୍ଲୁତ ମୁହୂର୍ତ୍ତରେ ପ୍ରଖ୍ୟାତ 'କର୍ଣ୍ଣାର୍ଜ୍ଜୁନ' ନାଟକର ସୁପ୍ରଖ୍ୟାତ ଅଭିନେତା ମୋର ଆଯୌବନବନ୍ଧୁ ଆଡ୍‌ଭୋକେଟ୍ ଅନାଥବନ୍ଧୁ ରାୟ ତାଙ୍କର ସ୍ୱଭାବଗମ୍ଭୀର ନାଟକୀୟ ସ୍ୱରରେ ବଙ୍ଗଭାଷାରେ ମୁହେଁ ମୁହେଁ ଆବୃତ୍ତି କରିଥିଲେ ମୋଗଲମହିଷୀ ମନୀଷିଣୀ 'ନୁରଜାହାନ'ଙ୍କ ଏକାଙ୍କିକ ଜୀବନର ଏକ ବୈପ୍ଳବିକ ଚିତ୍ର ପର୍ଯ୍ୟାୟ ; ତାହା ସଙ୍ଗେ ସଙ୍ଗେ ସ୍ୱଳ୍ପାୟତନ ସେହି ଲଦ୍‌ଫଳାପଟିକୁ ଭାବଗମ୍ଭୀର ସାବଲୀଳ ନାଟକୀୟ ଛଟାରେ ରୂପଦାନ କରିବାପାଇଁ ଓଡ଼ିଆଭାଷାର ବଳିଷ୍ଠ ଶବ୍ଦତାକତ ସମ୍ବନ୍ଧରେ ଦେଇ-ଥିଲେ ମତେ ଗୁଓ-ଏନ୍-ଲଇର ସାମରିକ ଆହ୍ୱାନ । ସେଇ ସ୍ପର୍ଦ୍ଧ ଆହ୍ୱାନର ସାବେଶିତ ଉତ୍ତର ହେଉଛି ସାତଦିନେ ସମାପିତ ମୋର ଏଇ ମରୁସମ୍ଭବା ଯାହା ତାଙ୍କ ଅବିଜ୍ଞ ଧାରଣାକୁ ସମ୍ପୂର୍ଣ୍ଣ ଓଲଟପାଲଟ କରିଦେଇଥିଲା ଅତି ବିସ୍ମୟକରଭାବରେ । ଏହି ଲେଖାଟିର ଯାହା କିଛି ସାର୍ଥକତା ବା କୃତିତ୍ୱ, ସବୁ ହେଉଛି ମର୍ତ୍ତ୍ୟମେନକା ସେଇ 'ମେହେରଉନ୍ନିସା'ଙ୍କର—ମୋ କଲମର କେବଳ ଅସ୍ତିତ୍ୱ ରହିଛି ତାଙ୍କୁ ଚିହ୍ନିବାର ଆନ୍ତରିକ ପ୍ରୟାସରେ, ଆଉ ତାଙ୍କର ସଂକଳ୍ପ-ସିଦ୍ଧ ବ୍ୟକ୍ତିତ୍ୱର ଭଙ୍ଗିମାକୁ ଯଥାର୍ଥ ମୂଲ୍ୟ ଦେବାରେ । ସସାଗରା ବସୁନ୍ଧରାକୁ ବାରବନିତା ଭଳି ଉପଭୋଗ କରିଛନ୍ତି ଯେଉଁ ପଶୁବଳଧାରୀ ବର୍ବର ଦୁରାତ୍ମା ଦଳ, ସେମାନଙ୍କ କଳଙ୍କ-କଳୁଷିତ ନାମ ସବୁ ହରାଇଛି ସେହି ଭୁଞ୍ଜିତା ଧରିତ୍ରୀର ଧୂସର ଧୂଳିଗର୍ଭରେ; କିନ୍ତୁ ଏହି ମହୀୟସୀ ମହିଳାଙ୍କ ଜୀବନ-ବୃତ୍ତାନ୍ତ ଯାବତ୍ ଚନ୍ଦ୍ରାର୍କେ ଯାପିରହିଥିବ ନାରୀଜଗତର କଳଜାଭିତରେ ।

ଲେଖକ

୪. ୭. ୧୯୬୦

Digitized by srujanika@gmail.com

ସୂଚିପତ୍ର

ପୃଷ୍ଠା

ପଶ୍ମମେଳା ୯

ହାସ୍ୟମୟୀ ୧୫

ମରୁର ଦାନ ୨୩

ଅନ୍ୟହସ୍ତା ୩୩

ପୂର୍ବାସ୍ୱନ ୪୫

ଶେର୍‌କା ବଚ୍ଚା ... ୫୩

ଷୀର ବାଦୁଡ଼ା ... ୬୧

ସବୁ ଶେଷ ୬୭

ପ୍ରତିହିଂସା ୭୭

ଉପେକ୍ଷିତା ୮୫

ଶାପେ ବର ୯୧

ଆତ୍ମଦର୍ଶନ ୯୯

ଘଣାଭଙ୍ଗ ... ୧୦୫

ଅସ୍ଥତନ୍ତ୍ର ... ୧୧୭

ଅଭସ୍ପୃହା ... ୧୨୭

Digitized by srujanika@gmail.com

Digitized by srujanika@gmail.com

ପରୀମେଳା

ନଗରୀରାଣୀ ଆଗ୍ରାର କଳାସମୃଦ୍ଧି ମୋଗଲ ରାଜ-ପୁରୀ । ସାଜସଜ୍ଜାର ଚାକ-ଚକ୍ୟ, ସଂଭୋଗର ସମୃଦ୍ଧ ସମ୍ଭାର ଓ ସୁରୁଚିର ଅଳଂକରଣରେ ଉଦ୍ଭାସିତ ସୁପ୍ରସର ପ୍ରତ୍ୟେକ କକ୍ଷ । ମୋ ଗ ଲ - ମସନଦର ଖ୍ୟାତନାମ୍ନୀ ଶାହାନଶାହ ଆକବର ସେତେବେଳକୁ ଅତି ବୃଦ୍ଧ । ଅଙ୍ଗ ପ୍ରତ୍ୟଙ୍ଗର ଶିରାଏ ଶିରାଏ ଜରାର ଅଧୃଷ୍ୟ ଅଭିଯାନ । ତଥାପି ମନ-ମାନସସରୋବରରେ ସୌନ୍ଦର୍ଯ୍ୟ-ସ୍ୱର୍ଣ୍ଣହଂସୀର ଚଳକ୍ରୀଡ଼ ଗତିଭଙ୍ଗୀର ପ୍ରମୁଦିତ ସୌଖୀନତା । ତାଙ୍କର ପୃଷ୍ଠ-ପୋଷଣରେ ଲାଗିଥାଏ ସଦା ଆନନ୍ଦ-ଅମୋଦର ପର୍ବ, ଶୁଭୁଥାଏ ଶିଞ୍ଜିନୀର ସୁମଞ୍ଜୁଳ ରବ । ମର୍ତ୍ତ୍ୟରମା ଶତ ଶତ ମନୋରମାର କଳମୂର୍ଚ୍ଛନାରେ ଅନ୍ତଃପୁର ହେଉଥାଏ ସଙ୍ଗୀତଉଚ୍ଛଳ ।

ଗୃହଁ ଗୃହଁ ନୂତନ ବର୍ଷର ହେଲା ଶୁଭ ଆଗମନୀ । ସବୁ ବର୍ଷପରି ସମଗ୍ର ରାଜଧାନୀରେ ଆରମ୍ଭ ହୋଇଯାଇଛି ନବ ବର୍ଷର ମହୋତ୍ସବ—'ନଓରୋଜ' । ପୁରେ ପୁରେ ଆୟୋଜନାର ଘୋର ଘନଘଟା—ବାଟେ ଘାଟେ ସାନ୍ଦ୍ରୀଭୂତ ବିପୁଳ ଜନତା । ଆଗ୍ରାନଗରୀର ଅଙ୍ଗେ ଅଙ୍ଗେ ବର୍ଷବନ୍ଦାଣର ଉନ୍ମାଦ ରୋମାଞ୍ଚ ।

Digitized by srujanika@gmail.com

ଦିଲ୍ଲୀ ସାମ୍ରାଜ୍ୟେଶଙ୍କର ଧବଳ ପ୍ରାସାଦ ଇନ୍ଦ୍ରପୁରୀଠାରୁ ମଧ୍ୟ ହୋଇଉଠିଛି ଆଜ ଆହୁରି ଶୋଭାମୟ, ଆହୁରି ଲୋଭମୟ । ପାରମ୍ପରିକ ରୀତିରେ ତାହାରି ସୁପ୍ରଶସ୍ତ ଅଙ୍ଗନରେ ମେଳଯାଇଛି ବାର୍ଷିକ ପଣ୍ୟମେଳା— ମୋଗଲମାନଙ୍କ ଭାଷାରେ 'ମିନାବଜାର' ଅର୍ଥାତ୍ 'ସୁନ୍ଦରୀ-ହାଟ' । ଦିଲ୍ଲୀ-ବାଦଶାଙ୍କର ଏହା ଏକ ଚତୁର ସୃଜନ । ଏହି ବିଚିତ୍ର ବଜାରରେ, ପୌରାଣିକ ନାରୀମୟ 'ପ୍ରମିଳା ରାଜ୍ୟ'ର ବିଧାନ ପରି, ସାର୍ବଭୌମ ଅଧିକାର କେବଳ ରୂପଲକ୍ଷ୍ମୀ ନାରୀଙ୍କର, ପୁରୁଷଗୋଷ୍ଠୀର ପ୍ରବେଶ ଏଠାରେ ସମ୍ପୂର୍ଣ୍ଣ ନିଷିଦ୍ଧ ।

ନବ ବର୍ଷ ଉତ୍ସବରେ ନାଗରୀ-ଶୋଭନ ମିନାବଜାରହିଁ ନାରୀ-ମହଲର ସର୍ବଶ୍ରେଷ୍ଠ ଆକର୍ଷଣ । ଏହି ବଜାରରେ କ କ୍ରେତା କ ବିକ୍ରେତା ସମସ୍ତେ ତରୁଣୀ, ସମସ୍ତେ ସୁନ୍ଦରୀ । ସବୁରି ଅଙ୍ଗରେ ରୂପ-ତରଙ୍ଗର ଭୁଙ୍ଗିମା, ଭ୍ରୂ-ବିଭ୍ରମର ଭଙ୍ଗିମା, ଅଧରୋଷ୍ଠର ରଙ୍ଗିମା । ବୋଲିବା ବାହୁଲ୍ୟ ଯେ, ଏହି ରମ୍ୟାଙ୍ଗୀମାନଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ବାଦଶାଙ୍କ ହାରେମର ଗୋଟିଏ ଗୋଟିଏ ଉଜ୍ଜ୍ୱଳ ରତ୍ନ ।

ଏମାନଙ୍କ ଛଡ଼ା ବାହାରର ବହୁ ଖାନଦାନ ଘରର ବଚ୍ଛା ବଚ୍ଛା ରୂପବତୀ ମଧ୍ୟ ଯୋଗ ଦିଅନ୍ତି ଏହି ପଣ୍ୟ-ହାଟରେ । ସେଥିମଧ୍ୟରୁ କେହି କିଶୋରୀ, କେହି ନବକୁଳାଙ୍ଗନା, କେହି କେହି ବା ସେମାନଙ୍କର ସଖୀ ସହଚରୀ, ଅନୁଚରୀ ପରିଚରୀ । ସମସ୍ତେ ସମାନପ୍ରାୟ ରୂପଗରିମାରେ—କେହି କାହାରିଠୁଁ ଊଣା ନୁହନ୍ତି ହାସରସିକତାରେ ।

ମୋଟ ଉପରେ କହିବାକୁ ଗଲେ ବାଦଶା ପରିବାର ସହିତ ଯେଉଁମାନେ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ସଂପୃକ୍ତ, କେବଳ ସେହି ଭାଗ୍ୟଧରମାନଙ୍କ ଘରର ଲଳନାଙ୍ଗୀମାନେହିଁ ମିନାବଜାରର କାରବାରରେ ଅଂଶ ନେବାପାଇଁ ଲାଭ କରିଥାନ୍ତି ଅବାଧ ଛାଡ଼ପତ୍ର ।

ଏହିରୂପେ ପ୍ରତ୍ୟେକ ନବ ବର୍ଷର ପ୍ରଥମ ଦିବସରେ ରାଜଭବନଟି ଚରମ ଉପଭୋଗ୍ୟ ହୋଇଥାଏ ବିଳାସରସିକା ଅସଂଖ୍ୟ ରୂପସୀଶ୍ରେଷ୍ଠାଙ୍କର ଅପୂର୍ବ ସମ୍ମେଳନରେ ।

ସ୍ୱୟଂ ଶାହାନଶାହ ଏହି ମେଳାର ପୃଷ୍ଠପୋଷକ, ପ୍ରୋତ୍ସାହକ ଓ ସାଫଲ୍ୟକାମୀ । ତେଣୁ ସେ ଯେ ମେଳା ପରିଦର୍ଶନ କରିବାକୁ ଆସିବେ ନିଜ କୃତିତ୍ୱର ଗୌରବ ଅନୁଭବ କରିବାପାଇଁ, ଏହା ଅତି ସ୍ୱାଭାବିକ । ମାତ୍ର

Digitized by srujanika@gmail.com

ମିନାବଜାରମଧ୍ୟକୁ ପୁରୁଷମାନଙ୍କର ପ୍ରବେଶାଧିକାର ନ ଥିବାରୁ ତାଙ୍କୁ ମଧ୍ୟ ଆସିବାକୁ ହୁଏ ବାଧ୍ୟତଃ ନାରୀବେଶରେ—ଆପାଦମସ୍ତକ ବୋରଖାବୃତ ହୋଇ ।

ଏହାହିଁ ଥିଲା ବାଦଶାଙ୍କର ମିନାବଜାର-ପରିଦର୍ଶନର ନିୟମବଦ୍ଧ ପଦ୍ଧତି । ସେହି ବୋରଖାର ଆବରଣଭିତରୁ ବାଦଶାଙ୍କ ଶିକାରୀ ଚକ୍ଷୁ ଏକ ଏକ କରି ଦେଖିନିଏ ସମସ୍ତ ଦୋକାନ । ଯାଆନ୍ତି ସେ ପ୍ରତି ଦୋକାନକୁ, ଦେଖନ୍ତି ସେ ନୟନରୋଚକ ଓ ଚିତ୍ତରଞ୍ଜକ ଯାବତୀୟ ଦ୍ରବ୍ୟ । ତାହା ସଙ୍ଗେ ସଙ୍ଗେ ମଧ୍ୟ ଦେଖିନିଅନ୍ତି ଦୋକାନଗୃହିଣୀମାନଙ୍କର ସୌନ୍ଦର୍ଯ୍ୟ-ମାଧୁରୀ । ମନ ପାଇଲେ ଦସ୍ତୁରମତେ ଦରଦାମ୍ କରି କୌଣସି କୌଣସି ଦୋକାନରୁ ହୀରା-ଜହରତ କିଣିନିଅନ୍ତି ଅନ୍ତଃପୁର ଆଲୋକିତ କରିବା ଲାଗି ।

ଦୋକାନଗୃହିଣୀ ସୁରସିକା ହୋଇଥିଲେ ବେଳେ ବେଳେ ବାଦଶାଙ୍କୁ ବାକ୍ୟଗୁଚ୍ଛିରେ ବିମୋହିତ କରି କୌଶଳରେ ଆଦାୟ କରିନିଏ ଚଡ଼ା ଦାମ୍ । ବହୁ ବହୁମୂଲ୍ୟ ଦ୍ରବ୍ୟ କ୍ରୟ କରିବା ସଙ୍ଗେ ସଙ୍ଗେ ମୋଗଲାଧିପ ଏହି ମେଳାରୁ ଆହରଣ କରନ୍ତି ଦୁର୍ଲଭ ରୂପଶ୍ରୀ । ଫଳରେ ପରଦିନ ଅନ୍ତଃପୁରରେ ତାଲିକାଭୁକ୍ତ ହୁଏ ନୂତନ ନୂତନ କେତେ ସୁନ୍ଦରୀ-ରତ୍ନର ନାମ । ପ୍ରତି ବର୍ଷ ମେଳା-ଉଦ୍ୟାପନପରେ ଏହିରୂପେ ପୁଷ୍ଟ ହୋଇଉଠୁଥାଏ ସୁନ୍ଦରୀ ତାଲିକାର ଅଙ୍ଗ ।

ନଓରୋଜର ମିନାବଜାର ଯେପରି ଆକର୍ଷଣୀୟ ବାଦଶାଙ୍କପାଇଁ, ସେହିପରି ମଧ୍ୟ ଆକର୍ଷଣୀୟ ରାଜଧାନୀର ନାମଜାଦା ବଡ଼ଘରଗୁଡ଼ିକର କୁଳବଧୂ-କୁଳକନ୍ୟାଙ୍କ ମାଧ୍ୟମରେ ସେମାନଙ୍କ ଅଭିଭାବକମାନଙ୍କପାଇଁ । ସମ୍ରାଟ୍‌ପରିବାର ସହିତ ଯୋଗସୂତ୍ର ସ୍ଥାପନ ଲାଗି ଏହାହିଁ ଥିଲା ବର୍ଷମଧ୍ୟରେ ଏକମାତ୍ର ସୁବର୍ଣ୍ଣ ସୁଯୋଗ ଏବଂ ବ୍ୟକ୍ତିଗତ ଫାଇଦା ହାସଲର ପ୍ରକୃଷ୍ଟ କୂଟନୈତିକ ମାର୍ଗ । ବାଦଶା-ଧରା ଯାହାର ଲକ୍ଷ୍ୟ, ଏହାଠୁଁ ବଳି ସହଜ ସୁନ୍ଦର ଫାନ୍ଦ ଆଉ କଣ ହୋଇପାରେ ତା ପକ୍ଷରେ ?

ରାଜପୁତମାନେ କିନ୍ତୁ ନିଜ ଗୃହର କନ୍ୟା-ବଧୂଙ୍କୁ ମିନାବଜାର ପଠାନ୍ତି ନାହିଁ ପ୍ରାୟଶଃ । ସେମାନଙ୍କ ମତରେ, ସେଠାକୁ ପଠାଇବାର ଏକମାତ୍ର ଅର୍ଥ—ଇଜ୍ଜତ ବିକିବା ଓ ତତ୍‌ସଙ୍ଗେ ବଂଶମୁହଁରେ କାଳକାଳପାଇଁ

Digitized by srujanika@gmail.com

କାଳ ବୋଲିବା । ଏଣୁ ରାଜପୁତରମଣୀଙ୍କର ମୁଖଦର୍ଶନ ମିନାବଜାରରେ ସାଧାରଣତଃ ହୋଇଥାଏ ଏକାନ୍ତ ବିରଳ, ନତୁବା ସମ୍ପୂର୍ଣ୍ଣ ଦୁଷ୍ପ୍ରାପ୍ୟ ।

ଥରେ ଜଣେ ରାଜପୁତ ତାର ସ୍ତ୍ରୀ, କନ୍ୟା-ପୁତ୍ରବଧୂ ଆଦିଙ୍କୁ ଗୋପନରେ ମିନାବଜାର ପଠାଇଲା ସ୍ୱାର୍ଥପୂରଣର ହୀନ ଅଭିସନ୍ଧି ରଖି । ଅନ୍ୟ ଜଣେ ରକ୍ଷଣଶୀଳ ରାଜପୁତ ଅତି ସତର୍କଭାବରେ ତାହା ଲକ୍ଷ୍ୟ କଲା ଅଲକ୍ଷ୍ୟରେ ଥାଇ । ପର ଦିନ ଘଟଣାଟି ପ୍ରଘଟ ହୋଇଗଲା ନଗରର ଗୃହେ ଗୃହେ ବ୍ୟାପକଭାବରେ । ନିଜର ଅକ୍ଷମଣୀୟ ତ୍ରୁଟିପାଇଁ ସମଗ୍ର ରାଜପୁତଗୋଷ୍ଠୀର ତୀବ୍ର ବିଦ୍ରୂପ, ଭର୍ତ୍ସନା, ତାଚ୍ଛଲ୍ୟର ଶରବ୍ୟ ହେବାକୁ ପଡ଼ିଲା ଅଦୂରଦର୍ଶୀ ସେହି ରାଜପୁତ-ପରିବାରଟିକୁ ।

ବୀର ରାଜପୁତ ଜାତିର ଏହି ଚରିତ୍ରଗତ ଗୃହନିକ ନିର୍ମଳତା ପ୍ରଭାବ ପକାଇପାରିଥିଲା ଅନେକ ମୋଗଲ ପରିବାରରେ । ତେଣୁ ସମୟ ସମୟରେ ସ୍ୱୟଂ ମୋଗଲପତିଙ୍କର ସମ୍ମାନ ମଧ୍ୟ କ୍ଷୁଣ୍ଣ ହେଉଥିଲା କୌଣସି କୌଣସି ଦୁଶ୍ଚରିତ୍ରା ମୋଗଲରମଣୀ-ହସ୍ତରେ ।

ଜନଶ୍ରୁତି କହେ, ଥରେ ମିନାବଜାରର ଜଣୈକା ମୋଗଲମହିଳା ମର୍ମାହତ ହେଲା ସମ୍ରାଟ୍ ଆକବରଙ୍କର ଅଶୋଭନୀୟ ପ୍ରସ୍ତାବ ଶୁଣି । ମୋଗଲମହିଳାଟି ସଲଜ୍ଜ ଭଙ୍ଗୀରେ ଆଶାୟୀ ସମ୍ରାଟ୍ଙ୍କ ସାଦର ଆମନ୍ତ୍ରଣକୁ ସ୍ୱାଗତ କରିବା ତ ଦୂରର କଥା, ତା ପରିବର୍ତ୍ତେରେ କାଞ୍ଚୁଲିର ଅନ୍ତରାଳରୁ ସେହି ମୁହୂର୍ତ୍ତରେ ତୀକ୍ଷ୍ଣ ଛୁରିକାଟିଏ ବାହାର କରିଆଣି ଆକବରଙ୍କ ଘୃଣ୍ୟ ପ୍ରସ୍ତାବର ସମୁଚିତ ଉତ୍ତର ଦେଲା ରୋଷ-ଘୂର୍ଣ୍ଣିତ କୁଟିଳ-କଟାକ୍ଷରେ । ଶୁଚିଶୀଳା ମୋଗଲମହିଳାର କୌଳୀନ୍ୟଗର୍ବ, ଆତ୍ମସମ୍ମାନରୁଚି ଓ ଅକଳଙ୍କ ଚରିତ୍ରନିଷ୍ଠାର ଏତାଦୃଶ ଉଗ୍ର ତେଜ ଦେଖି ଅପ୍ରତିଭ ଆକବର ଘୋର ଲଜ୍ଜା ଓ ଆତ୍ମଗ୍ଲାନିରେ ଅଧୋମୁଖ ହୋଇ ଅନ୍ୟତ୍ର ପଳାଇଯିବା ଛଡ଼ା ପାଇଲେ ନାହିଁ ଅନ୍ୟ ଉପାୟ । ତାଙ୍କ ରାଜମୁକୁଟର ଉଜ୍ଜ୍ୱଳ ଆଭାରେ ବୋଳିହୋଇଗଲା ଦୁର୍ବଳତାର ଦୁରପନେୟ ମାଳିନ୍ୟ । ଏଭଳି ଗ୍ଲାନିକର ଘଟଣାର ପୁନରାବୃତ୍ତି ହୋଇ ନାହିଁ ଆଉ ସମ୍ରାଟ୍ଙ୍କର ପରବର୍ତ୍ତୀ ଜୀବନରେ କେବେ ।

ଏଇ ହେଲା ମିନାବଜାରର ସ୍ଥୂଳ ପରିଚୟ ।

Digitized by srujanika@gmail.com

Digitized by srujanika@gmail.com

Digitized by srujanika@gmail.com

ହାସ୍ୟମୟୀ

ଜରାଗ୍ରସ୍ତ ଜୀବନର ଅବସାଦ ଯୋଗୁଁ ଆକବର ବାଦଶାଙ୍କ ପକ୍ଷରେ ମିନାବଜାରର କୌତୁକମୟ ପରିବେଶରେ ପୂର୍ବପରି ସକ୍ରିୟ ଅଂଶ ନେବା ଅସମ୍ଭବ—ଅନାବଶ୍ୟକ ମଧ୍ୟ । ତେଣୁ ସେ ଆଜ ବଳଭିରେ ବସି ବାତାୟନ-ପଥରୁ ଜଣେ ଅକ୍ଷମ ଦୂରଦର୍ଶକ ମାତ୍ର । ତାଙ୍କ ପରିବର୍ତ୍ତିରେ ସକ୍ରିୟ ଦର୍ଶକ ଓ କ୍ରେତାରୂପେ ଶୁଭାଗମନ କରିଛନ୍ତି ଉତ୍ତରଦାୟାଦ ବିଳାସରସିକ ଶାହଜାଦା ସେଲମ ।

ସୁଢ଼ଳତନୁ ଯୁବରାଜ ମିନାବଜାରର ଏକ ପ୍ରାନ୍ତରୁ ଅପର ପ୍ରାନ୍ତଯାଏ ବାରବାର ବୁଲୁଛନ୍ତି ଉଚ୍ଛ୍ୱସିତ ଆନନ୍ଦରେ । କ୍ଷଣେ ଏକ ଦୋକାନରେ ତ ପରକ୍ଷଣରେ ଅନ୍ୟ ଦୋକାନରେ କରୁଛନ୍ତି କ୍ଷିପ୍ର ପଦପାତ । ପ୍ରତି ଦୃଷ୍ଟି-କ୍ଷେପରେ, ପ୍ରତି ପାଦକ୍ଷେପରେ ଯୌବନର ଉଦ୍ଦାମତା ।

ସର୍ବାଙ୍ଗ ବୋରଖାରେ ଆବୃତ । ହସ୍ତରେ ଯୋଡ଼ିଏ ଶଙ୍କିତ ପାରାବତ । କମ୍ପିତପକ୍ଷ ସେହି ବିହଙ୍ଗମିଥୁନ ସତେ ଯେପରି ମୃଦୁମଧୁର

Digitized by srujanika@gmail.com

କୂଜନରେ ଜଣାଇଦେଉଛନ୍ତି ଯୁବରାଜଙ୍କ ହୃଦୟର ଗୋପନ ବାର୍ତ୍ତା—ମାନସ-ବିହଙ୍ଗ ତାଙ୍କ ଖୋଜିବୁଲେ ସଙ୍ଗିନୀ ବିହଙ୍ଗୀ ।

ନାରୀ-ସମୁଦ୍ରର ଏକ କୋଣପ୍ରାନ୍ତେ ସେଲିମଙ୍କର ହେଲା ସହସା ଦୃଷ୍ଟିପାତ । ସେଠାରେ ଦଣ୍ଡାୟମାନ ଥିଲା ସ୍ତମ୍ଭିତବକ୍ଷା ଏକ ଅନିନ୍ଦ୍ୟା ତରୁଣୀ—ମୁକ୍ତ-ବେଣୀ । ରୁଜୁ-ଗାତ୍ରୀ । ଖଞ୍ଜନ-ନୟନୀ । କମ୍ବୁ-ଗ୍ରୀବା । କାଞ୍ଚନ-ପ୍ରଭା । କଟି-କ୍ଷୀଣା । ଡାଳମ୍ବ-ଦଶନା । ଚମ୍ପକାଙ୍ଗୁଳି । ଶମ୍ପା-ଝଳ । ଭ୍ରୂଯୁଗରେ କଳା ଭଅଁରର ଖେଳା । ନଟୋଳ ନିଟଳରେ ଚୂର୍ଣ୍ଣଚିକୁରର ଦୋଳା । ବିମ୍ବୋଷ୍ଠରେ ହିମଝଲମଲ ହାସ୍ୟ । ଗୁରୁ ଅପାଙ୍ଗରେ ଚଳଚଞ୍ଚଳ ଲାସ୍ୟ । ପରୀମେଳାରେ ଆବିର୍ଭୂତା ଏହି ଅଲୌକସାମାନ୍ୟା! ସତ୍ୟେ ସତ୍ୟରେ ଏକ ପରୀକନ୍ୟା । ତା ନୋହିଥିଲେ ଯୌବନ-ରସାଣିତ ନଖରୁ ନଖପାଏ ପ୍ରତି ଅଙ୍ଗରୁ ତାର ଉପୁଚି ଉଠୁ ନ ଥାନ୍ତା ଆଖି-ଝଲସିଆ ଏତେ ଜ୍ୟୋତି-ଛଟାର ଝଲକ ।

ମୀନାକ୍ଷୀର ଅନ୍ୱେଷୀ ଚକ୍ଷୁ ନ ଥାଏ ସେତେବେଳେ ନିଜ ଆୟତ୍ତରେ । ବୟଃସନ୍ଧିର ସ୍ୱଭାବସୁଲଭ ଲଗାମଛିଡ଼ା ଦୃଷ୍ଟି ମିନାବଜାରର ଚତୁର୍ଦ୍ଦିଗ-ଚତୁଷ୍କୋଣ ଖେପି ଯାଉଥାଏ କ୍ଷିପ୍ରତର ବେଗରେ ଡେଇଁ ଡେଇଁ । ଚକିତପ୍ରେକ୍ଷଣା ଗଣବଣା ଏଣୀ ପ୍ରାୟ ଅତି ତରଳ ଚାହାଣି । ଏହି ରୂପସୀ-ପ୍ରଦର୍ଶନୀରେ ସେ ବୋଧ ହୁଏ ସମ୍ପୂର୍ଣ୍ଣ ନୂତନା—ଏହି ବର୍ଷହିଁ ପ୍ରଥମ ଆଗନ୍ତୁକା ।

ହଠାତ୍ ଚଳାପାଙ୍ଗୀର ଦୃଷ୍ଟି ଭୂତଳରୁ ଲମ୍ଫ ଦେଲା ସୁଦୂର ଶୂନ୍ୟକୁ । ଊର୍ଦ୍ଧ୍ୱକୁ ମୁଖ ଟେକି ଲକ୍ଷ୍ୟ କଲେ ସେଲିମ—ଧବଳ ବଳାକପଙ୍କ୍ତି ଗଗନାଙ୍ଗନରେ ଦୀର୍ଘ ରେଖା ଆଙ୍କି ଆଙ୍କି ଉଡ଼ିଯାଉଛନ୍ତି ତୀର୍ଥଯାତ୍ରିଦଳ ପରି । ନିର୍ନିମେଷ ନୟନରେ ସେହି ଦୃଶ୍ୟପଟକୁ ଅନାଇରହିଛି ଅନୂଢ଼ା । ନିବଦ୍ଧ ଦୃଷ୍ଟି ତାର ସେହି ଚଳରେଖାର ପଛେ ପଛେ ଧାଇଁଛି ଶିକାରୀ ଶ୍ୟେନ ପ୍ରାୟ । ଲବଣ୍ୟମୟୀର ସୌନ୍ଦର୍ଯ୍ୟ-ତୃଷ୍ଣାକୁ ମନେ ମନେ ପ୍ରଶଂସା ନ କରି ରହିପାରିଲେ ନାହିଁ ଯୁବରାଜ । ତାଙ୍କ ମନ-ମାନସସରୋବରରେ ଭାବନା-ମରାଳୀଟିଏ ପହଁରିବାକୁ ଲାଗିଲା ରୁପେଲି ଡେଣା ଝାଡ଼ି ଝାଡ଼ି—ଶୁଭ୍ରମୁକ୍ତାହାରଭୂଷିତା ଏହି ନୀଳାମ୍ବରୀ ତରୁଣୀ ନିକଟରେ ଶୁଭ୍ରବଳାକ-ହାରଭୂଷିତ ନୀଳାମ୍ବର ନଭ ପରାଭବ ମାନି ସଢ଼ିଯାଏ ସିନା ଲଜ୍ଜାରେ !

Digitized by srujanika@gmail.com

Digitized by srujanika@gmail.com

Digitized by srujanika@gmail.com

ବଳାକମାଳିକା ଦୃଷ୍ଟିସୀମାରୁ ଅପସୃତ ହୋଇଯାନ୍ତେ ନଭୋବର୍ତ୍ମରୁ ଚକ୍ଷୁ ପ୍ରତ୍ୟାବର୍ତ୍ତନ କରି ମିନାବଜାର-ପରିସରଉପରେ ପୁଣି ପ୍ରସାରିତ କଲା ନୀଳବସନା ସୁନ୍ଦରୀ । ତାହାକୁ ପ୍ରଥମେ ନେଇଥିବାବେଳେହିଁ ସେଲିମଙ୍କ ଲୋଲୁପ ଲୋଚନ ପାଇଥିଲା ଏକ ନୂତନ ସ୍ୱାଦର ଘ୍ରାଣ । ଅନ୍ତରକୁ ତାଙ୍କର ଶିହରିତ କରିଥିଲା ସେଇଥିଲାଗି ଚରମକା ସ୍ପର୍ଶ । ଏବେ ଆବେଗୋଚ୍ଛଳ ଅସମ୍ଭାଳ ପ୍ରାଣରେ ବଜ୍ରାଳୁ ପରି ଛୁଟିଗଲେ ସେ ବର-ବର୍ଣ୍ଣିନୀ ସନ୍ନିଧିକି । ଦୁଇ କମ୍ର କରରେ ତାର ପାରାହଓଟି ଗୁଞ୍ଜିଦେଇ ବିଦ୍ୟୁଦ୍-ବେଗରେ ପୁଣି ଛୁଟିଆସିଲେ ଅନ୍ୟ ଦିଗକୁ । ତରୁଣୀ ଅବାକ୍ ହୋଇ ଗୁହିଁରହିଲା ଅପରିଚିତର ଗତିପଥକୁ ବିସ୍ମୟ-ବିସ୍ଫାରିତ ନୟନରେ । ମନେ ମନେ ଭାବୁଥାଏ, ଏଭଳି ପ୍ରଗଲ୍‌ଭ କୌତୁକର ସୀମାନ୍ତ କେଉଁଠି—କି ରହସ୍ୟ ଥାଇପାରେ ଅନ୍ତରାଳରେ ଯାର ?

ଶାହଜାଦା କିଛି ସମୟ ଏଣେତେଣେ ନିରର୍ଥକ ବୁଲି ପୁଣି ଫେରିଆସିଲେ ସେହି ଅଭିଳଷିତ ସ୍ଥାନକୁ । ସେତେବେଳପର୍ଯ୍ୟନ୍ତ ଚଳଚ୍ଚିତ୍ର ତରୁଣୀଟି ଶିଳପୁତ୍ତଳୀ ପରି ଠିଆ ହୋଇ ରହିଥାଏ ନୀରବରେ । ଏଣେ ପକ୍ଷିବିଳାସୀର ପ୍ରାଣରେ ଉଠିଲା ହରଷପୂରି ଉଚ୍ଛଳ ଉର୍ମି । ଏ କଣ ? ତା ହାତରେ ଗୋଟିଏ ପାରାବତ କାହିଁକି ? ସାଥୀଟି ତେବେ ଗଲା କୁଆଡ଼େ ? କାରଣର କୌଣସି କୂଳକିନାରା ନ ପାଇ ଉତ୍କଣ୍ଠାତିଶଯ୍ୟରେ ଜିଜ୍ଞାସିଲେ ସେଲିମ :

"ଦୂସ୍‌ରା କିଡ଼ାସ୍ଥା କାହାଁ ଗୟୀ ?"

"ଉଡ଼୍ ଗୟୀ !"

—ମୁରୁକି ହସି ଉତ୍ତରିଲା ତରୁଣୀ ।

"କ୍ୟାସ୍ସେ ?"

—କୁତୂହଳୀ ପ୍ରେମିକର ପ୍ରଶ୍ନ ।

"ଯ୍ୟାସ୍ସେ !"

—କହୁଁ କହୁଁ ହାତର ଅନ୍ୟ ପାରାଟିକି ଉର୍ଦ୍ଧ୍ୱାୟନକୁ ଉଡ଼ାଇଦେଲା ହୀରାବତୀ । ପୁଣି ପ୍ରାଣଖୋଲା ହସ ହସି ଛୁଟାଇଦେଲା ଅସରନ୍ତି ଆମୋଦର ସ୍ରୋତସ୍ୱତୀ ।

Digitized by srujanika@gmail.com

ସେଲିମ ନବାକ୍ ରହିଲେ କିଛି କ୍ଷଣ ନବତରୁଣୀର ଚଞ୍ଚଳ ଚପଳ ନିର୍ଭୀକ ସ୍ୱଭାବ ଦେଖି । ଏଇଟା ଯେ ତାର ଔଦ୍ଧତ୍ୟ ବା ଉଚ୍ଛୃଙ୍ଖଳତା ନୁହେଁ, ବୁଝିପାରିଲେ ସେ ବେଶ୍ । ମନ-ଗମ୍ଭୀରର ଥୁଣ୍ଟା ଗଛରୁ ଏହି ସମୟରେ ଡାକ ଦେଲା ଦୂର ଅନାଗତର କପୋତ :

"ଏ ଲଣ୍ଡା ଡାଳରେ ପତର କଅଁଳିବ କେବେ ?"

କୁତୁକମୟୀ ତରୁଣୀଟି ସେହିପରି ବୁଣୁଥାଏ ହାସ୍ୟର ମୌକ୍ତିକ । ଶାହଜାଦା ଉତ୍ଫୁଲ୍ଲ ଅଧରକୁ ତାର ଗୁହିଁରହିଥାନ୍ତି ବିମୁଗ୍ଧ ଦୃଷ୍ଟିରେ । ସେହି ଉଚ୍ଛଳା ହସର ପ୍ଲାବନୀ ପୂର୍ଣ୍ଣିମାରେ ନୂତନାର ସର୍ବାଙ୍ଗ ହୋଇ-ଉଠୁଥାଏ ତରଙ୍ଗଭଙ୍ଗିଳ । ଏଡ଼େ ବଡ଼ ରୂପସୀ-ହାଟରେ ଏଭଳି ମଞ୍ଜୁମଦିର ହସର ଜୁଆର ଏପର୍ଯ୍ୟନ୍ତ ଥିଲା ଦୁର୍ଲଭ । ସତେ ଯେପରି ତା ମଧ୍ୟରେ ଛପିରହିଛି ଅଦୃଶ୍ୟ କାହାର ଇଙ୍ଗିତରେ ଯାଦୁର ମଧୁର ମାଦକତା ।

ଆପ୍ଲୁତଲୋଚନାର ଉତ୍ତରଳ ହାସ୍ୟୋଚ୍ଛ୍ୱାସରେ ଅନାୟତ୍ତ ହୋଇ-ଉଠିଲେ ରୂପରଙ୍ଗ ଶାହଜାଦା ସେଲିମ । ମିନାବଜାରର ସର୍ବଶ୍ରେଷ୍ଠ ବିଭବ ସେହି ଅତୁଳ ଅମଳ ହସଟିକୁ ଗଣ୍ଠିଧନରୂପେ ଚିତ୍ତ-ପେଡ଼ିରେ ସାଇତିରଖି ନିଜ ନିଭୃତ କକ୍ଷକୁ ବାହୁଡ଼ିଆସିଲେ ମୋଗଲ ମସନଦର ଭାବୀ ଅଧିକାରୀ । ସେଇ ହେଲା ତାଙ୍କ ଜୀବନର ପରମକାଂକ୍ଷିତ ଅମୂଲ୍ୟ ସ୍ୱପ୍ନ ।

ସ୍ୱପ୍ନସର୍ବସ୍ୱ ହୋଇ ଯେଉଁମାନେ କେବଳ କଳ୍ପନାର ସପ୍ତତଳ ହର୍ମ୍ୟ ଗଢ଼ିବାରେ ଆତ୍ମତୃପ୍ତିକୁ ପର୍ଯ୍ୟବସିତ ରଖନ୍ତି, ସେମାନଙ୍କ ଭଳି ନିଷ୍ଫଳ-କର୍ମା ନୁହନ୍ତି ଦିଲ୍ଲୀର କୌଣସି ମୋଗଲ ବାଦଶା । ଦୁର୍ବଳ ଉପାଦାନରେ ଆଦୌ ଗଢ଼ା ନୁହେଁ ସେମାନଙ୍କର ମନୋଧର୍ମ । ସମସ୍ତଙ୍କ ଆକାଂକ୍ଷା ହିମାଚଳ-ଚୂଡ଼ା ପରି ନଭସ୍ପର୍ଶୀ । ସମସ୍ତେହିଁ ଆଫଳୋଦୟକର୍ମା ।

ସ୍ୱପ୍ନର ଜାଲମଧ୍ୟରୁ ବାସ୍ତବତାର ସୂକ୍ଷ୍ମ ଖିଅ କାଢ଼ିବାହିଁ ବାଦଶା-ରକ୍ତର ବଂଶଗତ ବିଶେଷତ୍ୱ । ତେଣୁ ଶାହଜାଦା ସେଲିମଙ୍କର ସେଦିନର ସ୍ୱପ୍ନ ଅଚିରେ ଚେର ଧରିଆସିଲା ଏକ ଜୀବନ୍ତ କାହାଣୀର ଚେହେରା ଫୁଟାଇବାପାଇଁ ।

Digitized by srujanika@gmail.com

Digitized by srujanika@gmail.com

Digitized by srujanika@gmail.com

ମରୁର ଦାନ

ଓଢ଼ଣୀତଳେ ଷୋଡ଼ଶୀ-ମୁହଁ ଢାଙ୍କି-ହୋଇ ରହିଥିଲେ ହେ ତହିଁର ଝଲକ ପଡ଼େ କୁତୂହଳୀର ଆଖି-ପାଖୁଡ଼ାରେ । ବଉଦ-ପରଦା ଆଢ଼ୁଆଳ ମାଟି-ମରତକୁ ଝର-ଆସେ ଶରଦ-ଶଶୀର ଚହଟ-ଜୁହ୍ନ । ଦିଗନ୍ତ-ଘେରା କୁହୁଡ଼-ଝାଲରର ଜାଲରେ ଉଙ୍କି ମାରେ ଉଦୟୋନ୍ମୁଖ ବାଳଭାନୁର କନକ-ବରନ କଅଁଳ କିରଣ ।

ମିନାବଜାରର ରସୋତ୍ତୀର୍ଣ୍ଣା ହାସ୍ୟ-ମୟୀ ତରୁଣୀଟିର ପିଛିଲା ଇତିହାସ ଠିକ୍ ସେହିପରି ରହସ୍ୟାବୃତ । ସେହି ରହସ୍ୟର ଘନାନ୍ଧକାର ଠେଲି ଦେଖା ଦିଏ ତାର ପରିଚୟର ଶୁଭ୍ରାଲୋକ ।

ବେଶ୍ ଖାନଦାନ ଘରର ଅଲିଅଳି କନ୍ୟା ସେ । ତାର ତନୁ-ସୁଷମାର ମନୋହାରିତା ଯେଉଁପରି ସମ୍ମୋହପର, ପରିବାରର କାହାଣୀ ମଧ୍ୟ ସେହିପରି ରୋମାଞ୍ଚକର । ପିତା ତାର ମିର୍ଜା ଗିୟାସ ବେଗ୍ । ଜନ୍ମଭୂମି ତାଙ୍କର ପାରସ୍ୟ ।

ଗିୟାସଙ୍କ ପିତା ମହମ୍ମଦ ସରିଫ ପାରସ୍ୟବାଦଶାଙ୍କର ଥିଲେ ଅତି ବିଶ୍ୱସ୍ତ ଓ ଅତି ଅନୁଗତ ଜଣେ କର୍ତ୍ତବ୍ୟପ୍ରାଣ ବରିଷ୍ଠ କର୍ମଚାରୀ । କର୍ତ୍ତବ୍ୟନିଷ୍ଠ ହେଲେ ଶତ୍ରୁ କିଛି ଅର୍ଜିବାକୁ ହୁଏ । ଦଳେ ଈର୍ଷାପରାୟଣ ଅସହଣି ଲୋକ ହୋଇଉଠିଥିଲେ ତାଙ୍କର ପ୍ରଚ୍ଛନ୍ନ ଶତ୍ରୁ । ସେହି ଶତ୍ରୁଗୋଷ୍ଠୀ

Digitized by srujanika@gmail.com

ଯେତେ ଦୁରଭିସନ୍ଧିର ଜାଲ ରଚନା କଲେ ମଧ୍ୟ ସରଫ ସାହେବଙ୍କର ଅନିଷ୍ଟ କରିପାରିଲେ ନାହିଁ ଅଣୁମାତ୍ର । ଅବ୍ୟାହତ ସମ୍ମାନର ସହିତ ରାଜକର୍ମ ସମ୍ପାଦନ କରି ପୃଥିବୀ-କୋଳରୁ ବିଦାୟ ନେଲେ ପ୍ରଭୁଭକ୍ତ ସରଫ ।

ପିତୃଗୌରବର ପୁରସ୍କାରସ୍ୱରୂପ ଯୁବକ ଗିୟାସ ତତ୍‌ପୂର୍ବରୁ ଲାଭ କରିଥିଲେ ପାରସ୍ୟ ଦରବାରରେ ଏକ ଦାୟିତ୍ୱପୂର୍ଣ୍ଣ ଚାକିରି । ସରଫଙ୍କ ମୃତ୍ୟୁପରେ ଗିୟାସ ପିତୃବାହୁଛାୟାର ଆଶ୍ରୟରୁ ବଞ୍ଚିତ ହୋଇଗଲେ । ଏହି ସୁଯୋଗରେ ପୂର୍ବୋକ୍ତ ଶତ୍ରୁଦଳ ଅଧିକ ସକ୍ରିୟ ହୋଇ-ଉଠିଲେ । ସେମାନଙ୍କ ଆକ୍ରୋଶ-ଜର୍ଜର ରକ୍ତ ଚକ୍ଷୁ ବିଷ ବୃଷ୍ଟି କଲା ନିରୀହ ଗିୟାସଙ୍କ ଉପରେ । ଫଳରେ କୂଟଚକ୍ର-ଅନଭିଜ୍ଞ ରିକ୍ତହସ୍ତ ଗିୟାସଙ୍କ ସହାୟଶୂନ୍ୟ ଜୀବନ ହୋଇଗଲା ସଙ୍କଟାପନ୍ନ ଓ କଣ୍ଟକାକୀର୍ଣ୍ଣ ।

ଗୃହେ ଗୃହେ ଗିୟାସଙ୍କ ଉପରେ ଆରମ୍ଭ ହେଲା ନିର୍ମମ ନିର୍ଯ୍ୟାତନ ଓ ଦୁର୍ବିଷହ ଲାଞ୍ଛନା । ସେସବୁ ସହ୍ୟ କରିବାପାଇଁ ରହିଲା ନାହିଁ ତାଙ୍କ ହୃଦୟରେ ଧୈର୍ଯ୍ୟ କିଂବା ପ୍ରତିରୋଧର ଶକ୍ତି । ଏଭଳି ବିଡ଼ମ୍ବିତ ବିପନ୍ନ ଜୀବନ ଯେନ ତିହିରାନରେ ଅବସ୍ଥାନ କରିବା ଏଣିକି ତାଙ୍କ ପକ୍ଷରେ ହେଲା ଅସମ୍ଭବ । ସ୍ୱଦେଶରେ ଆତ୍ମପ୍ରତିଷ୍ଠାଲାଭର ଆଶାରେ ବାଧ୍ୟ ହୋଇ ଜଳାଞ୍ଜଳି ଦେଲେ ସେ ।

ମୋଗଲଶାସନାଧୀନ ହିନ୍ଦୁସ୍ଥାନର ପ୍ରାଚୁର୍ଯ୍ୟକାହାଣୀ ପାରସ୍ୟର ଘରେ ଘରେ ସେତେବେଳେ ସୃଷ୍ଟି କରିଥାଏ ଅଭୂତପୂର୍ବ ବିସ୍ମୟ ! ବାଦଶାହୀ ରାଜତ୍ୱ, ଖୁବ୍ ନାମଡାକ । ହିନ୍ଦୁସ୍ଥାନରେ ଜଣେ ହେଲେ ବି ଗରିବ ନାହିଁ, ସମସ୍ତେ ଶେଠ ତାଲବର । ସେଠି ଭୋକ ଭକାରି ସାତ ସପନ । ପଥେ ପଥେ ବିଛେଇହୋଇ ପଡ଼ିରହିଛି ଗାଡ଼ ଗାଡ଼ ସୁନାର ମୋହର । ଯେତେ ଇଚ୍ଛା ଗୋଟେଇନିଅ ଟୋକେଇ ଭରି, ମନା ନାହିଁ କାହାକୁ କିଛି । ବିଦେଶୀ ସେଠି ପର ନୁହନ୍ତି, ଭରି ଆଦର ସମ୍ଭ୍ରମ ତାଙ୍କ-ପ୍ରତି । ସୁନାର ଦେଶ ହିନ୍ଦୁସ୍ଥାନ, ସେ ସ୍ଥାନକୁ ଯିବାର ସୁବିଧା ଯାହାକୁ ଜୁଟେ, ଦଣ୍ଡକେ ତାର ଫଟା ନସିବ ଫିଟେ, ଏହିପରି କେତେ ଯେ ପ୍ରବାଦ, ଉଦ୍ଭଟ ଗଳ୍ପ ଗୁଜବ, ଇୟତ୍ତା ନାହିଁ ତାର ।

Digitized by srujanika@gmail.com

ଦିନକୁ ଦିନ ଭାଙ୍ଗିପଡ଼ୁଥାଏ ଗିୟାସଙ୍କ ମନୋବଳ, ବିପର୍ଯ୍ୟସ୍ତ ହୋଇଆସୁଥାଏ ସାହସ ଓ ଦମ୍ଭ । ଏହିପରି ଭାଗ୍ୟ-ବିପର୍ଯ୍ୟୟ ଅବସ୍ଥାରେ ଦିନେ ତାଙ୍କ କାନରେ ଅମୃତ ବର୍ଷଣ କଲା ସ୍ୱର୍ଣ୍ଣଭୂମି ହିନ୍ଦୁସ୍ଥାନର ବିପୁଳ ଐଶ୍ୱର୍ଯ୍ୟ ଓ ସୁଖସ୍ୱାଚ୍ଛନ୍ଦ୍ୟର ଅଶ୍ରୁତପୂର୍ବ ଜନଶ୍ରୁତି । ଚିନ୍ତାଗ୍ନିରେ ହୃଦୟ ଦଗ୍ଧ ହେବା କାଳରେ ଗୋଲାଚନ୍ଦନ ପ୍ରଲେପର ଶୀତଳତା ଅନୁଭବ କଲେ ମିର୍ଜା ଗିୟାସ । ଅଦୂରରେ ସେ ଦେଖିବାକୁ ପାଇଲେ ଆଶାର ପ୍ରଦୀପଟିଏ । ସେହି ପ୍ରଦୀପହିଁ ହେଲା ତାଙ୍କର ମାର୍ଗ-ପ୍ରଦର୍ଶକ ଓ ସୌଭାଗ୍ୟୋଦୟକାରକ । ଏବେ ମିର୍ଜା ସାହେବ ନିଜର ଭାଗ୍ୟପରୀକ୍ଷାପାଇଁ ସାହସର ସହିତ ସଙ୍କଳ୍ପ ନେଲେ ସାତପୁରୁଷୀ ଭିଟାମାଟିର ମାୟାଡୋର କାଟି ସୁଦୂର ହିନ୍ଦୁସ୍ଥାନ ଅଭିମୁଖରେ ଯାତ୍ରାନୁକୂଳ କରିବାକୁ ।

ଦୈବକ୍ରମେ ସୁଯୋଗଟିଏ ମଧ୍ୟ ଆପେ ଆପେ ପହଞ୍ଚିଗଲା ସେତିକିବେଳେ । ଗୋଟିଏ ବଡ଼ ଯାତ୍ରିଦଳ ତିହିରାନ ଦେଇ ଯାତ୍ରା କରୁଥିଲେ ଦୂର ବିଦେଶକୁ । ମିର୍ଜାଦମ୍ପତି ସେହି ଦଳର ହେଲେ ସହଯାତ୍ରୀ । ନିର୍ବିଘ୍ନରେ ଦିନଗୁଡ଼ିକ ତାଙ୍କର କଟିଗଲା କାନ୍ଦାହାର ପର୍ଯ୍ୟନ୍ତ—ପଥଶ୍ରମ ବିଶେଷ କଷ୍ଟ ବାଧିଲା ନାହିଁ ଦଳଗହଣରେ ଥିବା ଯୋଗୁଁ । ମାତ୍ର ସେହିଠାରୁ ଯାତ୍ରି-ଦଳର ସମସ୍ତ ବ୍ୟକ୍ତି ଅନ୍ୟ ପଥ ଧଇଲେ । ଏକା ପଡ଼ିଗଲେ ଗିୟାସ-ଦମ୍ପତି । ସେଦୁହେଁ ଧଇଲେ ହିନ୍ଦୁସ୍ଥାନ ପଥ ।

ଏଣିକି ବିପଦ ଘନେଇଆସିଲା । ନିର୍ଜନ କାନ୍ଦାହାର ମରୁପ୍ରାନ୍ତରରେ ନିଃସଙ୍ଗ ଯାତ୍ରୀର ଅବସ୍ଥା ସାଧାରଣତଃ ଯାହା ହୁଏ, ସସ୍ତ୍ରୀକ ଗିୟାସଙ୍କ ଅବସ୍ଥା ଠିକ୍ ହେଲା ସେଇଆ । ଦସ୍ୟୁପଞ୍ଝାର ଅତର୍କିତ ଆକ୍ରମଣଫଳରେ ଗିୟାସ ହେଲେ ସର୍ବସ୍ୱାନ୍ତ—କପର୍ଦ୍ଦକଟିଏ ସୁଦ୍ଧା ରହିଲା ନାହିଁ ତାଙ୍କ ହସ୍ତରେ । ପଶ୍ଚାତକୁ ଅନାଇବାର ଅବକାଶ ନାହିଁ—ସମ୍ମୁଖର ଜନମାନବହୀନ ଦିଗନ୍ତବ୍ୟାପ୍ତ ବାଲୁକା-ବକ୍ଷରେ କେହି ନାହିଁ ଆଶ୍ରୟ ଦେବାପାଇଁ । ତଥାପି ପତି-ପତ୍ନୀ ପାଦ ଚାଲିଥାନ୍ତି ଆଗକୁ ଆଗକୁ ।

ମିର୍ଜାଘରଣୀ ସେତେବେଳେ ଥିଲେ ପୂର୍ଣ୍ଣଗର୍ଭା । ଅଳ୍ପ ପଥ ଅତିକ୍ରମ କଲାପରେ ତାଙ୍କର ଆଉ ପାରିଲା ନାହିଁ ଚାଲିବାକୁ ବଳ । ଅତିରେକ ଶରୀରଶ୍ରମ ଓ ମାନସିକ ଉତ୍ତେଜନା ସହି ନ ପାରିଲେହେଁ ମାତୃତ୍ୱର ବେଦନା

Digitized by srujanika@gmail.com

ଅଜାତରେ ସହ୍ୟ କରିଥାଏ ନାଶ । ସେହି ଝଞ୍ଜାରୁଣ ମରୁପଥପାର୍ଶ୍ୱସ୍ଥ ଗୋଟିଏ ବବୁର ବୃକ୍ଷତଳେ ସହାୟସମ୍ବଳଶୂନ୍ୟ ଗିପ୍ସୀ-ପରିବାରରେ ଭୂମିଷ୍ଠ ହେଲା ଏକ ନବଜାତକ—ଲାବଣ୍ୟରେ ଢଳଢଳ କନ୍ୟାରତ୍ନଟିଏ, ସତେ ଯେପରି ସଦ୍ୟୋଦ୍‌ଗତା କମଳକଳିକା ! ସୁଶୋଭନ ଅଙ୍ଗଲତିକାରେ ଜନ୍ମଶ୍ରୀସୁଲଭ କୋମଳ ଲାଳିତ୍ୟ । ଶୁଷ୍କ ମରୁତଳ ଅଙ୍କସ୍ଥଳେ ଝଟକି-ଉଠିଲା ଅମର୍ତ୍ତ୍ୟ କାନ୍ତିରେ, ଆଉ ଦିଗନ୍ତର ନୀରବତା ଭାଙ୍ଗିଗଲା ତାହାର ପ୍ରଥମ କ୍ରନ୍ଦନରୋଳରେ ।

ଏଭଳି ଉଜ୍ଜ୍ୱଳ ରତ୍ନଟିଏ ପାଇଲେ କେତେ ଆନନ୍ଦ ଖେଳିଯିବାର କଥା ମାତା-ପିତାଙ୍କ ପ୍ରାଣରେ; କିନ୍ତୁ ଏଠାରେ ହେଲା ଘୋର ବ୍ୟତିକ୍ରମ—ନିଷ୍ଠୁର ନିୟତି ନିଃସହାୟ ଗିପ୍ସୀଦମ୍ପତିଙ୍କୁ ଦେଲା ନାହିଁ ସେହି ଆନନ୍ଦ-ଉପଭୋଗର ସୁଯୋଗ, ବରଂ ଦୁର୍ଦ୍ଦଶାକୁ ତାଙ୍କର ବଢ଼ାଇଦେଲା ଚରମକୁ । ଶିଶୁଟିକୁ ବକ୍ଷରେ ଜଡ଼ାଇଧରି ଦୁସ୍ତର ମରୁସାଗର ପାର ହେବାପାଇଁ ନୂତନଜନନୀ ଥିଲେ ସମ୍ପୂର୍ଣ୍ଣ ଅସମର୍ଥା । ବିଷମ ସମସ୍ୟା ! ଚିନ୍ତାକୁଳ ହୋଇ-ପଡ଼ିଲେ ଗିପ୍ସୀ ବେଗ୍ । ତାଙ୍କ ଆଗରେ ଦେଖାଗଲା ଗୋଟିଏମାତ୍ର ପନ୍ଥା-ପତ୍ନୀ ହେଉ ବା କନ୍ୟା ହେଉ, ଜଣେ କାହାକୁ ଛାଡ଼ିଯିବାକୁ ହେବ ନିଶ୍ଚୟ । ଶେଷରେ ଦ୍ୱିତୀୟଟିକୁହିଁ ସିଦ୍ଧାନ୍ତ କଲେ ସେ ।

ଜନ୍ମର ଦୁଇଟିମାତ୍ର ଦିନପରେ ରତ୍ନପିତୁଳାଟିର ମମତାକୁ ଅଗତ୍ୟା ବିସର୍ଜନ ଦେବାକୁ ପଡ଼ିଲା ଗିପ୍ସୀଦମ୍ପତିଙ୍କୁ । ବବୁର ପାଦପରୁ ଗୋଛାଏ କଅଁଳ ଛନଛନ ପତ୍ର ସଂଗ୍ରହ କରି ଗ୍ରୀଷ୍ମକ୍ଳାନ୍ତ ପଥଧାରରେ ବିଛାଇଦେଲେ ଛଳଛଳଚକ୍ଷୁ ପିତା । ସେହି ପଲ୍ଲବଶଯ୍ୟାଉପରେ ବକ୍ଷର ଶିଶୁଟିକୁ ଶୁଆଇଦେଲେ ରୋରୁଦ୍ୟମାନା ମାତା । ତତ୍ପରେ ବାଷ୍ପବିଜଡ଼ିତ କଣ୍ଠରେ ଉଭୟେ ନିରାଶ୍ରୟର ଆଶ୍ରୟଦାତା ଅରକ୍ଷିତର ରକ୍ଷାକର୍ତ୍ତା ପରମ-କାରୁଣିକ ଭଗବାନଙ୍କୁ ନତମସ୍ତକଭାବରେ ପ୍ରାର୍ଥନା କରି ତାଙ୍କରି ଅଭୟ ଚରଣରେ କନ୍ୟାଟିକୁ ସମର୍ପିଦେଇ ତା ପାଖରୁ ବିଦାୟ ନେଲେ ଗଳଦଶ୍ରୁ-ଲୋଚନରେ ।

କୋମଳ ମାତୃହୃଦୟ—ବାତ୍ସଲ୍ୟର ଉତ୍ସ, ଅମୃତର ଭଣ୍ଡାର । ସନ୍ତାନର ସୁକୁମାର ବକ୍ଷ ସହିତ ଏକ ଅଦୃଶ୍ୟ ସୂତ୍ରରେ ବକ୍ଷ ତାର ଛନ୍ଦା ।

Digitized by srujanika@gmail.com

ପାଦ ମାନିଲା ନାହିଁ ବୋଲି—ଯେତିକି ଆଗକୁ ପଡ଼ୁଥାଏ, ସେତିକି ପୁଣି ଇଚ୍ଛା କରୁଥାଏ ଫେରିଆସିବାକୁ ପଛକୁ । ଗିୟାସଙ୍କ ବାରବାର ସନିର୍ବନ୍ଧ ପ୍ରବୋଧନା ସତ୍ତ୍ୱେ ପତ୍ନୀଙ୍କ ଶୋକୋଦ୍‌ବେଳ ପ୍ରାଣରୁ ତୁହାକୁ ତୁହା ଉଠୁଥାଏ କୋହର ଉଚ୍ଛ୍ୱାସ—ମଣିହରା ଫଣୀ ପରି ଘନଘନ ବହୁଥାଏ ବୁକୁପୋଡ଼ା ଖର ଦୀର୍ଘଶ୍ୱାସ । ଥରକୁ ଥର ସେ ପଶ୍ଚାଦ୍‌ଦୃଷ୍ଟିରେ ଅନାଉଥାନ୍ତି ଛତ୍ରଶଯ୍ୟାଶାୟିନୀ ନୟନପିତୁଳି ଆଡ଼କୁ । ଯେତେବେଳେ ବବୁର ତରୁଶିଖଟି ଦୃଷ୍ଟିର ସମ୍ପୂର୍ଣ୍ଣ ଅନ୍ତରାଳରେ ରହିଗଲା, କନ୍ୟାହରା କାତରା ଜନନୀ କପାଳରେ କର ଚାଡ଼ି ହତାଶ ଆଖିରେ ଚାହିଁରହିଲେ ଶୂନ୍ୟକୁ । ସମବ୍ୟଥୀ ସ୍ୱାମୀ କୌଣସିମତେ ତାଙ୍କୁ ଥୟ କରି ଆଗେଇନେବାକୁ ଲାଗିଲେ ହାତ ଧରି ଧରି ।

ବିଧାତାର ବିଚାର କାଳେ କାଳେ ମନୁଷ୍ୟର ଅଗୋଚର—ଜ୍ଞାନର ଅଗମ୍ୟ ସେ ଯେ ତର୍କର ଅତୀତ । ଏହି ସମୟରେ ଦେବପ୍ରେରିତ ପ୍ରାୟ ସହସା ଆବିର୍ଭୂତ ହେଲା ଏକ ବଣିକବାହିନୀ । ତାର ଅଧିନାୟକଙ୍କ ନାମ ମାଲିକ ମାସୁକ । ସେ ଦେଖିଲେ ପଥପ୍ରାନ୍ତରେ ପରିତ୍ୟକ୍ତ ଏକ ସଦ୍ୟୋଜାତ କନ୍ୟାକୁ କୃଷ୍ଣ ସର୍ପଟିଏ ଘେରି ତା ମୁଣ୍ଡଉପରେ ଫଣା ବିସ୍ତାର କରି ରହିଛି । ମାସୁକ ସାହସ କରି ତା ଆଡ଼କୁ ଟିକିଏ ଆଗେଇଲେ । ତାଙ୍କୁ ଦେଖି ସର୍ପଟି ଫଣା ସଙ୍କୁଚିତ କରିଆଣି ଧୀରେ ଧୀରେ ଦୂରକୁ ଅପସରିଗଲା । ଦଳପତି ମାସୁକ ସେହି ଶିଶୁକନ୍ୟାଟିକୁ ପରମ ଆଦରରେ ଟେକିଆଣିଲେ ଆପଣା କୋଳକୁ । ତାର କାନ୍ତକୋମଳ ମୁଖରେ ବାରଂବାର ସସ୍ନେହ ଚୁମ୍ବନ ଦେଇ ଅନୁଭବ କଲେ ବାଣିଜ୍ୟଯାତ୍ରାର ସର୍ବଶ୍ରେଷ୍ଠ ସାର୍ଥକତା ।

କିଛି ଦୂର ଅଗ୍ରସର ହେଲାପରେ ଭାଗ୍ୟତଃ ଭେଟ ହେଲା ଏକ ପାରସିକ ଦମ୍ପତି ସଙ୍ଗେ । ଏବେ ସେଦୁହେଁ ହେଲେ ବଣିକଦଳର ସହଯାତ୍ରୀ-ଦଳପତି ମାସୁକ ଉଭୟଙ୍କୁ ଆନନ୍ଦରେ କରିନେଲେ ନିଜ ବାହିନୀର ଅନ୍ତର୍ଭୁକ୍ତ ଏବଂ ନାରୀଟିକୁ ନିଯୁକ୍ତ କଲେ ବିଧାତାର ଦାନ ସେହି ଅନିନ୍ଦ୍ୟା କନ୍ୟାଟିର ଧାତ୍ରୀରୂପେ । କଠୋର ମରୁପଥଯାତ୍ରା ଏଣିକି ମନେ ହେଲା ବେଶ୍ ଆରାମଦାୟକ ଓ ଶାନ୍ତିମୟ ।

ଗିୟାସପତ୍ନୀଙ୍କ ବିପର୍ଯ୍ୟୟଗ୍ରସ୍ତ ମାତୃଜୀବନରେ ଅନୁରଣିତ ହେଲା ବାତ୍ସଲ୍ୟ ମମତାର ଅଭିନବ ତୃପ୍ତି । ତାଙ୍କ ବକ୍ଷରେ ପୁଣି ଖେଳିଗଲା ବିପୁଳ

Digitized by srujanika@gmail.com

ଶୋହାଗର ବନ୍ୟା । ଲୋକଙ୍କୁ ତାଙ୍କର ଫେରିଆସିଛି ଆଦରିଣୀ କନ୍ୟା । ପତି-ପତ୍ନୀ ପୂର୍ଣ୍ଣାନନ୍ଦରେ ବିଭୋର ହୋଇ ଦୈବଙ୍କୁ କଲେ ଅଜସ୍ର ପ୍ରଶଂସା ।

ଅଧିକ ଦିନ ପ୍ରଚ୍ଛନ୍ନ ରହିପାରିଲା ନାହିଁ ଏହି ଅଘଟନ-ଘଟନର ଅନ୍ତର୍ନିହିତ ରହସ୍ୟ । ଦୀପୁଁ ଦୀପଶିଖାକ୍ରମ ବତ୍ କର୍ଣ୍ଣୁଁ କର୍ଣ୍ଣାନ୍ତରକ୍ରମେ ଜାଣି-ଗଲେ ଦଳଟିର ସମସ୍ତ ବଣିକ । ଶେଷରେ ଦଳପତି ମାସୁକଙ୍କ କର୍ଣ୍ଣରେ ଯାଇ ପଡ଼ିଲା ଦୈବକୃତ ଏହି ବିଚିତ୍ର ବୃତ୍ତାନ୍ତ । ଗିୟାସଙ୍କ ପଟୁରୁ ସେ ବୁଝିଲେ ଯେ, ଶୁଣା ବିବରଣୀଟି ସମ୍ପୂର୍ଣ୍ଣ ସତ୍ୟ ଓ ଅଭ୍ରାନ୍ତ । ବିଶଦ ଆଳାପରୁ ଆହୁରି ଉଦ୍‌ଘାଟିତ ହେଲା—ପାରସ୍ୟରେ ଖୁବ୍ ସଗତିସମ୍ପନ୍ନ ଗିୟାସଙ୍କର ପୈତୃକ ପରିବାର, ଘରର ଖାନଦାନ ଓ ଖ୍ୟାତି ମଧ୍ୟ ବିସ୍ତର । କେବଳ ଭାଗ୍ୟ-ଚକ୍ରର କୁଟିଳ ଘୂର୍ଣ୍ଣନରୁ ସେ ଆଜି ମୁସାଫିର ।

ସୁରଧୁନୀ ଓ ରତ୍ନାକରଙ୍କୁ ଏକତ୍ର ମିଳାଇଦେଇଥିଲେ ଭଗୀରଥ । ଏବେ ମରୁଜନ୍ମା କନ୍ୟାଟି ଦଳପତିଙ୍କ ସହିତ ନିଜର ପିତାମାତାଙ୍କୁ ଜଡ଼ିତ କରିଦେଲା ଅଚ୍ଛେଦ୍ୟ ବନ୍ଧନରେ । ମାସୁକ ଓ ଗିୟାସ ପରସ୍ପରର ହୋଇ-ଉଠିଲେ ପରମ ମିତ୍ର । ଭିନ୍ନ ହୋଇପାରିଲେ ନାହିଁ କେହି କାହାରିଠାରୁ କ୍ଷଣକପାଇଁ । ଦୈବଦତ୍ତ ମିତ୍ରତାର ଡୋରିକୁ ଛିନ୍ନ କରିବା ଅନ୍ୟୋଽନ୍ୟରେ ହେଲା ଅସମ୍ଭବଠାରୁଁ ଅସମ୍ଭବ ।

ସୁଦୀର୍ଘ ମରୁପଥ ଅତିକ୍ରମ କଲାପରେ ଦୁଇ ସୁହୃଦ୍ ସ୍ପର୍ଶ କଲେ ଆସି ସ୍ୱର୍ଣ୍ଣପ୍ରସୂ ଭାରତର ମାଟି । ମିର୍ଜାଙ୍କର ଯେଉଁ ଯାତ୍ରା ଆରମ୍ଭ ହୋଇଥିଲା ତିହିରାନରେ, ତାର ସମାପ୍ତି ଘଟିଲା ଲାହୋରରେ, ପରିସମାପ୍ତି ମୋଗଲ-ରାଜଧାନୀ ଆଗ୍ରାରେ । ଏହି ଆଗ୍ରାଠାରୁ ଦଳପତି ମାସୁକ ନିଜର ବଣିକବାହିନୀ ଘେନି ବାଣିଜ୍ୟକ ପରିକ୍ରମାରେ ବାହାରିଲେ ଭାରତର ବିଭିନ୍ନାଞ୍ଚଳକୁ । ବନ୍ଧୁବର ଗିୟାସଙ୍କର ପ୍ରତ୍ୟକ୍ଷ ସଙ୍ଗଲାଭରୁ ବଞ୍ଚିତ ହେଲେହେଁ ତାଙ୍କ ମୈତ୍ରୀପ୍ରବଣ ଅନ୍ତରର ଆସଙ୍ଗଲିପ୍ସା ଅମଉଳା ରହିଲା ଚିରଦିନପାଇଁ ।

ଖରତର ଗତିରେ ଗଡ଼ିଚାଲିଲା ଦିନପରେ ଦିନ, ମାସପରେ ମାସ, ପୁଣି ବର୍ଷପରେ ବର୍ଷ । ତାହାରି ସମ ତାଳରେ ମିର୍ଜା ଗିୟାସ ବେଗ୍‌ଙ୍କ ଅଭାବ-ମୟ ଜୀବନରେ ଆସିଲା ଉତ୍ତରୋତ୍ତର ଉନ୍ନତିର ଅଭାବନୀୟ ଅଭ୍ୟୁଦୟ

Digitized by srujanika@gmail.com

ବେଳା । ଅଦୃଷ୍ଟର ଅମୃତ ଦୃଷ୍ଟିରୁ ସେହି ଅଭ୍ୟୁନ୍ନତ ତାଙ୍କୁ ବସାଇଲା ନେଇ ଗୌରବର ତୁଙ୍ଗ ଆସନରେ । ସେ ଯେତେବେଳକୁ ଶତାବ୍ଦୀର ଶେଷ ପାଦ ଆଗତପ୍ରାୟ—ଖ୍ରୀଷ୍ଟାବ୍ଦ ୧୫୯୫ ।

ଗିୟାସ ଥିଲେ ଧୀମାନ୍, ସ୍ଥିତପ୍ରଜ୍ଞ, ବିବିଧବିଦ୍ୟାନୁରାଗୀ, ଆନୁଗତ୍ୟ-ଶୀଳ, ସୂକ୍ତବାକ୍ ଓ ସଦାପ୍ରଫୁଲ୍ଲ କର୍ମବୀର । ରାଜଧାନୀରେ ଅବସ୍ଥାନର ଅଳ୍ପ କେତେ ଦିନମଧ୍ୟରେ ଏହି ନବାଗତ ବିଦେଶୀଙ୍କର ସୁନାମ ଓ ଜନପ୍ରିୟତା ବିଚ୍ଛୁରିତ ହୋଇଗଲା ସବୁ ମହଲରେ । ଫଳରେ ଅଚିରେ ପଡ଼ିଲେ ସେ ଗୁଣଜ୍ଞ ମୋଗଲାଧୀଶ ଆକବରଙ୍କ ସୁନଜରରେ । ତାହାର ସୁଫଳରେ ଆଗ୍ରାସ୍ଥ ମୋଗଲ ରାଜଦରବାରରେ ମିର୍ଜା ଗିୟାସ ବେଗ୍ ହେଲେ ଜଣେ ଉଚ୍ଚପଦସ୍ଥ କ୍ଷମତାଶାଳୀ ରାଜକର୍ମଚାରୀ—କାବୁଲର ରାଜସ୍ୱସଚିବ । କେବଳ ସେତିକି ନୁହେଁ, ତାଙ୍କର ପତ୍ନୀ ହେଲେ ବାଦଶା ଆକବରଙ୍କ ପ୍ରଧାନା ମହିଷୀ ସୁଲତାନା ସାଲିମା ବେଗମଙ୍କର ପ୍ରଧାନା ପାର୍ଶ୍ୱଚାରିକା । ଅନୁଗତ ବେଗ ଓ ଅନୁଗତା ବେଗ୍‌ପତ୍ନୀଙ୍କ ଉପରେ ବାଦଶା ଓ ବେଗମଙ୍କର ରହିଲା ଅଖଣ୍ଡ ବିଶ୍ୱାସ, ଆସ୍ଥା ଓ ନିର୍ଭର ।

ଗିୟାସ ସାହେବଙ୍କର ସ୍ୱଦେଶରେ ଥିଲେ ଦୁଇଟି ସୁଯୋଗ୍ୟ ପୁତ୍ର । ବାଦଶାହୀ ଦରବାରରେ ପିତାଙ୍କ ସସମ୍ମାନ ନିଯୁକ୍ତିର ସୁସମ୍ବାଦ ପାଇ ସେହୁଁ ଇତିମଧ୍ୟରେ ଚାଲିଆସିଥିଲେ ଆଗ୍ରାନଗରୀକୁ । ବାଦଶାଙ୍କ ସ୍ୱତଃ-ପ୍ରଣୋଦିତ ପ୍ରସାଦରୁ ଉକ୍ତ ପୁତ୍ରଦ୍ୱୟ ମଧ୍ୟ ନିଯୁକ୍ତ ହେଲେ ଉପଯୁକ୍ତ ରାଜ-କାର୍ଯ୍ୟରେ । ପିତୃପଦାଙ୍କ ଅନୁସରଣ କରି ସ୍ୱ ସ୍ୱ କର୍ତ୍ତବ୍ୟକ୍ଷେତ୍ରରେ ଉଭୟେ ପ୍ରଦର୍ଶନ କଲେ ଦକ୍ଷତାର ପରାକାଷ୍ଠା ଏବଂ ରାଜଅନୁଗ୍ରହପ୍ରତି ସନ୍ତୋଷ ଆନୁଗତ୍ୟ ଓ ବିଶ୍ୱସ୍ତତା ।

ଏହିରୂପେ ମିର୍ଜା ଗିଆସଙ୍କ ପରିବାରଟି ସର୍ବତୋଭାବରେ ହେଲା ସମ୍ରାଟ୍ ଆକବରଙ୍କର ଅନୁଗୃହୀତ, ଆଶ୍ରିତ ଓ ପୃଷ୍ଠପୋଷିତ । ଏଣୁ, ରାଜନିୟନ୍ତ୍ରିତ ଭାଗ୍ୟ ତାଙ୍କର ଏବେ ସୁଖସମୁଜ୍ଜ୍ୱଳ ଓ ବିଭବବହୁଳ । ଆଗ୍ରାବାସୀ ଲୋକସାଧାରଣଙ୍କର ଅତୁଟ ବିଶ୍ୱାସ, ଅତୁଳସୌଭାଗ୍ୟବତୀ ସେହି କନ୍ୟାଟିର ଜନ୍ମ ପଛେ ପଛେ ଗୋଡ଼ାଇଆସିଥିଲା ଅସରନ୍ତି ସୁଖ-ସମ୍ପତ୍ତି ଓ ଅନନ୍ୟସୁଲଭ ଖ୍ୟାତି-ପ୍ରତିପତ୍ତିର ଅନବରୋଧ ସ୍ରୋତ ।

Digitized by srujanika@gmail.com

ଆଗ୍ରା-ସନ୍ନିହିତ ଯମୁନା-ତୀରରେ 'ଗ୍ରେଟ ତାଜ' ବା 'ଏତମାଦ୍-ଉଦ୍-ଦୌଲ୍' ଏବେ ମଧ୍ୟ ଶିର ଟେକି ଦଣ୍ଡାୟମାନ ରହିଛି ମହାକାଳର କ୍ଷୟକାରିଣୀ ଶକ୍ତି ସହିତ ସଂଗ୍ରାମ କରି । ଏହାହିଁ ମିର୍ଜା ଗିୟାସ ବେଗ୍‌ଙ୍କ ସମାଧିମନ୍ଦିର । ରଜତଶୁଭ୍ର ଏହି ଅନିନ୍ଦ୍ୟସୁନ୍ଦର ସମାଧିମନ୍ଦିରଟିର ପରିକଳ୍ପନା କରିଥିଲା ଏଇ ପିତୃଗୌରବବର୍ଦ୍ଧନା ମରୁସମ୍ଭବା କନ୍ୟାଟିର ଉତ୍ତରଜୀବନର ଉର୍ବର ମସ୍ତିଷ୍କ ।

Digitized by srujanika@gmail.com

Digitized by srujanika@gmail.com

Digitized by srujanika@gmail.com

ଅନ୍ୟହସ୍ତା



ବର୍ଣ୍ଣିତ ମିନାବଜାରର କିଛି ସମୟ ପରେ। ଦିନେ ଗିୟାସ ବେଗ୍‌ଙ୍କ ଭବନରେ ଅନୁଷ୍ଠିତ ହେଲା ମହାସମାରୋହମୟ ଏକ ସାନ୍ଧ୍ୟୋତ୍ସବ । ନିମନ୍ତ୍ରଣକ୍ରମେ ସେଥିରେ ଯୋଗ ଦେଇଥାନ୍ତି ଆଗ୍ରାର ଗଣ୍ୟମାନ୍ୟ ଶତ ଶତ ପରିବାରର ନରନାରୀ । ବରେଣ୍ୟ ଅତିଥିରୂପେ ଶୁଭାଗମନ କରିଥାନ୍ତି ବାଦଶାଜାଦା ଯୁବରାଜ ସେଲିମ । ତାଙ୍କର ସାନୁଗ୍ରହ ଉପସ୍ଥିତିରେ ବହୁଗୁଣ ବଢ଼ିଯାଇଥାଏ ବନ୍ଧୁମିଳନର ମର୍ଯ୍ୟାଦା ଓ ମହତ୍ତ୍ୱ ।

ଉତ୍ସବଟିରେ ବିବିଧ ଆମୋଦ ଓ ମନୋରଞ୍ଜନର ହୋଇଥାଏ ବିପୁଳ ଆୟୋଜନ । ଋଉହଗ ଛନ୍ଦୋମୟ କରି ନୃତ୍ୟଗୀତାଦିର ପରିବେଷଣ ଚାଲିଥାଏ ଅବିଚ୍ଛିନ୍ନ ଧାରାରେ । ଶେଷକୁ ଆରମ୍ଭ ହେଲା ପାନ-ଭୋଜନର ମଧୁ ପର୍ବ । କର୍ମସୂଚୀର ସକଳ ଅଙ୍ଗ ଯଥାବିଧି ସାଙ୍ଗ ହେଲାପରେ ଉତ୍ସବର ହେଲା ସଫଳ ସମାପ୍ତି ।

ଆମନ୍ତ୍ରିତ ବନ୍ଧୁବାନ୍ଧବୀ ଓ ମେହମାନଗଣ ଯଥୋଚିତ ବିଦାୟ-ସମ୍ଭାଷଣପରେ ଜଣ ଜଣ ହୋଇ ସମସ୍ତେ ପ୍ରସ୍ଥାନ କଲେ ନିଜ ନିଜ ଗୃହାଭିମୁଖରେ । ଏକା କେବଳ ରହିଗଲେ ମୁଗ୍‌ଧବିହ୍ୱଳ ଯୁବରାଜ ସେଲିମ । ରସସମୁଚ୍ଛଳ ଗିୟାସ-ଭବନର ପୁଞ୍ଜୀଭୂତ ଏତେ ଆମୋଦପ୍ରମୋଦକୁ ଏଡ଼େ ବେଗି ଛାଡ଼ି ଚାଲିଯିବାକୁ ଏକାନ୍ତ ଅନିଚ୍ଛୁକ ଥିଲା ତାଙ୍କର ବିଳାସପ୍ରବଣ ଅନ୍ତରାତ୍ମା ।

Digitized by srujanika@gmail.com

ଏହା ବୁଝିପାରି ମନୋଭାବ ଗିୟାସ ସାହେବ ସମ୍ଭ୍ରମର ସହିତ କହିଲେ ରାଜକୁମାର ସେଲିମଙ୍କ ସମ୍ମୁଖକୁ ଯାଇ :

"ଅନୁମତି ପ୍ରାପ୍ତ ହେଲେ ବାଦଶାଜାଦାଙ୍କୁ
ପରିଚିତ କରାଇଦେବି ଅନ୍ତଃପୁରିକାମାନଙ୍କ
ସଙ୍ଗେ । ତାହାପରେହିଁ ମଧୁର ସମାପ୍ତି ହେବ
ଆଜିକାର ଏଇ ସ୍ମରଣୀୟ 'ସାନ୍ଧ୍ୟ' ଆସରର ।"

ଶାହଜାଦା ସେଲିମ ମସ୍ତକର ମୃଦୁ ସଞ୍ଚାଳନାଦ୍ୱାରା ସାଗ୍ରହ ସମ୍ମତି ଜ୍ଞାପନ କଲେ ନାଟକୀୟ ଭଙ୍ଗୀରେ ।

ଗୃହୁଁ ଗୃହୁଁ ଗିୟାସ ସାହେବଙ୍କ ନୀରବ ଇଙ୍ଗିତରେ ଗୋଟି ଗୋଟି ହୋଇ କେତେ ଚଳନ୍ତ-ବୋରଖା ଆସି ସଲାମ ଜଣାଇଗଲେ ମାନ୍ୟବର ଯୁବରାଜଙ୍କୁ । ଗିୟାସ କହିଯାଉଥାନ୍ତି ସେମାନଙ୍କର ନାମ ଏକପରେ ଏକ । ସର୍ବଶେଷରେ ପ୍ରବେଶ କଲା ଲୀଳାୟିତ ଛନ୍ଦରେ ପଦପାତ କରି ଗିୟାସ ବେଗ୍‌ଙ୍କ ଅଲିଅଲି କନ୍ୟା । ମିର୍ଜା ସାହେବ କହିଲେ :

"ଏ ହେଉଛି ମୋର ସର୍ବୋତ୍ତମା କନ୍ୟା କଲ୍ୟାଣୀ
ମେହେରଉନ୍ନିସା । ପୁରୁଷମାନଙ୍କ ମଧ୍ୟରେ ଯେପରି
ବେଳେବେଳେ ଦେଖାଯାନ୍ତି ଜଣେ ଜଣେ ମିହିର-
ପ୍ରତିମ, ମୋର ଏହି କନ୍ୟାଟି ଠିକ୍ ସେହିପରି ।
ନାମ ଅନୁସାରେ ଗୁଣ, 'ମେହେରଉନ୍ନିସା'—
'ସ୍ତ୍ରୀମାନଙ୍କ ମଧ୍ୟରେ ମିହିର ବା ସୂର୍ଯ୍ୟ' ।"

ଏହାପରେ ମେହେରଉନ୍ନିସା ଆରମ୍ଭ କରିଦେଲା ଅଭିନୟ । ତାର ଚମ୍ପକ-ଅଙ୍ଗୁଳି ଓ ଚଟୁଳ ଚରଣରୁ ଫିଟିପଡ଼ିଲା ଅନୁପମ ନୃତ୍ୟ-ମଧୁରିମା । ସଙ୍ଗେ ସଙ୍ଗେ କଳକଣ୍ଠରୁ ଝରିଆସିଲା ସଙ୍ଗୀତର ଲଳିତ ରାଗିଣୀ । ନବାବ୍ ଯୁବରାଜଙ୍କ ବିସ୍ମୟସ୍ତବ୍ଧ ନିଷ୍ପଲକ ନୟନ ନିବଦ୍ଧ ହୋଇ ରହିଲା ନଟିନୀର ଅଲୋକସାମାନ୍ୟ ନୃତ୍ୟଛନ୍ଦରେ । କର୍ଣ୍ଣକୁହରରେ ଢାଳିହୋଇ-ଯାଉଥାଏ ଗଜଲ ଗାନର ଅମୃତସ୍ୟନ୍ଦିନୀ ମୂର୍ଚ୍ଛନା । ସେଲିମଙ୍କର ମନେ ହେଲା, ସତେ ଯେପରି ତାଙ୍କ ସମ୍ମୁଖରେ ଗୀତନୃତ୍ୟବିଚକ୍ଷଣା ସୁରସୁନ୍ଦରୀ ଉର୍ବଶୀର

Digitized by srujanika@gmail.com

ବୈଦ୍ୟୁତିକ ଆବିର୍ଭାବ ! ସୃଷ୍ଟି ଦିଶିଲା ଆହୁରି ତରୁଣ, ଆକାଶ ଦିଶିଲା ଆହୁରି ଚକ୍‌କଣ, ଚନ୍ଦ୍ର ଦିଶିଲା ଆହୁରି ପ୍ରସନ୍ନ ।

ପିତୃସଙ୍କେତରେ ମେହେରଉନ୍ନିସା ସହସା ପରଦା ଅପସାରିତ କରିଦେଲା ମୁଖମଣ୍ଡଳରୁ । ମୁହୂର୍ତ୍ତିଏପାଇଁ ସେଲିମଙ୍କ ଉପରେ ତୀକ୍ଷ୍ଣଶାଣିତ ଦୃଷ୍ଟି ଢାଳିଦେଇ ବିଜୁଳିବେଗରେ ପଶିଗଲା ଅନ୍ତଃପୁରର ଅନ୍ତର୍ବାଟୀ-ମଧ୍ୟକୁ । ଚମକିଉଠିଲେ ସେଲିମ—ଦମକିଉଠିଲା ଗୁଡ଼ିକବାଟି ! ଏ ଯେ ମିନାବଜାରର ସେଇ ତରୁଣୀ—ହାସ୍ୟମୟୀ, ଲାସ୍ୟମୟୀ, ରୂପମୟୀ ତନ୍ୱୀ ! ସେଇ ନିତୋମ୍ବିନୀ ସଦ୍ୟଯୌବନୋଦ୍ଭିନ୍ନା ମନ୍ଦରେକ୍ଷଣା ବରାଙ୍ଗୀ—ମଧ୍ୟାମଣ୍ଡନା, ନ୍ୟଗ୍ରୋଧପରିମଣ୍ଡଳା, କୋଟିବ୍ରହ୍ମାଣ୍ଡସୁନ୍ଦରୀ !

ଅପୂର୍ବ ରମଣୀୟ ଦୃଶ୍ୟ ! ଯୁବରାଜଙ୍କ ଜୀବନ-ଚକ୍ରବାଳରେ ଝଲସି-ଉଠିଲା ଆଶାର କନକ ଆଭା । ଏବେ ସେ ଜାଣିଲେ, ଗିୟାସ ସାହେବଙ୍କ ଉକ୍ତି ବାସ୍ତବରେ ଅକ୍ଷରେ ଅକ୍ଷରେ ମୂର୍ତ୍ତିମନ୍ତ । ସତ୍ୟ ସତ୍ୟରେ ସୂର୍ଯ୍ୟ ଦେଖିଲେ ଯୁବରାଜ ସେଲିମ । ତରୁଣୀକୁଳର ସୂର୍ଯ୍ୟ ! କେଡ଼େ ପ୍ରଖର ତାର ରଶ୍ମି ! କେଡ଼େ ଜ୍ୱାଳାମୟ ତାର ତେଜଃପୁଞ୍ଜ ! କେଡ଼େ ପ୍ରବଳ ତାର ଦାହିକା ଶକ୍ତି ! ଚଡ଼କିଉଠିଲା ବଜ୍ରସବଳ ହୃତ୍‌ପିଣ୍ଡ ।

ନିଶୀଥର ସେହି ଜ୍ୟୋତ୍ସ୍ନାପରିପ୍ଲୁତ ଶୀତଳ ପରିବେଶରେ ତରୁଣୀ-ସୂର୍ଯ୍ୟ ମେହେରଉନ୍ନିସା ମୁହୂର୍ତ୍ତକେ ବାରୁଦ ଖଞ୍ଜିଦେଲା ସେଲିମଙ୍କ ବିଳାସବିହ୍ୱଳ ମସ୍ତିଷ୍କଧାମରେ । ବ୍ୟସ୍ତ ପଦକ୍ଷେପରେ ବେଗ୍ ସାହେବଙ୍କ ଆବାସ ଛାଡ଼ିଲେ ଛନ୍ନମତି ରସିକରାଜ ଯୁବରାଜ ।

ରବିର ନିବଡ଼ିତା ସେଲିମଙ୍କ ପ୍ରାଣରେ ଚଳାଇଲା ଆଲୋଡ଼ନକୁ କ୍ରମଶଃ କଲା ନିବଡ଼ିତର । ନୟନରେ ନାହିଁ ନିଦ୍ରାର ଆସକ୍ତି । ପଲଙ୍କରେ ନାହିଁ ପହୁଡ଼ିର ଶାନ୍ତି । ଭାବନାର ଉତ୍ତାଳ ତେଉରେ ପଡ଼ି ଉଠି ଧାଇଁଥାଏ ତାଙ୍କର କାମନା-ବୋଇତ କୌଣସି ଏକ ବାତ୍ୟାବିମୁକ୍ତ ନିରାପଦ ପୋତାଶ୍ରୟରେ ନଙ୍ଗର ଭିଡ଼ିବାପାଇଁ ।

ଉଦୟାଚଳର ମଥାନଶୀର୍ଷରେ ମୁହଁ ଦେଖାଇଲା ବାଳାର୍କର ସିନ୍ଦୂରାଭ ରଞ୍ଜନରଶ୍ମି । ଉଦ୍‌ବିଗ୍ନତାର ଘୋର ଆତିଶଯ୍ୟରେ ପ୍ରଣୟପାଗଳ ସେଲିମଙ୍କ

Digitized by srujanika@gmail.com

ପ୍ରାଣ ବେଳକୁ ବେଳ ହୋଇଉଠିଲା ଆବେଗଚଞ୍ଚଳ । ବହୁ ଆଲୋଡ଼ନ ମନ୍ଥନପରେ ଯେଉଁ ଉପାସ୍ତୃତି ନିଶାନ୍ତ ସମୀରର ମୃଦୁ ସ୍ପର୍ଶରେ ଅଙ୍କୁରିତ ହୋଇଥିଲା ତାଙ୍କ ମାନସ-ଉଦ୍ୟାନରେ, ତାହା ପ୍ରସ୍ଫୁଟି ଆଲୁଅର ଗୋଲାପୀ ଚୁମ୍ବନରେ ଧାରଣ କଲା ନବୋଦ୍‌ଗତ କଅଁଳଛନଛନ କିଶଳୟର ଲାଲ-ଟୁକୁଟୁକୁ ଶୋଭା ।

ସଙ୍ଗେ ସଙ୍ଗେ ଦୁର୍ଦ୍ଦାନ୍ତ ପ୍ରେମିକ ଶାହଜାଦାଙ୍କ ନିର୍ଦ୍ଦେଶରେ ପ୍ରସ୍ତାବ ଉପସ୍ଥାପିତ ହେଲା ମିର୍ଜା ସାହେବଙ୍କ ସମକ୍ଷରେ—ସୁନ୍ଦରୀ ମେହେରଉନ୍ନିସା ହେବେ ମୋଗଲ ମସନଦର ଭାବୀ ଶାହାନଶାହ ସେଲିମଙ୍କର ଜୀବନସଙ୍ଗିନୀ ।

ପ୍ରସ୍ତାବଟି ପ୍ରତ୍ୟାଖ୍ୟାତ ହେଲା ସସମ୍ମାନରେ । ମିର୍ଜା ଗିୟାସ ବେଗ୍ ବିନୟର ସହିତ ଜଣାଇଦେଲେ—କନ୍ୟା ତାଙ୍କର ବାଗ୍‌ଦତ୍ତା; ପ୍ରତିଶ୍ରୁତିଭଙ୍ଗ ତାଙ୍କ ପକ୍ଷରେ ଅସମ୍ଭବ, ଶାସ୍ତ୍ର ଦୃଷ୍ଟିରେ ଗର୍ହିତ, ଘୋର ଅପରାଧ ମଧ୍ୟ ।

ବ୍ୟର୍ଥତାର ପ୍ରଚଣ୍ଡ ଦାବଦାହରେ ମୁହ୍ୟମାନ ହେଲା ପାଣିପ୍ରାର୍ଥୀ ଯୁବରାଜଙ୍କର ଅସମ୍ଭାଳ ଉଚାଟିତ ଚିତ୍ତ । କାମନାପୂର୍ତ୍ତିର କୌଣସି ବିକଳ୍ପ ପନ୍ଥା ଖୋଜି ନ ପାରି ଧାଇଁଲେ ସେ ସ୍ୱୟଂ ସମ୍ରାଟ୍‌ଙ୍କ ନିକଟକୁ । ଅତି କାତରଭାବରେ, ଅତି କାରୁଣ୍ୟଭରା କଣ୍ଠରେ ନିବେଦିଲେ ତାଙ୍କୁ ଅନ୍ତରର ଅଭିଳାଷ ।

ଧୈର୍ଯ୍ୟର ସହିତ ପ୍ରସ୍ତାବଟି ଶୁଣିଲେ ରାଜରାଜେଶ୍ୱର ପିତା । ଶାହଜାଦା ସେଲିମ—ଆଦରର ପୁତ୍ର, ଦିଲ୍ଲୀ ସାମ୍ରାଜ୍ୟର ଭବିଷ୍ୟତ୍ ଦଣ୍ଡଧର । ଆକବର ତାଙ୍କୁ ପ୍ରାଣରୁ ବଳି ଆଦର କରୁଥାନ୍ତି ଶ୍ରଦ୍ଧା । ସେଲିମଙ୍କ ବୟସ ବାତ୍ସଲ୍ୟଭୋଗର ସୀମା ଅତିକ୍ରମିସାରିଛି ବହୁ ବର୍ଷ ପୂର୍ବରୁ; ତଥାପି ସ୍ନେହାତିରେକବଶତଃ ସମ୍ରାଟ୍‌ଙ୍କ କଣ୍ଠରୁ ଏପର୍ଯ୍ୟନ୍ତ ବାହାରୁଛି ଚିରାଭ୍ୟସ୍ତ ସେଇ ବାତ୍ସଲ୍ୟମମତାସିକ୍ତ ଆଦରର ଡାକ 'ସୈଖୁ ବାବା' ।

ସେଲିମ ବ୍ୟଗ୍ର ହୃଦୟରେ ଅପେକ୍ଷା କରିଥାନ୍ତି ପିତାଙ୍କ ଉତ୍ତରକୁ ବଡ଼ ଆଶାୟିତ ହୋଇ । ମାତ୍ର ମିଳିଲା ନାହିଁ ଆକବରଙ୍କ ମୁଖରୁ ସଦୟ ସମ୍ମତି । ସେଲିମଙ୍କ ଈପ୍‌ସିତ ସମ୍ଭାବନାକୁ ନେତିବାଚକରେ ପରିଣତ କରିଦେଲା

Digitized by srujanika@gmail.com

Digitized by srujanika@gmail.com

ସମ୍ରାଟ୍‌ଙ୍କର କଠୋର ରାଜତାନ୍ତ୍ରିକ ମୀତି । ସେହି ନୀତିର ନିର୍ମମ ଅସିଧାରରେ ଛିନ୍ନମୂଳ ହୋଇ ସହସା ଭୂମିସାତ୍ ହୋଇଗଲା ସେଲିମଙ୍କ ପଲ୍ଲବିତ ଆଶା-ତରୁ । ଗଭୀର ନୈରାଶ୍ୟଭାରରେ ହାହାକାର କରିଉଠିଲା ବୁକୁତଳର ଗୋପନ ବାସନା । ସେଲିମ ମର୍ମଜଳା ବେଦନାରେ ଉଷ୍ଣ ଶ୍ୱାସ ତ୍ୟାଗ କରି ଅପସରି-ଆସିଲେ ପିତୃସମ୍ମୁଖରୁ ।

ପୁତ୍ରର ମନୋଗତ କାମନାକୁ ଆକବର ସମର୍ଥନ ଦେଇପାରିଲେ ନାହିଁ କେତୋଟି ବିଶେଷ କାରଣ ଯୋଗୁଁ । ମିର୍ଜା ଗିୟାସ ବିଦେଶୀ ଏବଂ ତାଙ୍କର ଆଶ୍ରିତ । ପୁଣି ଗିୟାସଙ୍କ ବୁଦ୍ଧିବିଚକ୍ଷଣତା ଓ ଶାସନପ୍ରତିଭା ତାଙ୍କର ରାଜ୍ୟବ୍ୟବସ୍ଥାର କୌଶଳର ପରମ ପରିପୋଷକ । ତେଣୁ ମିର୍ଜା ସାହେବଙ୍କ ଇଚ୍ଛା ବିରୁଦ୍ଧରେ ମେହେରଉନ୍ନିସାକୁ ବିବାହ କରିବାପାଇଁ ପୁତ୍ରକୁ ଅନୁମତି ଦେବାର ଅର୍ଥ ଆଶ୍ରିତପ୍ରତି ଅସମ୍ମାନ ପ୍ରଦର୍ଶନ ଏବଂ ତାହା ସଙ୍ଗେ ସଙ୍ଗେ ଦିଲ୍ଲୀ ସାମ୍ରାଜ୍ୟର ଅଭିବୃଦ୍ଧିରେ କୁଠାରାଘାତ । ଏହି ସମ୍ପର୍କରେ ପ୍ରିୟ ମନ୍ତ୍ରୀ ଆବୁଲଫଜଲଙ୍କ ସଙ୍ଗେ ପରାମର୍ଶ କରିଥିଲେ ବାଦଶା ଆକବର—ପୁତ୍ରକୁ ସେଠାରେ ବିବାହ କରାଇବାପାଇଁ ନୁହେଁ, ବିବାହ ନ କରାଇବାପାଇଁ ।

ପ୍ରବୀଣ ଆକବର ଏହିପରି ନାନା ଦିଗରୁ ବିଚାର କରି ସେଲିମଙ୍କ ଆଶାପୂରଣରେ ହେଲେ ଅନ୍ତରାୟ । କେବଳ ସେତିକି ନୁହେଁ, ବେଗ୍ ସାହେବଙ୍କୁ ଗୁପ୍ତ ପରାମର୍ଶ ଦେଲେ, ଅତି ତୁରନ୍ତ କନ୍ୟାକୁ ସମ୍ପ୍ରଦାନ କରି-ଦେଇ ରାଜଧାନୀରୁ ଯଥାଶୀଘ୍ର ଅନ୍ତରିତ କରିଦେବା ଲାଗି । ତାହାହେଲେ ସମୟକ୍ରମେ ବିସ୍ମୃତିର ବନ୍ୟାରେ ଦିନେ ଭାସିଯିବ ନିଷ୍ଫଳ ଆଶାହତ ସେଲିମଙ୍କ ଅନ୍ତର-ବେଦନାର ସ୍ତୂପୀକୃତ ତୁଷାନଳ ।

ଗିୟାସ ବେଗ୍ ସ୍ୱାଗତ କରିନେଲେ ଏହି ରାଜପରାମର୍ଶକୁ ପରମ ଆନନ୍ଦରେ । ସମ୍ରାଟ୍‌ଙ୍କର ପ୍ରଚ୍ଛନ୍ନ ଇଙ୍ଗିତ ଓ ଆନ୍ତରିକ ସହଯୋଗରେ ମେହେରଉନ୍ନିସାର ବିବାହୋତ୍ସବ ଅବିଳମ୍ବେ ସଂପାଦିତ ହୋଇଗଲା ମହାସମାରୋହରେ । ସେତେବେଳକୁ ମେହେରଉନ୍ନିସାର ବୟସ ସତର ବର୍ଷ—ସୁନ୍ଦରୀ ସପ୍ତଦଶୀ ।

Digitized by srujanika@gmail.com

Digitized by srujanika@gmail.com

ବିଷାଦମଥିତ ଦାରୁଣ ଦୁଶ୍ଚିନ୍ତାରେ ଓଜେଇହୋଇପଡ଼ିଲା ହତାଶା-ହୁତାଶଦଗ୍ଧ ସେଲିମଙ୍କ ହୃଦୟ । କପୋଳରେ କରଭର ଦେଇ ବସିଥାନ୍ତି ସେ ଚନ୍ଦ୍ରଶାଳା-ଚୂଳରେ । ଗଗନ-ବିତାନରେ ବରାହଦନ୍ତ ପରି ବଙ୍କିମ ଚନ୍ଦ୍ର । ସେତିକିବେଳେ ଦେଖିବାକୁ ପାଇଲେ, ବିହଙ୍ଗୀ ଉଡ଼ିଯାଏ ଅନ୍ୟର ପିଞ୍ଜରା ମଣ୍ଡନ କରିବା ଲାଗି । ସତେ କଣ ଫେରିବ ନାହିଁ ବିହଙ୍ଗୀଟି ଆଉ ! ପିଞ୍ଜରା ତାଙ୍କର ଶୂନ୍ୟ ପଡ଼ିରହିବ ଚିରଦିନ ! ଭ୍ରଷ୍ଟନୀଡ଼ ପକ୍ଷୀ ସମ ଫେରାରୀ ମନ ତାଙ୍କର ସତେ କଣ ଶୂନ୍ୟତାର ଅନନ୍ତ ଦିଗନ୍ତରେ ଉଦ୍‌ଭ୍ରାନ୍ତଭାବରେ ଉଡ଼ି-ବୁଲୁଥିବ ଚିରକାଳ !

ସହସା ମାନସମଣ୍ଡଳରେ ମାତିଉଠିଲା ଭୈରବ ଝଞ୍ଜା । ଗୋଟାଏ କାହୁଁ ଅଇଲା ଅଜ୍ଞାତକୁଳଶୀଳ ଅର୍ବାଚୀନ, ଶ୍ୟେନ ଭଳି ମେହେରଉନ୍ନିସାକୁ ଝାମ୍ପି ନେଇଗଲା ଚକ୍ଷୁସମକ୍ଷରେ—ଅସହ୍ୟ ଏ ଦୃଶ୍ୟ ! ସଙ୍ଗେ ସଙ୍ଗେ ପ୍ରତିହତ ବାସନାର ଦଂଶନୋନ୍ମୁଖୀ ଫଣିନୀ ଗର୍ଜିଉଠିଲା ଦୁର୍ବାର ପ୍ରତିହିଂସାରେ ।

ଯାହାଙ୍କ ସହିତ ପରିଣୟ ହେଲା ମେହେରଉନ୍ନିସାର, ମିର୍ଜା ଗିୟାସ ବେଗ୍‌ଙ୍କ ପରି ସେ ମଧ୍ୟ ଜାତିରେ ପାରସିକ । ନାମ ତାଙ୍କର ଆଲି କୁଲି ବେଗ୍ ଇସ୍ତାଜଲ୍ । ସୌମ୍ୟଦର୍ଶନ, ସଦ୍‌ବଂଶଜ, ସୁଚେତସ, ଦୀର୍ଘକାୟ, ପ୍ରଶସ୍ତବକ୍ଷ, ସାହସୀ ଯୋଆନ । ଗିୟାସଙ୍କ ସଦୃଶ ସେ ମଧ୍ୟ ହିନ୍ଦୁସ୍ଥାନର ପଥିକ—ଭାଗ୍ୟସନ୍ଧାନରେ ।

Digitized by srujanika@gmail.com

Digitized by srujanika@gmail.com

Digitized by srujanika@gmail.com

Digitized by srujanika@gmail.com

ପୂର୍ବାହ୍ନ



ବେଶୀ କାଳ ନୁହେଁ—
ମେହେରଉନ୍ନିସା ପରିଣୀତା
ହେବାର କେତୋଟିମାତ୍ର ଦିନ-
ପରେ। ରାଜଦରବାରରେ ଘଟିଲା
ଆକସ୍ମିକ ଘଟପରିବର୍ତ୍ତନ—
ସିଂହାସନର ନବକଳେବର।
ମରଜଗତରୁ ହଠାତ୍ ବିଦାୟ
ନେଲେ ଦିଲ୍ଲୀବାଦଶା ଆକବର।

ସେ-ଦିନଟି ୧୬୦୫ ଖ୍ରୀଷ୍ଟାବ୍ଦର ଅକ୍ଟୋବର ୧୭ ତାରିଖ।

ପିତୃବିୟୋଗଜନିତ ଶୋକର ଛାୟାକୁ ସମଗ୍ର ସାମ୍ରାଜ୍ୟରୁ ଅପସାରିତ କରିଦେଇ ମହାଆଡ଼ମ୍ବରରେ ହିନ୍ଦୁସ୍ଥାନର ସମ୍ମାନିତ ମସନଦର

Digitized by srujanika@gmail.com

ଉତ୍ତରାଧିକାରୀ ହେଲେ ଶାହଜାଦା ସେଲିମ । ପ୍ରାଣରେ ତାଙ୍କର ପରିପୂର୍ଣ୍ଣ ପରିତୃପ୍ତି ।

ରାଜଦଣ୍ଡ-ଧାରଣରେ ଚରମ ଆତ୍ମବିହ୍ୱଳ ସେ । ବିରାଟ ଗୁରୁ-ଗମ୍ଭୀର ତାଙ୍କର ନାମ—'ନୂରଉଦ୍ଦିନ ମହମ୍ମଦ ଜାହାଙ୍ଗିର ବାଦଶା ଗାଜି' । ସଂକ୍ଷିପ୍ତ ପଦବୀ ହେଲା 'ଜାହାଙ୍ଗିର' ଅର୍ଥାତ୍ 'ବିଶ୍ୱବିଜୟୀ' । ସେତେ-ବେଳକୁ ବୟସ ତାଙ୍କର ଛତିଶ ବର୍ଷ । ବିଳାସବିଭୋର ଜୀବନ-ମଞ୍ଚରେ ସଂଚରଣୀ ହେଲା କେତେ କେତେ ସ୍ୱପ୍ନିଳା ଆଶା । ପ୍ରଭୂତ ପ୍ରଭୁତ୍ୱ, ନିରଙ୍କୁଶ କ୍ଷମତା ଓ ଅପ୍ରମିତ ଐଶ୍ୱର୍ଯ୍ୟରେ ପ୍ରମତ୍ତ ହୋଇଉଠିଲା ଗୁରୁଗର୍ବିତ ମନ ।

ଦୀର୍ଘ ଚାଳିଶ ଦିବସ ଧରି ଅନବଚ୍ଛିନ୍ନଭାବରେ ଲାଗିରହିଲା ଅଭିଷେକୋତ୍ସବର ତୁମୁଳ ଘନଘଟା । ରାଜଧାନୀ ଆଗ୍ରାନଗରୀର ବକ୍ଷ ପରିପ୍ଲାବିତ ହେଲା ଉଚ୍ଛଳ ଆନନ୍ଦ-କଲ୍ଲୋଳରେ । ପୁର-ଦ୍ୱାର, ପଥ-ଘାଟ, ସର୍ବତ୍ର ଆଲୋକମାଳିକା । ପ୍ରତି ଶୃଙ୍ଗାଟକରେ ବିଚିତ୍ର ବର୍ଣ୍ଣୋଜ୍ଜ୍ୱଳ ଶୃଙ୍ଖଳ ତୋରଣ । ଅସରନ୍ତି ଖାଦ୍ୟ-ପାନୀୟର ପ୍ରସ୍ତୁତି ଓ ପରିବେଷଣରେ ନିଯୁକ୍ତ ଅସଂଖ୍ୟ ବାବୁର୍ଚ୍ଚି, ଖାନସାମା, ଖିଦ୍‌ମତ୍‌ଗାରଙ୍କୁ ମୁହୂର୍ତ୍ତେ ନାହିଁ ଅବସର । ଅଜସ୍ର ଦାନ ବିତରଣ । ବାଦ୍ୟବାଜଣା, ଆତସବାଜିର ଦଣ୍ଡେ ନ ଥାଏ ବିରାମ ।

ଏହିରୂପେ ରାଜଧାନୀ-ପରିସର ସମେତ ସାମ୍ରାଜ୍ୟର ସର୍ବାଞ୍ଚଳକୁ ଉତ୍ସବମୟ କରାଇ ପାରସ୍ୟ-ସମ୍ରାଟ୍‌ଙ୍କ ସିଂହାସନ-ଛାଞ୍ଚରେ ପ୍ରସ୍ତୁତ ବହୁମୂଲ୍ୟ ତଖ୍‌ତ୍-ଇ-ତାଉସ (ମୟୂର ସିଂହାସନ) ଅଳଂକୃତ କଲେ ନୂତନ ବାଦଶା ଜାହାଙ୍ଗିର । ପର୍ଯ୍ୟବେକ୍ଷକ ମହଲଙ୍କ କଳନାରେ ସେହି ନବନିର୍ମିତ ସୂକ୍ଷ୍ମକାରୁ-କଳାଶୋଭିତ ସୁଦୃଶ୍ୟ ମୟୂରାକୃତି ରତ୍ନସିଂହାସନଟିର ମୂଲ୍ୟ ଅତି କମ୍‌ରେ ଦେଢ଼ ଲକ୍ଷ ଟଙ୍କା, ଆଉ ତାର ଗଠନ-ପରିପାଟୀ ଓ ସୌନ୍ଦର୍ଯ୍ୟର ତୁଳନା ଏ ଦେଶରେ ବିରଳ ।

ସିଂହାସନର ଅଧିକାରୀ ହେଉ ହେଉ ଏକସଙ୍ଗେ ଅନେକ କାର୍ଯ୍ୟରେ ହାତ ଦେଲେ ସମ୍ରାଟ୍ ଜାହାଙ୍ଗିର । ସମଗ୍ର ସାମ୍ରାଜ୍ୟରେ ପ୍ରତ୍ୟହ ନୂତନ ଘଟଣାର ହେଲା ସୂତ୍ରପାତ । କିଛି-ନା-କିଛି ଚାଞ୍ଚଲ୍ୟକର ସମ୍ବାଦ ନିତ୍ୟ ଶୁଣିବାକୁ ପାଇଲା ରାଜଧାନୀର ଜନତା । ସେସବୁମଧ୍ୟରୁ ଏଠାରେ

Digitized by srujanika@gmail.com

ଯାହା ଉଲ୍ଲେଖନୀୟ, ସେଇଟି ହେଉଛି ମିର୍ଜା ଗିୟାସଙ୍କ ଜାମାତା ଆଲି କୁଲିଙ୍କୁ ସମ୍ମାନାସ୍ପଦ ଉପହାରପ୍ରଦାନ ।

ମେହେରଉନ୍ନିସାପ୍ରତି ତାଙ୍କର ସ୍ନେହପ୍ରବଣତା ଯେ କେତେ ପ୍ରଗାଢ଼ ଓ ଆନ୍ତରିକ, ଜାହାଙ୍ଗିର ତାର ନିଦର୍ଶନ ଦେଖାଇବାପାଇଁ ଆଲି କୁଲିଙ୍କୁ ଉପହାର ଦେଲେ ଖଣ୍ଡିଏ ଜାୟଗିର । ସମ୍ରାଟ୍‌ଙ୍କ ପ୍ରସାଦରୁ ସୁଦୂର ବଙ୍ଗ ଦେଶର ଉତ୍ତରାଞ୍ଚଳ ବର୍ଦ୍ଧମାନ ସେଦିନ ଠାରୁ ହେଲା ଆଲି କୁଲିଙ୍କର ନିଜସ୍ୱ ସଂପତ୍ତି ଏବଂ ରାଜଦରବାରର ଘୋଷଣାକ୍ରମେ ତାଙ୍କର ସମ୍ମାନନୀୟ ପଦବୀ ହେଲା ଜାୟଗିରଦାର ।

ବିଚିତ୍ର ସେ ରାଜନୀତିର ଚକ୍ରବ୍ୟୂହ । ଏଭଳି ବ୍ୟୂହରଚନାରେ ଅଦ୍ୱିତୀୟ ଓ ଅଦ୍ଭୁତ କୃତିତ୍ୱଶାଳୀ ସୁଚତୁର ଆକବର କଳ୍ପନା କରିଥିଲେ, ମେହେରଉନ୍ନିସା ଆଗ୍ରାରୁ ଅନ୍ତରିତା ହୋଇଗଲେ ସେଲିମଙ୍କ ଉତ୍କଣ୍ଠିତ ଆକାଂକ୍ଷା କ୍ରମଶଃ ହ୍ରାସ ପାଇ ପାଇ ଶେଷରେ ବିଲୟ ହେବ ଆପେ ଆପେ । କିନ୍ତୁ ବାପ୍‌ଙ୍କ ଚେଷ୍ଟା ଜ୍ୟାଦା ବନିଗଲା ଏ କ୍ଷେତ୍ରରେ । ଆକବରଙ୍କର ସେହି ଚକ୍ରବ୍ୟୂହରଚନାର କୂଟ ଗୃହୁରୀକୁ ବଳିଗଲା ଏବେ ଜାହାଙ୍ଗିରଙ୍କର ଚତୁରତର କୂଟ କୌଶଳ । ଆକବରଙ୍କ ବିରୁଦ୍ଧରେ ଯେଉଁ ଫିକର ଥିଲା ସେଲିମଙ୍କ ଅଭୀଷ୍ଟ-ପୂରଣର ପରିପନ୍ଥୀ, ସେଲିମ ଏବେ 'ଜାହାଙ୍ଗିର' ପାଲଟି ସେହି ଫିକରକୁ ସ୍ୱାଗତ କଲେ ଆତ୍ମପ୍ରୟୋଜନ ସିଦ୍ଧିର ଅସ୍ତ୍ରରୂପେ ପ୍ରୟୋଗ କରିବା ଉଦ୍ଦେଶ୍ୟରେ ।

ବର୍ଦ୍ଧମାନର ଅଧିକାରଭୁକ୍ତିଫଳରେ ନବଦମ୍ପତି ହସ୍ତିପୃଷ୍ଠରେ ବସି ଅଗ୍ରସର ହେଲେ ବଙ୍ଗରାଜ୍ୟାଭିମୁଖରେ ରକ୍ଷିପରିବୃତ ହୋଇ । ଗୃହୁଁ ଗୃହୁଁ ଆଗ୍ରାର ଆକାଶ ଗ୍ରାଡ଼ି ପୂର୍ବାଶ୍ୱନ ଗଡ଼ି କଲା ହିଅମଣ୍ଡଳର ସୂର୍ଯ୍ୟ— ଗ୍ଳଲଗଲା ବହୁ ଦୂରର ପ୍ରାଚୀ ଆକାଶକୁ, କରିଣ ଉକରଣ କଲା ବଙ୍ଗଳାର ବିକ୍ଷିପ୍ତ ପଲ୍ଲୀଗାଆଁ ଗହଳରେ । ଉତ୍ତରାପୂଣ ହେଲା ସୂର୍ଯ୍ୟହୀନ ।

ରୂପସୀ-ମିହିର ମେହେରଉନ୍ନିସା ଆଗ୍ରାକୁ ତମସାଚ୍ଛନ୍ନ କରି ବର୍ଦ୍ଧମାନରେ ଉଦିତ ହେଲେ ସତ; କିନ୍ତୁ ଜାହାଙ୍ଗିରଙ୍କ ହୃଦୟ ତଦ୍ୱାରା ତମସାଚ୍ଛନ୍ନ ହେଲା ନାହିଁ ଆଦୌ । ମେହେରଉନ୍ନିସା ଚକ୍ଷୁର ଅନ୍ତରାଳରେ ରହିଗଲେ ସୁଦ୍ଧା ବାଦଶାଙ୍କ ମନ-ରାଜ୍ୟରେ ଅଖଣ୍ଡ ପ୍ରଭାବ ବିସ୍ତାର

Digitized by srujanika@gmail.com

କଲା ତାଙ୍କ ଅପରୂପ ରୂପଶ୍ରୀର ବେ-ଉଆରସୀ ସାର୍ବଭୌମତ୍ୱ । ଆଲି-ଅଙ୍କଶାୟିନୀ ମେହେରଙ୍କ ସୌନ୍ଦର୍ଯ୍ୟର ଆକର୍ଷଣ ଘୃତାହୁତ ସଦୃଶ ସମ୍ରାଟ୍-ହୃଦୟର କାମନାଗ୍ନିକୁ ବଢ଼ାଇଦେଇ ବେଳୁ ବେଳ କଲା ତୀବ୍ରରୁ ତୀବ୍ରତର ! ମନସ୍ତାତ୍ତ୍ୱିକତାର ଏ ବୋଧ ହୁଏ ବୈଶିଷ୍ଟ୍ୟପୂର୍ଣ୍ଣ ଗୋଟାଏ ପ୍ରଧାନ ନମୁନା । ଆଖିରୁ ଉଢ଼ାଳ ହୋଇଗଲେ ସତ୍ୟ ସତ୍ୟହିଁ ଏହିପରି ଘଟେ ସଚରାଚର । ମନର ଫାଙ୍କା ଜାଗାଟାରେ ସୃଷ୍ଟି ହୁଏ ଅଭାବର ଆଗ୍ନେୟ କମ୍ପନ । ତେଣୁ ଆକାଂକ୍ଷିତ ବସ୍ତୁର ଲାଳସା ସ୍ୱଭାବତଃ ହୋଇଉଠେ ଉତ୍କଟତର ଓ ଉଗ୍ର ।

ମନେ ପଡ଼ିଗଲା ନରୀହା 'ଅନାରକଲି'ର ଅମର ଆତ୍ମାର ଶୋକାବହ ସ୍ମୃତି ।

ହେନେ ସେଲିମ ଥିଲେ ତାର ରୂପର ବୁଭୁକ୍ଷୁ । ଅନଦ୍ୟାଙ୍ଗୀର ଉଦ୍ଭିନ୍ନ ଯୌବନଶ୍ରୀକୁ ଉପଭୋଗ କରି ଜନ୍ମ ସାର୍ଥକ କରିବାର ତୀବ୍ର ବାସନା କରିଥିଲା ତାଙ୍କୁ ଉନ୍ମତ୍ତ ଉତ୍‌କ୍ଷିପ୍ତ । ମାତ୍ର ଦିଲ୍ଲୀପତି ଆକବର ବୁଝିଲେ ନାହିଁ ପ୍ରେମିକ ଯୁବରାଜଙ୍କର ପ୍ରବଳ ହୃଦୟ ଜ୍ୱର । ସେଲିମ ହେଲେ ଭଗ୍ନକାମ । ଆକାଂକ୍ଷିଣୀ ଅନାରକଲିର ଦୀର୍ଘ ପ୍ରତୀକ୍ଷା ହେଲା ହତାଶାରେ ଜର୍ଜରିତ ।

କେବଳ ଏତିକି ନୁହେଁ, ନିଷ୍ଠୁର ଆକବର ଜଳାଇଦେଲେ ପ୍ରତି-ହିଂସାର ହୁତ୍-ହୁତ୍ ବହ୍ନି । ତଥାପି ଶଙ୍କିଲା ନାହିଁ ଅସହାୟା ଅନାରକଲି । ଟିକିଏ ହେଲେ ଛୁଇଁଲା ନାହିଁ ହୃଦୟକୁ ତାର ଭୀରୁତାର ଦୁର୍ବଳତା । ଦଣ୍ଡକ-ପାଇଁ ସୁଦ୍ଧା ଆସିଲା ନାହିଁ ସୁନ୍ଦର ଶରୀରପ୍ରତି ପାର୍ଥିବ ମମତା । ଅକଳୁଷ ଅକଳଙ୍କ ଅଙ୍ଗ ତାର ଅନାଘ୍ରାତ ପୁଷ୍ପର ଅନନ୍ତ ସୌରଭ ଢାଳି ଅମ୍ଳାନ-ବଦନରେ ଝାସ ଦେଲା କ୍ରୂରମତି ବାଦଶାଙ୍କର ସେହି ଉଗ୍ର ପ୍ରତିହିଂସାର ଲେଲିହାନ ବହ୍ନିଶିଖାରେ ।

ଫୁଟନ୍ତଯୌବନା ଅଭାଗିନୀ ତାଲିମକନ୍ୟାଟି ଅକାଳରେ ଗୁଲି-ଗଲା ପ୍ରପଞ୍ଚର ପଙ୍କିଳତା ଛାଡ଼ି । ତାର ନିଷ୍ପାପ ଆତ୍ମାହୁତିପାଇଁ ତାଙ୍କର ପ୍ରେମପିପାସାହିଁ ଯେ ମୂଳତଃ ଦାୟୀ, ମର୍ମେ ମର୍ମେ ଉପଲବ୍‌ଧି କଲେ ସେଲିମ । ମାନସପୁରୀରେ ଦାଉଦାଉ ହୋଇ ଜଳିରହିଲା ଅବଲୁପ୍ତାର ପବିତ୍ର ପ୍ରଣୟକାହାଣୀର ଅନବଲେପ୍ୟ ଆଲେଖ୍ୟ ।

Digitized by srujanika@gmail.com

ଘୋର ଅନୁତାପର ବିଷବାଷ୍ପରେ ଧୂମାୟିତ ହୋଇଗଲା ହୃଦୟର ପ୍ରତି ରନ୍ଧ୍ର । ସୁନ୍ଦରୀପୁରନ୍ଦରୀ ବରବର୍ଣ୍ଣିନୀ ଅନାରକଲିର କୁବଳୟ-ନୟନ, ନୀଳ ଭ୍ରୂଭୁଜଙ୍ଗ, ତରଙ୍ଗକୁଞ୍ଚିତ କୁନ୍ତଳ ଚରଦନ ଲାଗି ଲୁଚିଗଲା ତାଙ୍କର ଆଖିଆଗରୁ ସୃଷ୍ଟିରେ ଶୂନ୍ୟ ରହିଗଲା ତାର ସୌନ୍ଦର୍ଯ୍ୟର ସ୍ଥାନଟି । ଉଦ୍‌ଭ୍ରାନ୍ତ ସେଲିମ୍ ଏଥିପାଇଁ ତାର ମନୋହର ସ୍ମୃତିସ୍ତମ୍ଭ-ଗାନରେ ଖୋଲାଇଲେ ନିଜ ଅଭିଶପ୍ତ ମନର କରୁଣ କାକୁତି :

"ନିମିଷକପାଇଁ ହେଉ ପଛକେ, ମୁଁ ଯଦି
ଆଉ ଥରଟିଏମାତ୍ର ମୋର ସେହି ପ୍ରିୟତମାକୁ
ଦର୍ଶନ କରିବାର ଆଶା ପାଆନ୍ତି, ତାହାହେଲେ
ଆସନ୍ତା ଜନ୍ମ ପର୍ଯ୍ୟନ୍ତ ତୁମ ନିକଟରେ ବରାବର
କୃତଜ୍ଞତା ଜଣାନ୍ତି ହେ ଦୟାଳୁ ପରମେଶ୍ୱର !"

ପାଷାଣୀ ଅହଲ୍ୟା ! ପାଷାଣଶଯ୍ୟାରେ ଧ୍ୟାନରତା ଅନନ୍ତଯୌବନା ଅନାରକଲି ! ······ଅଲବ୍ଧାର ନିଦାରୁଣ ସ୍ମୃତିରେ ସହସା ଉଦ୍‌ବୁଦ୍ଧ ହେଲା ବିପ୍ରଲବ୍ଧ ବିଦଗ୍ଧ ହୃଦୟ ।

ଶହ ଶହ ବିବି-ବେଗମର ବାଦଶା ଦିଲ୍ଲୀଶ୍ୱର ଜାହାଙ୍ଗିର ସତେ ଯେପରି ହୋଇଉଠିଲେ ପୁଣି ସେହି ଦୁରନ୍ତ ପ୍ରେମିକ ଯୁବରାଜ ସେଲିମ । ନିଜର ଶକ୍ତିଦ୍ୱାରା ନିଜର କଲିଜାଟାକୁ ଧରିରଖିବାର ଧୈର୍ଯ୍ୟ ଓ ସାମର୍ଥ୍ୟ ଆଚମିତେ ବିଲୁପ୍ତ ହୋଇଗଲା ତାହାଙ୍କର ।

ମନେ ପଡ଼ିଗଲା ମିନାବଜାରର ସେଇ ନଗରୀଶୋଭନା ସନ୍ଧ୍ୟା କଥା । ପୁଣି ମନେ ପଡ଼ିଗଲା ମିର୍ଜା ଗିୟାସଙ୍କ ଘରେ ସେଇ ମଧ୍ୟାହ୍ନରେ ସୂର୍ଯ୍ୟ-ଦର୍ଶନର କଥା । ଅବିସ୍ମରଣୀୟ ସେହି ଦୃଶ୍ୟ ଦୁଇ । ଅପାସୋରା ସେହି ସ୍ମୃତି—ଚତ୍ତ-ଗନ୍ଧାଘରର ଅମୂଲ୍ୟ ବସ୍ତୁ ସେ । ମେହେରଉନ୍ନିସାକୁ ମନରୁ ପୋଛିଦେବା ଅସମ୍ଭବ ଏକାବେଳେ । ଯାର ଚରଣ-ଘଷା ପଥରକୁ, ପାଦକାଣିଆଙ୍ଗୁଠିନଖକୁ କୌଣସି ଯୋଷା ସରି ହୋଇପାରେ ନା, ନୂତନ ବାଦଶାଙ୍କ ଶିକାରୀ ମନ ତାକୁ କି ମୁର୍ଚ୍ଛି ରହିପାରେ କେବେ ହେଲେ ?

ମାତ୍ର ସେ ଯେ ସମ୍ରାଟ୍ !········ ପରକ୍ଷଣରେ ଜାଗିଲା ଚେତନା । ଅଶୋଭନ ଆଚରଣ ଲଘୁଚ୍ଛଳନରୂପେ ବିବେଚିତ ହୋଇପାରେ ଯୁବ-

Digitized by srujanika@gmail.com

ରାଜଙ୍କ ପକ୍ଷରେ; କିନ୍ତୁ ଯିଏ ବିଶାଳ ହିନ୍ଦୁସ୍ଥାନର ଛତ୍ରପତି, ସେଇଠି ନିଶ୍ଚୟ ଅମାର୍ଜନୀୟ ଗୁରୁତର ଅପରାଧ ହେବ ତାଙ୍କ ପକ୍ଷରେ । ଦଂଶନ କଲା ବିବେକ । ତା ସଙ୍ଗେ ସଙ୍ଗେ ପିଛିଲା ଜୀବନ ଦେଲା ବାରବାର ସିଂହାବଲୋକନର ସଂକେତ । ଅଗ୍ନିଗର୍ଭ ମେଘ ରହି ରହି ଗୁରୁ ଗର୍ଜନ ଛାଡ଼ିଲା ତାଙ୍କ ବକ୍ଷ-ଆକାଶରୁ ।

ସମ୍ରାଟ୍ ଜାହାଙ୍ଗିର ବାଧ୍ୟ ହୋଇ ଏଥର ଧରିଲେ ବକ୍ରକୁଟିଳ ପନ୍ଥା । ଏଣିକି ହୋଇଉଠିଲେ ସେ କ୍ରୂର ପ୍ରେମିକ । ଜନମାନସକୁ ଘନ କୁହେଳିରେ ଢାଙ୍କିରଖି ଅନତିବିଳମ୍ବେ ଆରମ୍ଭ କରିଦେଲେ ଭୟାବହ ନିର୍ମମ ଚକ୍ରାନ୍ତ । ରୂପେଶ୍ୱରୀ ମେହେରଉନ୍ନିସାଙ୍କୁ ଅଚିରେ ଚିତ୍ତପୁରୀର ଅଧୀଶ୍ୱରୀ କରିବାର ଉଦ୍ଦାମ କାମନା କରିପକାଇଲା ତାଙ୍କୁ ଚରମ ନୃଶଂସ, ନିଷ୍କରୁଣ ଆଉ ବର୍ବର ।

Digitized by srujanika@gmail.com

ଶେରଖାଁ ବଖା

Digitized by srujanika@gmail.com

Digitized by srujanika@gmail.com

ଶେର୍‌କା ବଚ୍ଚା

ସୁଦୂର ବର୍ଦ୍ଧମାନରେ କିଛି କାଳ କଟିଗଲା ଖୁବ୍ ଆନନ୍ଦ-ଆମୋଦରେ । ହଠାତ୍ ଦିନେ ଆଲି କୁଲିଙ୍କୁ ଚକିତ କରିଦେଲା ବାଦଶା ଜାହାଙ୍ଗିରଙ୍କର ଏକ ଜରୁରୀ ନିର୍ଦ୍ଦେଶନାମା । ତହିଁରେ ନିର୍ଦ୍ଦେଶ ଥିଲା :

"ରାଜଧାନୀକୁ ସାଦର ଆମନ୍ତ୍ରଣ ।
ଆସିବାକୁ ହେବ ସସ୍ତ୍ରୀକ । ରାଜକୀୟ ସମ୍ମାନରେ
ଭୂଷିତ କରାଯିବ ବର୍ଦ୍ଧମାନ-ଅଧିକାରୀଙ୍କୁ ।"

ଜାହାଙ୍ଗିରଙ୍କ ମାନସିକ ବୃତ୍ତି ଅଜ୍ଞାତ ନ ଥିଲା ମେହେରଉନ୍ନିସାଙ୍କୁ । ତେଣୁ ଏଭଳି ଆକସ୍ମିକ ନିମନ୍ତ୍ରଣରେ ସଂଶୟ ଉପୁଜିଲା ତାଙ୍କ ମନରେ ସ୍ୱଭାବତଃ । ସମ୍ରାଟ୍‌ଙ୍କର ଏ ଆଯାଚିତ ସମ୍ମାନଦାନର ମୂଳରେ ଯେ ନିଶ୍ଚୟ କିଛି ଅଭିସନ୍ଧି ଥିବ, ଏହା ସେ ଅନୁମାନ କଲେ ମନେ ମନେ । ତାହା ନ ହୋଇଥିଲେ ସ୍ୱାମୀଙ୍କ ସହିତ ତାଙ୍କର ଆଗ୍ରାଯାତ୍ରାଉପରେ ଏତେ କାହିଁକି ଦିଆଯାଇଥାନ୍ତା ଗୁରୁତ୍ୱ ? ଯାହା ହେଉ, କୌଣସି ପ୍ରତିକ୍ରିୟାତ୍ମକ ଭାବଭଙ୍ଗୀ ପ୍ରକାଶିଲେ ନାହିଁ ମେହେରଉନ୍ନିସା । ସ୍ୱାମୀଙ୍କ ଇଚ୍ଛାର ସହଗାମିନୀ ହେବାହିଁ ତାଙ୍କର ହେଲା ସିଦ୍ଧାନ୍ତ । ତେବେ, ପ୍ରାଣମଧ୍ୟରେ ଖେଳିବୁଲିଲା ଉତ୍କଣ୍ଠାର

Digitized by srujanika@gmail.com

କୁହୁଳା ଧୂଆଁ । କିଏ ଯେପରି ଭିତରୁ ଚେତାଇଦେଲା ସ୍ମୃତି-କବାଟିରେ ଧକ୍କା ମାରି :

"ସାବଧାନ, ଆରମ୍ଭ ହେଲା ଦୁର୍ଦ୍ଦଶାର ଅଭିଯାନ !"

କିନ୍ତୁ ଆଲି କୁଲିଙ୍କ ମନରେ ଆଦୌ ନ ଥାଏ ଇତସ୍ତତଃ ଭାବ । ସମ୍ରାଟ୍‌ଙ୍କ ସମ୍ପର୍କରେ ଏକାବେଳେ ନିଃଶଙ୍କଚିତ୍ତ, ସେ । ଯାହାଙ୍କ ସୁଦୃଷ୍ଟିରୁ ଏତେ ବଡ଼ ସମ୍ମାନାସ୍ପଦ ପଦବୀର ସେ ଆଜି ଅଧିକାରୀ, ସେହି ବାଦଶାଙ୍କ ଆମନ୍ତ୍ରଣ ପଛରେ ଗଭୀର ସଦିଚ୍ଛା ଛଡ଼ା ଆଉ କିଛି ଦୂଷିତ ଅଭିପ୍ରାୟ ଯେ ଥାଇପାରେ, ଏଭଳି ଅସ୍ୱାଭାବିକ କଳ୍ପନା ମନକୁ ଆଣିବାର ଅବସର ସେତେବେଳ ସୁଦ୍ଧା ଆସି ନ ଥିଲା ତାଙ୍କର ।

ସରଳଚେତା ଆଲି କୁଲି ସହଜରେ ବିଶ୍ୱାସ କରିଗଲେ ବାଦଶାଙ୍କ ସାଦର ଆମନ୍ତ୍ରଣକୁ । ସଙ୍ଗେ ସଙ୍ଗେ ଆଗ୍ରାପଥର ଯାତ୍ରୀ ହେଲେ ଆଗ୍ରହର ପ୍ରବଳ ତାଡ଼ନାରେ । ସଂଶୟାକୁଳା ମେହେରଉନ୍ନିସା ସହଗାମିନୀ ହେଲେ ସଶଙ୍କ ହୃଦୟରେ ଅତି ସନ୍ତର୍ପଣରେ । କୋଳରେ ତାଙ୍କର ନବପ୍ରସୂତା ଶିଶୁକନ୍ୟାଟି ।

ଯଥାସମୟରେ ରାଜଧାନୀରେ ପଦାର୍ପଣ କଲେ ଆଲିଦମ୍ପତି । ବାଦଶା ସାଦରେ ଅଭ୍ୟର୍ଥନା କରିନେଲେ ଉଭୟଙ୍କୁ । ବିଶିଷ୍ଟ ସମ୍ଭ୍ରାନ୍ତ ଅତିଥିରୂପେ ଆଲି କୁଲିଙ୍କୁ ସସ୍ତ୍ରୀକ ସ୍ଥାନ ଦେଲେ ରାଜଭବନରେ । ସତେ ଯେପରି ଦୁଇ ଅଭିନ୍ନହୃଦୟ ବନ୍ଧୁଙ୍କର ଭେଟ ହେଲା ଦୀର୍ଘ ଦିନପରେ !

ଆସିଗଲା ନିର୍ଦ୍ଧାରିତ ଦିବସ । ଅପୂର୍ବ ଅଭିନବ ବେଶରେ ସୁସଜ୍ଜିତ ହେଲା ମୋଗଲ ଦରବାର । ପ୍ରକାଶ୍ୟ ରାଜସଭାରେ ସମ୍ରାଟ୍ ଜାହାଙ୍ଗିର ଏକ ସାଜ ବହୁମୂଲ୍ୟ ରାଜକୀୟ ପରିଚ୍ଛଦ ଆଲି କୁଲିଙ୍କୁ ଉପହାର ଦେଲେ ଅସଂଖ୍ୟ ଗଣ୍ୟମାନ୍ୟ ପ୍ରଜା-ପ୍ରତିନିଧିଙ୍କ ଉପସ୍ଥିତିମଧ୍ୟରେ । ଅତି ଆନନ୍ଦରେ ବାଦଶା-ହସ୍ତରୁ ଆଲି କୁଲି ଗ୍ରହଣ କଲେ ସେହି ସମ୍ମାନାର୍ହ ଉପଢୌକନ । ସେଥିପାଇଁ ନିଜକୁ ମଣିଲେ କୃତାର୍ଥମ୍ମନ୍ୟ ଆଉ ଧନ୍ୟ ।

ଏହି ଆପାତମଧୁର ବ୍ୟବହାରର ପଶ୍ଚାଦ୍ଦେଶରେ ଯେ ଖଳନୀତିର ବୀଜ ଲୁକ୍କାୟିତ, ଆଲି କୁଲିଙ୍କର ସେପର୍ଯ୍ୟନ୍ତ ଥିଲା ଅନୁମାନର ସୀମାବାହାରେ । ସେପର୍ଯ୍ୟନ୍ତ ଜାଣନ୍ତି ନାହିଁ ସେ, ବାଦଶା ବାହ୍ୟତଃ ଜାହାଙ୍ଗିର

Digitized by srujanika@gmail.com

ହେଲେହେଁ ମନମଧ୍ୟରେ ଏବେ ମଧ୍ୟ ମିନାବଜାରର ସେହି ସେଲିମ । ସେଇଥିପାଇଁ ତାଙ୍କର ହବାଗ୍ରହର ସ୍ୱପ୍ନ ମେହେରଉନ୍ନିସା ରାଜଭବନର ସୂର୍ଯ୍ୟ ହୋଇଛନ୍ତି ଆଜି କୌଶଳ-ଜାଲରେ ଛନ୍ଦି ହୋଇ ।

ସମ୍ରାଟ୍‌ଙ୍କର ଛଦ୍ମରୂପ ଭେଦ କରିବାପାଇଁ ରାଜ୍ୟମନ୍ତ ଆଲି କୁଲିଙ୍କର ନ ଥିଲା ସେତେବେଳେ ସୂକ୍ଷ୍ମଦୃଷ୍ଟିପ୍ରୟୋଗର ଭାବନା । ଠିକ୍ ଦୁଇ ଦିନପରେ ରାଜଦରବାରରୁ ପୁଣି ଆସିଲା ଆହ୍ୱାନ । ସମ୍ରାଟ୍ ଯିବେ ମୃଗୟା-ବିନୋଦନରେ । ଆଲି ସାହେବ ହେବେ ତାଙ୍କର ପ୍ରଧାନ ସହଚର । କାଳ ବିଳମ୍ବ ନ କରି ଆଲି କୁଲି ବାହାରିପଡ଼ିଲେ ମୃଗୟା-ବେଶରେ ସଜ୍ଜିତ ହୋଇ । ବାଦଶାଙ୍କ ଶ୍ରଦ୍ଧାପୂର୍ଣ୍ଣ ଡାକରାରେ ଯଥେଷ୍ଟ ପରିତୋଷ ତାଙ୍କ ମନରେ ।

ମୃଗୟାର ଅଭିଯାନ । ଦଳବଳ ଅସୁମାର । ଯୁବକ ବର୍ଦ୍ଧମାନ-ଶାସକ ସମ୍ରାଟ୍‌ଙ୍କର ହେଲେ ମୁଖ୍ୟ ସହଚର, ବୟସ୍ୟ; ମାତ୍ର ଘୁଣାକ୍ଷରରେ ସୁଦ୍ଧା ଜାଣିପାରିଲେ ନାହିଁ ଯେ, ସମ୍ରାଟ୍‌ଙ୍କର ହେଉଛି ମୃଗୟାବିଳାସର ଶିକାର ହେବାକୁ ଯାଉଛନ୍ତି ନିଜେହିଁ ସେ ।

ସୁପ୍ତ ବନାନୀର ଅନ୍ତରକେ ହେଲା ନିଦ୍ରାଭଙ୍ଗ—ବନାନ୍ତ ଆଲୋଡ଼ି ମାଡ଼ିଆସିଲା ଶତ ଶତ ବେଣ୍ଟବାଦ୍ୟର ଜୀବଜନ୍ତୁ-ସନ୍ତ୍ରାସକ ଘୋର ନିର୍ଘୋଷ । ଅଭିଯାନରେ ଆସିଥିବା ଶିକାରୀ ଦଳ ଗୃହୁଁ ଗୃହୁଁ ପ୍ରସ୍ତୁତ ହୋଇଗଲେ ନିଜ ନିଜ ଅସି ନିଷ୍କୋଷ କରି । ଶ୍ୱାପଦାଗମ-ଝନତ୍କାରେ ଚମକିତ ହୋଇ କଯୂନ୍ନାର ସମ୍ମୁଖରେ ଦୀର୍ଘ ପୁଚ୍ଛ ଗୁଟି ଗୁଟି ଗୁହାନିର୍ଗତ ହେଲା ଏକ ବିଶାଳ-କାୟ ମହାବଳ । ସେହି ହିଂସ୍ର ଜାନୁଆରଟାଉପରେ ଦୃଷ୍ଟି ପଡ଼ିଗଲାମାତ୍ରକେ ସାଥୀ ଶିକାରୀମାନଙ୍କୁ ଆହ୍ୱାନ ଦେଲେ ସମ୍ରାଟ୍ :

"ତୁମ୍ଭମାନଙ୍କ ମଧ୍ୟରେ କିଏ ଅଛି ଏପରି ସାହସୀ,
ଏହି ମହାକାୟ ଶାର୍ଦ୍ଦୂଳଟାକୁ ଏକାକୀ ସମର୍ଥ ଯେ
ମାରିଦେବାପାଇଁ ? ବାହାରିପଡ଼ୁ ସେ—ଦେଖିବାକୁ
ଚାହେଁ ମୁଁ ଏଠାରେ ସ୍ୱଚକ୍ଷୁରେ ପରାକ୍ରମ ତାର ।"

ବାଦଶାଙ୍କ ମୁଖରୁ ବାହାବା ପାଇବା ଆଶାରେ ସଙ୍ଗେ ସଙ୍ଗେ କମରରେ ମୁଠା ଭିଡ଼ିଦେଲେ ଯେତେ ଥିଲେ ବାଳସାର ଶିକାରୀ । ନିଜ ନିଜକୁ ଦେଖାଇହେଲେ ସତେ ଯେପରି ଏକକୁ ଆରେକ ବଳି ଅସମସାହସୀ । ବାହାସ୍ଫୋଟ ମାରି କେତେ କ କହିଲେ ମହାବଳଟାକୁ ଏକା ଏକା ଖତମ

Digitized by srujanika@gmail.com

କରିଦେଇପାରିବେ ବୋଲି । ସଙ୍ଗୀମାନଙ୍କର ଏତାଦୃଶ ନିରର୍ଥକ ବାଗାଡ଼ମ୍ବରର ଅଭିନୟ ଦେଖୁଥାନ୍ତି ନୀରବରେ ଠିଆ ହୋଇ ଆଲି କୁଲି ।

ଜାହାଙ୍ଗିରଙ୍କର ଗୋପନ ଅଭିସନ୍ଧି ଥିଲା, କପଟ ଆଲି କୁଲି ବ୍ୟାଘ୍ରର ମୁହାଁମୁହିଁ ହେବେ ଏକାକୀ । ତାହାହେଲେ ଯାଇ ସଫଳ ହେବ ତାଙ୍କ ଜଘାଂସାର ଲକ୍ଷ୍ୟ । ତେଣୁ ଅନ୍ୟ ସମସ୍ତ ଶିକାରୀଙ୍କୁ ଅବଜ୍ଞା କରି ଅନୁଜ୍ଞାସୂଚକ ଦୃଷ୍ଟିରେ କ୍ଷଣକପାଇଁ ଅନାଇଲେ ସେ ବର୍ଦ୍ଧମାନଜାୟଗିର-ଦାରଙ୍କ ବୀରତ୍ୱବ୍ୟଞ୍ଜକ ମୁଖମଣ୍ଡଳପ୍ରତି । ସେଇ ଦୃଷ୍ଟିର ଅନ୍ତରାଳରେ ଆଖିମିଟିକା ମାରୁଥିଲା ବୀଭତ୍ସ ଷଡ଼ଯନ୍ତ୍ରର ଗୋଟାଏ ଈର୍ଷ୍ୟାକ୍ ବ୍ୟଞ୍ଜନା !

ଆଲି କୁଲି ରହିପାରିଲେ ନାହିଁ ଆଉ ନିର୍ବାକ୍ ନୀରବ । ଶୌର୍ଯ୍ୟ-ବହ୍ନିଦୀପ୍ତ ନେତ୍ରରେ ସମ୍ରାଟ୍‌ଙ୍କୁ ଉତ୍ତର ଦେଲେ ଦାମ୍ଭିକତାର ଚୂଡ଼ାନ୍ତ ପରାକାଷ୍ଠା କଣ୍ଠରେ ଫୁଟାଇ :

"ଜାହାଁପନା ! ତଲବାର ନେଇ ଗୋଟାଏ ସାମାନ୍ୟ ଜାନୁଆର ସହିତ ଲଢ଼େଇ କରିବା ଅତି ଲଜ୍ଜାର କଥା ବୀରପୁରୁଷ ପକ୍ଷରେ । ଏଭଳି ପୁରୁଷର ପୌରୁଷ ପାଏ ଅପମାନ, ଲାଞ୍ଛନାର ପୁରସ୍କାର । ଅସିର ଆଶ୍ରୟ ଭୀରୁତା ଓ ଆତ୍ମ-ପ୍ରତ୍ୟୟହୀନତାର ପରିଚାୟକ ମୋ ବିଚାରରେ । ସୃଷ୍ଟିକର୍ତ୍ତା ବାଘକୁ ଯେପରି ଦେଇଛନ୍ତି ଦନ୍ତ ଆଉ ନଖ, ଆମକୁ ସେହିପରି ଦେଇଛନ୍ତି ହସ୍ତ ଆଉ ପଦ । ଯାହାର ଭୁଜରେ ଥାଏ ଭୀମର ବଳ, ପାଦରେ ଥାଏ ବଜ୍ରର ଦୃଢ଼ତା, ଅସ୍ତ୍ରର କୃତ୍ରିମ ଶକ୍ତି ତା ନିକଟରେ ଅତି ତୁଚ୍ଛ, ହେୟ ଓ ଅକିଂଚିତ୍କର ।"

ଆଲି କୁଲିଙ୍କ ତୁଣ୍ଡରୁ କଥା ଛଡ଼ାଇନେଇ ଏହି ସମୟରେ କହି-ଉଠିଲେ ଜାହାଙ୍ଗିର ଅପାର ଆନନ୍ଦରେ ବିଭୋର ହୋଇଯାଇ :

"ଠିକ୍ କହିଛ ବର୍ଦ୍ଧମାନରାଜ ! ଏହାହିଁ ଯଥାର୍ଥ ବୀରୋଚିତ ବାକ୍ୟ ଓ ପ୍ରକୃତ ବୀରର ଲକ୍ଷଣ ।"

Digitized by srujanika@gmail.com

ଅଥପୂ ହୋଇଗଲା ଭଳି ଆଲି କୁଲି ପୂର୍ବ ଅସମାପ୍ତ ଉକ୍ତିର ଖିଅ ଧରି ସଙ୍ଗେ ସଙ୍ଗେ ଆରମ୍ଭିଲେ ଶେଷାଂଶର ସମାପକ ବାକ୍ୟ :

"ବଳିଷ୍ଠ ବାହୁ ମୋର ଘନଘନ ସ୍ପନ୍ଦିତ ହୋଇ-
ଉଠେ ବ୍ୟାଘ୍ରର ଜୀବନ-ଗ୍ରନ୍ଥି ଛିନ୍ନଭିନ୍ନ କରିଦେବା
ଲାଗି । ବାଦଶାଙ୍କଠାରୁ ଯଦି ଅନୁମତି ମିଳେ, ତାହା-
ହେଲେ ନିରସ୍ତ୍ର ହସ୍ତରେ ଏକା ଏକା ସଂଗ୍ରାମ
କରିବି ମୁଁ ବ୍ୟାଘ୍ର ସଙ୍ଗେ । ବାଦଶା ସ୍ୱଚକ୍ଷୁରେ
କଳନା କରିନେବେ ଆଜ, ବାସ୍ତବ ବୀରର ବାହାବଳ
ନିକଟରେ ପ୍ରକାଣ୍ଡ ମହାବଳ କେଡ଼େ ହୀନବଳ !"

ଆଲି କୁଲିଙ୍କ ମୁଖରୁ ଏହି ସ୍ପର୍ଦ୍ଧିତ ବାଣୀ ଶୁଣିବାମାତ୍ରେ ସମ୍ରାଟ୍‌ଙ୍କ ନାରକୀୟ ପ୍ରାଣରେ ରକ୍ତପିଶାଚ ନାଚଉଠିଲା ବିକଟ ହାସ୍ୟରେ । ମନେ ମନେ ତାହାଙ୍କର ଆତ୍ମହରା ହୋଇପଡ଼ିଲେ ନିଜ ଗୂଢ଼ ଷଡ଼୍‌ଯନ୍ତ୍ରର କଳ୍ପିତ ବିଜୟରେ । ମାତ୍ର ବାହାରକୁ ତାର ଲେଶମାତ୍ର ଆଭାସ ନ ଦେଇ ଉତ୍ତର ଦେଲେ ଗାମ୍ଭୀର୍ଯ୍ୟର ଛଦ୍ମମୁଖା ପିନ୍ଧି :

"ବେଶ୍, ତାହାହିଁ ହେଉ । ଦେଲି ମୁହିଁ ଅନୁମତି ।
ବୀରଶ୍ରେଷ୍ଠ, ଏବେ ତୁମ ବୀରତ୍ୱର ଚମତ୍କାରିତାରେ
ମୁଗ୍ଧ ଚକିତ କରିଦିଅ ଉପସ୍ଥିତ ସମସ୍ତ ଜନଙ୍କୁ ।"

ବାଦଶାଙ୍କ ମୁହଁରୁ କଥା ଶେଷହେଉ ନ ହେଉଣୁ ଅପରାଜିତବିକ୍ରମ ବର୍ଦ୍ଧମାନ-ଶାସକ ବାହୁ ଆସ୍ଫୋଟନପୂର୍ବକ ଦୁର୍ଦ୍ଧର୍ଷ ବେଗରେ ପ୍ରଧାବିତ ହେଲେ ଭୀମଦର୍ଶନ ସେହି ବ୍ୟାଘ୍ରସମ୍ମୁଖକୁ—କୃତାନ୍ତର ମୂର୍ତ୍ତି ରୂପ ଧରି । ତାହାଙ୍କର ପ୍ରକାଶ୍ୟରେ ଯାହା ଅନୁମତି ଦେଇଥିଲେ, ଅବିକଳ ତାହାହିଁ ଘଟିଲା ଫଳତଃ । ମନମଧ୍ୟରେ ଯେଉଁ ପ୍ରତ୍ୟାଶା ପୋଷଣ କରିଥିଲେ, କାର୍ଯ୍ୟତଃ ତାହା ହୋଇ-ପାରିଲା ନାହିଁ ମୁଣ୍ଡହୁଁ ସଫଳ ।

କୋପକମ୍ପିତ ହିଂସ୍ର ଜାନୁଆରଟା ଆକାଶଫଟା ଗର୍ଜନ ଗୁଡ଼ି ଲଟିଗର୍ଭରୁ ଲମ୍ଫିତ ଗତିରେ ଝପଟିଆସିଲା କରାଳ ମୁଖ ବ୍ୟାଦାନ କରି । ପ୍ରାଣବିକଳରେ ଗୁଣ୍ଡେ ଗୁଣ୍ଡେ ପଛକୁ ହଟିଆସିଲେ ଭୀତସନ୍ତ୍ରସ୍ତ ତାହାଙ୍କିରଙ୍କ ସମେତ ସମଗ୍ର ଶିକାରୀ ଦଳ ।

Digitized by srujanika@gmail.com

ଉଗ୍ରମୂର୍ତ୍ତି ମହାବଳର ଘନଘୋର ରଡ଼ରେ କମ୍ପିଉଠିଲା ସୁବିସ୍ତୀର୍ଣ୍ଣ ବନାଞ୍ଚଳ ଭୂମି । ସମୀପବର୍ତ୍ତୀ ହେବାମାତ୍ରେ ସେ କଣ୍ଟକିତ ପଞ୍ଝା ଟେକି ତାହାଦ୍ୱାରା ଲୁଟିନେବାକୁ ଉପକ୍ରମ କଲା ଆକ୍ରମଣକାରୀ ଶତ୍ରୁକୁ । ମାତ୍ର ତାର ସମସ୍ତ ଉଦ୍ୟମକୁ ବ୍ୟର୍ଥ କରିଦେଲା ବୀରଶାର୍ଦ୍ଦୂଳ ଆଲି କୁଲିଙ୍କର ଅଦ୍ଭୁତ ମଲ୍ଲଚାତୁରୀ ।

ଚାହୁଁ ଚାହୁଁ ସେ ପ୍ରଚଣ୍ଡ ବିକ୍ରମରେ ଲମ୍ଫ ଦେଲେ ବ୍ୟାଘ୍ରର ପୃଷ୍ଠ-ଦେଶକୁ । ଅତି କୌଶଳର ସହିତ ତାହାଉପରେ ବସି ନିଜର ବଜ୍ରଟାଣ ହସ୍ତଦ୍ୱୟରେ ଗଳନାଳୀକୁ ତାର ଚିପିଦେଲେ ଭୀଷଣ ଜୋର୍‌ରେ । ନର-ଖାଦକ ବିରାଟବପୁ ବ୍ୟାଘ୍ରଟା ଶ୍ୱାସରୁଦ୍ଧ ହୋଇଯାଇ ନିମେଷକେ ଟଳିପଡ଼ିଲା ଭୂପୃଷ୍ଠଶଯ୍ୟାରେ ।

ବିଜୟୀ ବର୍ଦ୍ଧମାନେଶ୍ୱର ନିହତ ଜାନୁଆରଟାର ପ୍ରକାଣ୍ଡ ଗଣ୍ଡିରେ ବାମ ପାଦ ରଖି ସସମ୍ଭ୍ରମରେ କୁର୍ନିସ ଦେଲେ ଦିଲ୍ଲୀସମ୍ରାଟ୍‌ଙ୍କୁ । ମୁଖରେ ତାଙ୍କର ଜୟୋଲ୍ଲାସର ସ୍ମିତ ସଂକେତ ।

ହିଂସ୍ର ଶ୍ୱାପଦର ଆଶୁ-ପ୍ରାଣହନ୍ତା ବଜ୍ରବାହୁ ଆଲି କୁଲିଙ୍କ ପ୍ରଦର୍ଶିତ ମଲ୍ଲଯୁଦ୍ଧର ଏଭଳି ଅଦୃଷ୍ଟପୂର୍ବ-ଅଶ୍ରୁତପୂର୍ବ ଚମତ୍କାରିତା ଦେଖି ପ୍ରତିଯୋଗୀ ବନ୍ଧୁଗଣ ଚିତ୍କାରି ଉଠିଲେ ଏକସ୍ୱରରେ :

"ସ୍ୟାବାସ୍ ! ସ୍ୟାବାସ୍ ଶେର୍‌କେ ବଚ୍ଚେ !"

ସତେ ଯେପରି ଶତ ଶେଳ ବିଦ୍ଧ ହୋଇଗଲା ଜାହାଙ୍ଗିରଙ୍କର ଦର୍ପୋନ୍ନତ ବକ୍ଷରେ । ମୁର୍ମୁରଦାହରେ କୁହୁଳିଉଠିଲା ତାଙ୍କର ବିଷାଦିତ ଅନ୍ତର-ଗହ୍ୱର ।

ମାତ୍ର ସମବେତ ସଙ୍ଗୀମାନଙ୍କର ଉଚ୍ଛ୍ୱସିତ ପ୍ରଶସ୍ତିକୁ ସସମ୍ମାନ ସମର୍ଥନ ନ ଦେବାକୁ ଚାରା କାହିଁ ? ହୃଦୟମଧ୍ୟରେ ହିଂସ୍ରତାର ଦାବାନଳ ଜଳୁଥିଲେ ମଧ୍ୟ ସମ୍ରାଟ୍‌ର ମର୍ଯ୍ୟାଦାଟିକ ତ ଅନ୍ତତଃ ବଞ୍ଚାଇ ରଖିବାକୁ ହେବ ଜାହାଙ୍ଗିରଙ୍କୁ ! ତେଣୁ ମାନସିକ ହୀନମ୍ମନ୍ୟତାକୁ ଅଗତ୍ୟା ଚାପିରଖି ପ୍ରକାଶ୍ୟରେ ଆଲି କୁଲିଙ୍କୁ ସମ୍ମାନିତ କଲେ 'ଶେର୍ ଆଫଗାନ' ପଦବୀରେ ।

Digitized by srujanika@gmail.com

ବୀର ବାହୁଡ଼ା

Digitized by srujanika@gmail.com

Digitized by srujanika@gmail.com

ବୀର ବାହୁଡ଼ା

ବ୍ୟର୍ଥତାର ବିଷଦଗ୍ଧ କଣ୍ଟକରେ ଫୋଡ଼ି ଫୋଡ଼ି ହୋଇଯାଏ ବାଦଶାଙ୍କ ଅନ୍ତସ୍ଥଳ । ସେହି ବିଷାକ୍ତ କ୍ଷତରେ ପ୍ରଲେପ ଦେବାର ଉପାୟ କଣ ? ସଯତ୍ନସଂଯୋଜିତ ପରିକଳ୍ପନାଗୁଡ଼ିକ ବିଫଳତାର ହାଡ଼ିଆରେ ଯେତିକି ଭାସିଯାଏ, ସେତିକି କଂସେଇ ହୋଇଉଠେ ହତପ୍ରୟାସ ଜାହାଙ୍ଗିରଙ୍କର ନିଷ୍ଠୁର ହିଂସ୍ର ପ୍ରକୃତି । ବ୍ୟଙ୍ଗଭରା ତୀବ୍ର ଅଟ୍ଟହାସ୍ୟ ହାଣି ତାଙ୍କର ଆଗ ଦେଇ ନିସ୍ତିକା ଯେପରି ଦୂରକୁ ଦୂରକୁ ଚାଲିଯାଏ କାମ୍ୟଶ୍ରୀ ମେହେରଉନ୍ନିସା ।

Digitized by srujanika@gmail.com

'ଚେନାଏ ବୋଲି ଜାମ୍ବିର ବର୍ତ୍ତମାନ । ସେଇ ଚେନାଙ୍କର ନାମମାନ ଶାସକ ବୋଲି ଏ ଆକଳିଲି । ତା ପରଣୀର ପୁଣି ଏତେ ଗାରିମା, ଏତେ ବଡ଼ିମା !' ଖର୍ବିତ ହୋଇଯାଏ ବାଦଶାହୀ ଅଭିମାନର ତୁଙ୍ଗ ଆଭିଜାତ୍ୟ । ପ୍ରତ୍ୟାଘାତ ବାଜେ ପ୍ରାଣତନ୍ତ୍ରୀର ରନ୍ଧ୍ରେ ରନ୍ଧ୍ରେ ।

ଅପମାନର କର୍କଶ କଶାଘାତରେ ଜ୍ୱରଜର୍ଜର ହୋଇଉଠିଲେ ସମ୍ରାଟ୍ ଜାହାଙ୍ଗିର । ପ୍ରତିଶୋଧ ! ପ୍ରତିଶୋଧହିଁ ଏ ଅସହ୍ୟ ଅପମାନର ଉପଯୁକ୍ତ ପ୍ରତ୍ୟୁତ୍ତର, ଏକମାତ୍ର ପ୍ରତିକାର ।

କେତୋଟି ଦିନପରେ ମାତ୍ର । ଏଥରକ ସୁକଳ୍ପିତ ପକ୍କା ବ୍ୟବସ୍ଥା । ଏଇ ଥର ନିଶ୍ଚିତ ନିଶ୍ଚିତ ଶତ୍ରୁ ହେବ ନିଃଶେଷ ନିଶ୍ଚିହ୍ନ । ଉପଭୋଗର କୁଞ୍ଚିତ ପଥ ହେବ ସରଳସୁପ୍ରସନ୍ନ, ନିଷ୍କଣ୍ଟକ ଆଉ ପୁଷ୍ପବିଛୁରିତ । ବାଧା, ଅନ୍ତରାୟ, ସବୁ ହେବ ଚିରତିରୋହିତ ।

ଶେର୍ ଆଫଗାନ ରାଜମାର୍ଗରେ ଯାଉଥାନ୍ତି ଶିବିକାରେ ଏକା ବସି । ଶିବିକା-ବାହକମାନେ ପ୍ରଶସ୍ତ ରାଜପଥ ଛାଡ଼ି ହଠାତ୍ ଧରିଲେ ଏକ ଗଳି-ପଥ । ଅତି ସଂକୀର୍ଣ୍ଣ ସେ ଗଳିଟି । ଦୁଇ ପାର୍ଶ୍ୱରେ ଦୁଇ ପଂକ୍ତି ଦୀର୍ଘ ବସ୍ତି । ମଧ୍ୟରେ ବହୁମୋଡ଼ ଅତି ସରୁ ସର୍ପିଳ ଭଙ୍ଗୀର ରାସ୍ତା । ତାହା ମଧ୍ୟ ଦେଇ ଶିବିକାଟି ଶେଷ ପର୍ଯ୍ୟନ୍ତ ଯାଏ କି ନ ଯାଏ, ଏହାହିଁ ସଙ୍କଟ ।

ଯାହା ହେଉ, ଖୁବ୍ କଷ୍ଟରେ ଶିବିକା ଯାନଟି ଆଗେଇ ଚାଲିଥାଏ ସୁଦକ୍ଷ ବାହକମାନଙ୍କ ଚତୁର ଚାଳନାରେ । ଠିକ୍ ଅର୍ଦ୍ଧପଥରେ ଉପସ୍ଥିତ ହେଲାବେଳକୁ ସମ୍ମୁଖ ଦିଗରୁ ଶୁଣାଗଲା ତୁମୁଳ କୋଳାହଳ । ବସ୍ତି ଦୁଇ ପାର୍ଶ୍ୱର ବାସିନ୍ଦାଗଣ ଚିତ୍କାର କରିଉଠିଲେ ଭୟାର୍ତ୍ତ କଣ୍ଠରେ ।

ଏହି ସମୟରେ ଦେଖାଗଲା, ଗଳିର ସେହି ମୁଖ ଆଡ଼ୁ ଉନ୍ମତ୍ତ ପଦକ୍ଷେପରେ ପ୍ରଧାବିତ ହେଉଛି ଅତିକାୟ ଏକ ମତ୍ତ ଦନ୍ତାବଳ । ଦୀର୍ଘ ଶୁଣ୍ଡର ରୁଷ୍ଟ ପ୍ରହାରରେ ପ୍ରକମ୍ପିତ କରିଦେଉଛି ସମଗ୍ର ଗଳିଖଣ୍ଡଟାକୁ । ଲୋକେ ନିଜ ନିଜ ଦ୍ୱାର ରୁଦ୍ଧ କରି ଗବାକ୍ଷ-ଛିଦ୍ରରେ ଦେଖୁଥାନ୍ତି ତାର ଉଦ୍ଧତ କ୍ଷିପ୍ତ ଉତ୍ପାତ ।

ଗୃହ ଗୃହଁ ମଦୋତ୍କଟ ହସ୍ତୀଟା ଶିବିକା ଆଡ଼କୁ ଖେଦିଆସିଲା ଆକ୍ରମଣ ଅଭିପ୍ରାୟରେ । ମୁହୂର୍ତ୍ତିକମଧ୍ୟରେ ସମସ୍ତ ବାହକ ଶିବିକା ଛାଡ଼ି

Digitized by srujanika@gmail.com

ପଳାଇଗଲେ ଯେ ଯାହା ଜୀବନ ଘେନି । ନିର୍ଜନ ରାସ୍ତାରେ ପଡ଼ିରହିଲା ମୃତକଶୂନ୍ୟ ଶିବକାଟି ମାତ୍ର । ବାସିନ୍ଦାବୃନ୍ଦ ଦୁଃଖରେ କୁହାକୋହି ହେବାକୁ ଲାଗିଲେ ଅନ୍ୟୋଽନ୍ୟରେ :

"ଅଭାଗାଟିର ଦଶା କଣ ହେବ ସତେ ! ହାତୀଟା ତ
ଶୁଣ୍ଢରେ ଉଠାଇନେଇ ରାସ୍ତାରେ ପିଟି ମାରିଦେବ
ତାକୁ ! କି ଅଶୁଭ କ୍ଷଣରେ ଘରୁ ବାହାରିଲା ସେ
ଆଜି ! କି ଦୁର୍ବୁଦ୍ଧି ହେଲା ଭଲା ତାର ! କାହିଁକି
ଆସିଲା ଏ ନିଷିଦ୍ଧ ଗଳିକି ! ବିଚରାଟିର ଏବେ
ଆଉ ବା କି ଗତି ! ପୋଡ଼ାମୁହାଁ ଯମ ତାକୁ ବାଟ
କଢ଼େଇ ଆଣିଥିଲା ସିନା ଏଇ ମୃତ୍ୟୁ-ମୁହାଣକୁ !"

ଗଭୀର ସମ୍ବେଦନାରେ ଭରିଉଠିଲା ସବୁରି ପ୍ରାଣ, ବିଶେଷ କରି ମହିଳା ମହଲର । ଭଦ୍ରଲୋକଟିର ଆସନ୍ନ ମୃତ୍ୟୁମୁହୂର୍ତ୍ତକୁ ସମସ୍ତେ ଅନାଇ-ରହିଲେ କାତର ଚିତ୍ତରେ । ପଲକପାତ ନାହିଁ କାହାରି ଆଖିରେ ।

କିନ୍ତୁ ସେହି ଆଶଙ୍କିତ ବିପତ୍ତିର ଆଗମନ ପୂର୍ବରୁ ଦୁର୍ମିନାୟମାନ ସମସ୍ତ ନରନାରୀଙ୍କ ଚକ୍ଷୁରେ ବିସ୍ମୟର ଅଞ୍ଜନ ବୋଳି ଶିବକାମଧ୍ୟରୁ ବାହାରିପଡ଼ିଲେ ଶେର୍ ଆଫଗାନ । ମୁଖମଣ୍ଡଳରେ ବୀରତ୍ୱର ଦୀପ୍ତ ଆଭା ଫୁଟାଇ ଲମ୍ଫ ଦେଲେ ହସ୍ତୀ ସମକ୍ଷକୁ । ଶୋଣିତ—ପିପାସୁ ତାଙ୍କର ଶାଣିତ ତଲବାରଧାରରେ ଦଣ୍ଡକମଧ୍ୟରେ ଦ୍ୱିଖଣ୍ଡିତ ହୋଇଗଲା ଦନ୍ତାବଳର ପ୍ରକାଣ୍ଡ ଶୁଣ୍ଢ ।

ଶେଷ ବୃଂହିତ ଛାଡ଼ି ଗୃହୁଁ ଗୃହୁଁ ତଳେ କରୁଡ଼ି ହୋଇ ପଡ଼ିଲା ଖଣ୍ଡଶୈଳାକୃତି ବିକଟ ଜନ୍ତୁଟା । ତାର ପ୍ରଚଣ୍ଡ ନାଦରେ ପ୍ରତିଧ୍ୱନିତ ହେଲା ଚତୁର୍ଦ୍ଦିଗର ଭୂଖଣ୍ଡ । ରକ୍ତରେ ପିଶୁନ ହସିଲା ଧୂସର ଧରଣୀର ଧୂଳିଶଯ୍ୟା । ଉତ୍‌ଫୁଲ୍ଲ ଜନତାର ବିପୁଳ ହର୍ଷରୋଳରେ ପୂରିଉଠିଲା ଗଳିଧାଣ୍ଡି । ବୀର-ଶେଖର ଶେର୍ ଆଫଗାନଙ୍କର ପ୍ରଶଂସାଗାନରେ ଶତକଣ୍ଠ ହୋଇଉଠିଲା ସବୁରି ତୁଣ୍ଡ ।

ନେପଥ୍ୟରେ ଥାଇ ସମସ୍ତ ଦୃଶ୍ୟ ଦେଖୁଥିଲେ ଛଦ୍ମବେଶୀ ଜାହାଙ୍ଗିର । ମଦକଟ ହସ୍ତୀଟା ଘୋର ରଡ଼ି କରି ଟଳିପଡ଼ିଲା ରାସ୍ତାଧୂଳିରେ;

Digitized by srujanika@gmail.com

ତାହା ସଙ୍ଗେ ସଙ୍ଗେ ଝଲପଡ଼ଲା ସମ୍ରାଟ୍‌ଙ୍କ ଘୃଣ୍ୟ ଚକ୍ରାନ୍ତର ମାଟିଅଟ୍ଟାଳିକା । ଗଭୀର ଖେଦ-ଗର୍ତ୍ତରେ ଝାସ ଦେଇ ଆତ୍ମହତ୍ୟା କଲା ରାଜଅଭିମାନର ଉଦ୍ଧତ ଅହମ୍ଭାବ । ଏଥର ମଧ୍ୟ ତାଙ୍କୁ ଫେରିବାକୁ ପଡ଼ିଲା ନିଷ୍ଫଳତାର ଅଳନ୍ଧୁକଳା ଘେନି ।

ରାଜପ୍ରାସାଦକୁ ଆସି ବିଷଣ୍ଣାସ୍ୟ ଜାହାଙ୍ଗିର ଅଙ୍ଗ ଢାଳିଦେଲେ ନିଭୃତ ବିଶ୍ରାମ-କକ୍ଷରେ । କପାଳକୁଞ୍ଚନରେ ଦୁରନ୍ତ ଚିନ୍ତାର ଦାଗ— ମାନସାକାଶରେ ବିଷମ ଅସ୍ୱସ୍ତିର ମେଘ । ଧୈର୍ଯ୍ୟ ବନ୍ଧ ଭାଙ୍ଗିଗଲା ; ସବୁ ହୋଇଗଲା ବିପର୍ଯ୍ୟସ୍ତ, ଓଲଟପାଲଟ ।·· ···ମାତ୍ର ଜାହାଙ୍ଗିରଙ୍କ ଅସିର ଓ ବୁଦ୍ଧିର ଶାଣୁଆ ଧାର ସେତେବେଳେ ଥାଏ ସମାନ ତୀକ୍ଷ୍ଣ । ତେଣୁ ଉପାୟର ଉନ୍ମେଷ ହୋଇଗଲା କେତୋଟି ମୁହୂର୍ତ୍ତର ଚିନ୍ତନପରେ । ଲାଭ କଣ ଶେର୍- ଦମ୍ପତିଙ୍କୁ ରାଜପୁରୀର ପିଞ୍ଜରାଭିତରେ ବୃଥା ଆବଦ୍ଧ କରି ରଖିବାରେ ଆଉ ? ବରଂ ତାଙ୍କୁ ଯେତିକି ଦୂର ରାଜ୍ୟକୁ ଠେଲିଦେବା ଶ୍ରେୟସ୍କର । ତାହାହେଲେ ଲକ୍ଷ୍ୟୋଦ୍ଧାରର ନୂତନ ପନ୍ଥା ଉଦ୍ଭାବନ କରିବାପାଇଁ ମନକୁ ମିଳିବ ଅବାଧ ଅବସର । ଏହି ସିଦ୍ଧାନ୍ତରେ ଉପନୀତ ହେଲାପରେ ଶେର୍ ଆଫଗାନଙ୍କୁ ଡାକି ଜଣାଇଦେଲେ ସମ୍ରାଟ୍ :

"ଶେର୍ ସାହେବ ! ଏଥର ପ୍ରତ୍ୟାବର୍ତ୍ତନ କରିପାର
ନିଜର କର୍ମକ୍ଷେତ୍ରକୁ—ପତ୍ନୀ ଓ କନ୍ୟା ସହିତ ।"

ଅଦ୍ଭୁତ ମନେ ହେଲା ସମ୍ରାଟ୍‌ଙ୍କର ନିର୍ଦ୍ଦେଶ । କାହିଁକି ଯେ ତାଙ୍କୁ ଏତେ କାଳ ଅଟକାଇ ରଖିଥିଲେ ସେ ରାଜନଅରରେ, କାହିଁକି ଯେ ପୁଣି ହଠାତ୍ ଆଦେଶ ଦେଲେ ଫେରିଯିବାକୁ, ଶେର୍ ଆଫଗାନ ବୁଝିପାରିଲେ ନାହିଁ ତାର କୌଣସି ଯୁକ୍ତିଯୁକ୍ତ ସମ୍ଭାବ୍ୟ କାରଣ । ଅନ୍ଧକାରରେ ଆଚ୍ଛନ୍ନ ହୋଇ ରହିଲା ପ୍ରକୃତ ରହସ୍ୟ । ସେତେବେଳେ କିନ୍ତୁ ମେହେରଉନ୍ନିସାଙ୍କ ପ୍ରାଣରେ ସଂଚରିତ ହେଲା ଗୋଟାଏ ନାରୀସୁଲଭ ତାତ୍କ୍ଷଣିକ ଆନନ୍ଦ— ଠିକ୍ ଯେପରି ସଂଚରିତ ହୁଏ ମତ୍ସ୍ୟର ପ୍ରାଣରେ, ଯେତେବେଳେ ସେ ଜାଲିକର ଜାଲମଧ୍ୟରୁ କୌଣସିମତେ ଖସି ଫେରିଆସେ ତାର ଜଳାବାସକୁ ।

ଶେର୍ ସାହେବ ପତ୍ନୀ ଓ ଶିଶୁକନ୍ୟା 'ଲାଡ୍ଲୀ' ସହ ବାହୁଡ଼ିଗଲେ ନିଜର କର୍ମଭୂମି ବର୍ଦ୍ଧମାନକୁ ।

Digitized by srujanika@gmail.com

ସବୁ ଶେଷ !

Digitized by srujanika@gmail.com

Digitized by srujanika@gmail.com

ସବୁ ଶେଷ !

ଅନ୍ଧାରର ଘୋଡ଼ଣିଟା ଘୁଞ୍ଚିଗଲା ପ୍ରାୟ ଛଅ ସାତ ମାସପରେ। ରହସ୍ୟଟା ଉଦ୍‌ଘାଟିତ ହୋଇଉଠିଲା ଅତି ସ୍ପଷ୍ଟ ଆକାରରେ । ସମ୍ରାଟ୍‌ଙ୍କ ନିର୍ଦ୍ଦେଶର ତାତ୍ପର୍ଯ୍ୟ ମଧ୍ୟ ପରିସ୍ଫୁଟ ହୋଇଗଲା ନିର୍ଦ୍ଦିଷ୍ଟ ଅବସ୍ଥବ ଯେନ ।

ଏକ ଅନ୍ଧକାରମୟୀ ରାତି । ଶଯ୍ୟାରେ ଶୋଇରହିଥାନ୍ତି ଶେର ଆଫଗାନ ଏକାକୀ । ଚକ୍ଷୁରେ ତନ୍ଦ୍ରାର କୋମଳ ପ୍ରଲେପ । ପରମ ଆରାମରେ ଶ୍ରାନ୍ତି ହରୁଥାଏ ପରିଶ୍ରାନ୍ତ ତନୁ । ଏହି ସମୟରେ କର୍ଣ୍ଣରେ ବିଶ୍ରାମ ଭାଙ୍ଗିଦେଲା ହଠାତ୍ କାହାର ଧୀର ପଦଶବ୍ଦ । ସଙ୍ଗେ ସଙ୍ଗେ କାନରେ ପଡ଼ିଲା ଅନୁଚ୍ଚ ସ୍ୱରର କଥାବାର୍ତ୍ତା—ଫୁସ୍‌ଫାସ୍ ।

ଅନ୍ଧକାରର ସୁଯୋଗ ନେଇ ନିଶ୍ଚୟ କିଏ ପ୍ରବେଶ କରିଛନ୍ତି ନିଭୃତ ଏଇ ଶୟନାଗାରରେ—କୌଣସି ଦୁରଭିସନ୍ଧି ରଖି । ମନରେ ଉଙ୍କିଲା ସଂଶୟର ଖଣ୍ଡବାଦଲ । ନିର୍ଦ୍ଦିଷ୍ଟଭାବରେ ସେହି ଦିଗକୁ କାନ ପାତିଲେ ଶେର୍ ସାହେବ । ଖଣ୍ଡବାଦଲଟା ବ୍ୟାପକାକାର ହୋଇଉଠିଲା ନିମେଷକେ । ସଂଶୟ ଧରିଲା ସତ୍ୟର ମୂର୍ତ୍ତି । ସୁସ୍ପଷ୍ଟ ଶୁଣିବାକୁ ମିଳିଲା, ଜଣେ ଲୋକ କହୁଛି ତାର ସଙ୍ଗୀମାନଙ୍କୁ :

"ଏଭଳି ହୀନ ପ୍ରସ୍ତାବ କାହିଁକି ? ବାଦଶାଙ୍କର ହୁକୁମନାମା ରହିଛି ଯେତେବେଳେ ଆମ ହାତରେ, ଏ ଭୀରୁ ଉପାୟର ଆଶ୍ରୟ ନେବା

Digitized by srujanika@gmail.com

କି ଦରକାର ? ଗୋଟାଏ ନିଦ୍ରିତ ଲୋକକୁ
ପଚାଶ ଜଣ ମିଶି ଖୁନ୍ କରିବା କାପୁରୁଷ ଭଳି ?"

"ସାବ୍‌ବାସ୍ !"

—କହୁ କହୁ ଶଯ୍ୟାରୁ କୁଦିପଡ଼ିଲେ ଶେର୍ ଅଫଗାନ । କଟିଭିତ୍ତିରୁ ଟାଣିଆଣିଲେ ଲହଲହ ତଲବାର । କୋଷମୁକ୍ତ ଅସିର ଝଣତ୍କାରରେ ଶବ୍ଦାୟିତ ହୋଇଉଠିଲା ନୀରବନିଥର ନିଶୀଥିନୀ ।

ଆୟୋଜିତ ହତ୍ୟା-ଉଦ୍ୟମର ସ୍ଥଇଁ ସ୍ଥଇଁ ଘଟିଲା ସମାଧି । ଅନ୍ଧକାରର ସୂଚୀଭେଦ୍ୟ ଘନିମାମଧ୍ୟରେ ଲୁହୁଁ ଲୁହୁଁ ମିଳାଇଗଲେ ଜାତ ଶତ୍ରୁର ବ୍ୟର୍ଥକାମ ଘାତକଦଳ । ନିଶୀଥିନୀ ପୂର୍ବ ପରି ହେଲା ନିଃଶବ୍ଦ ନିସ୍ତବ୍ଧ ।

ସେହି ଦିନଠାରୁ ଶେର୍ ଆଫଗାନ ହେଲେ ସତର୍କ, ସଚେତନ । ସମ୍ରାଟ୍‌ଙ୍କର ଜଘନ୍ୟ ପାପପ୍ରଚେଷ୍ଟା ପ୍ରତିଭାତ ହେଲା ତାଙ୍କ ଆଗରେ ବିଧ୍ୱଂସୀର କରାଳ ମୂର୍ତ୍ତି ଧରି । ଗୁପ୍ତ ବୈର ହେଲା ଏତେ କାଳେ ସ୍ୱତଃପ୍ରକଟିତ ।

ସେହି ଦିନଠାରୁ ମଧ୍ୟ ତତୋଽଧିକ ସତର୍କ ହେଲେ ମୋଗଲ-ସମ୍ରାଟ୍ । ଏଣିକି ଉଭୟେ ଉଭୟଙ୍କୁ ଜାଣିଲେ ପରସ୍ପରର ପ୍ରକାଶ୍ୟ ଶତ୍ରୁ ବୋଲି । କିନ୍ତୁ କେହି କାହାରିକି ତାହା ଜଣାଇବାର ସୁଯୋଗ ଦେଲେ ନାହିଁ ନଗ୍ନ ପ୍ରତିକ୍ରିୟାଦ୍ୱାରା ।

କିୟତ୍‌କାଳପରେ ଜାହାଙ୍ଗିର ହୁକୁମ ପଠାଇଲେ ବଙ୍ଗର ସୁବାଦାରଙ୍କ ନିକଟକୁ । ୧୬୦୭ ଖ୍ରୀଷ୍ଟାବ୍ଦ । ବୃଦ୍ଧ ମାନସିଂହ ସେତେବେଳକୁ ନେଇସାରିଥାନ୍ତି ସୁବାଦାର ପଦରୁ ଅବସର । ନୂତନ ସୁବାଦାରରୂପେ ତାଙ୍କ ସ୍ଥଳାଭିଷିକ୍ତ ହୋଇଥାନ୍ତି ସ୍ୱୟଂ ବାଦଶାଙ୍କର ବୈମାତ୍ରେୟ ଭ୍ରାତା କୁତବଉଦ୍ଦିନ—ଯୋ-ହୁକୁମ କୁଛି ।

କୁତବଉଦ୍ଦିନ ପାଠ କଲେ ଦିଲ୍ଲୀପତିଙ୍କର ହୁକୁମନାମା । ନିର୍ଦ୍ଦେଶ ଥିଲା ତହିଁରେ :

"ଅତି କୌଶଳରେ ଶେର୍ ଆଫଗାନଙ୍କୁ ବନ୍ଦୀ
କରି ପଠାଇଦିଅ ମୋର ଏ ରାଜଧାନୀକୁ—ତା
ସହିତ ମେହେରଉନ୍ନିସାଙ୍କୁ ମଧ୍ୟ । ସାବଧାନ,

Digitized by srujanika@gmail.com

ଯେପରି ଜଣେ ହେଲେ କେହି ବନ୍ଧୁବିସର୍ଗ ସୁଦ୍ଧା
ଆଭାସ ନ ପାଏ ଏହି ଗୂଢ଼ତମ ଚକ୍ରାନ୍ତର । ସବୁ
ହେବ ନାଟକୀୟ, ସବୁ ଅତର୍କିତ, ଅପ୍ରତ୍ୟାଶିତ ।"

କୁତବଉଦ୍ଦିନ ବୁଝିପାରିଲେ ସମ୍ରାଟ୍‌ଙ୍କର ଉଦ୍ଦେଶ୍ୟ । କପଟତାର ଫାଶ ବସାଇ ତହିଁରେ ଶେର୍‌ଙ୍କୁ ଧରିବାର ଆୟୋଜନ କରିପକାଇଲେ ସଙ୍ଗେ ସଙ୍ଗେ । ଏଭଳି କୁଟିଳ କାର୍ଯ୍ୟରେ ନିଜ ଦକ୍ଷତାଉପରେ ଥାଏ ଖୁବ୍ ତାଙ୍କର ବିଶ୍ୱାସ । କିନ୍ତୁ ସେ ବୁଝିପାରିଲେ ନାହିଁ ସେତେବେଳେ, ହିଂସାରେ ହିଂସାର କ୍ଷୟ ହୁଏ ନାହିଁ, ବରଂ ହୁଏ ବୃଦ୍ଧି ଏବଂ ସେହି ହିଂସାର ସ୍ତୂପୀକୃତ ଅଗ୍ନି ହୁଳାରେ ହିଂସ୍ର ହୁଏ ନିଜେହିଁ ଆହୁତି ।

ଏଣେ ଶେର୍ ଆଫଗାନଙ୍କ ନିକଟରେ ଗୁପ୍ତ ସମ୍ବାଦ ଆସି ପହଞ୍ଚିଲା—ନବନିଯୁକ୍ତ ସୁବାଦାର ବର୍ଦ୍ଧମାନ ଆସୁଛନ୍ତି ତାଙ୍କ ସହିତ ସୌଜନ୍ୟମୂଳକ ସାକ୍ଷାତ୍‌କାରପାଇଁ । ଅଭିପ୍ରାୟ—ସୌହାର୍ଦ୍ଦ୍ୟପୂର୍ଣ୍ଣ ବନ୍ଧୁତ୍ୱ ଖୋଜି ମନରେ ଭାବବିନିମୟ ।

ଅଯାଚିତ, ଅବାଞ୍ଛିତ ଓ ପ୍ରୟୋଜନହୀନ ଏଭଳି ବନ୍ଧୁତ୍ୱ ଲାଗି କୁତବଙ୍କ ପ୍ରାଣରେ ହଠାତ୍ ଏତେ ବ୍ୟାକୁଳତାର ଉଦୟ କାହିଁକି ? ବାଦଶାଙ୍କ ଚଳନ୍ତି ପ୍ରତିମାର ଏତେ ସ୍ୱେଚ୍ଛାକୃତ ଅନୁଗ୍ରହ କାହିଁକି କେବଳ ବର୍ଦ୍ଧମାନପ୍ରତି ? ବଙ୍ଗର ସର୍ବୋଚ୍ଚ ଶାସନକର୍ତ୍ତା ହୋଇ ଆନୁଷ୍ଠାନିକ ଗସ୍ତ-ନିର୍ଘଣ୍ଟ ବିନା ଏପରି ଅନାହୂତଭାବରେ ଅତିଥି ହେବାର କି ତାତ୍ପର୍ଯ୍ୟ, କି ମତଲବ ?

କୁତବଙ୍କ କୂଟଜାଲ ଭେଦ କରିବା ଲାଗି ବେଶୀ ବେଳ ଲାଗିଲା ନାହିଁ ଶେର୍ ଆଫଗାନଙ୍କୁ । ବିଶ୍ୱାସଘାତକର ଦୁରଭିସନ୍ଧି, ଆଉ ସେହି ଦୁରଭିସନ୍ଧିର ଭୟାବହ ପରିଣତି ଦିବାଲୋକ ପରି ସ୍ପଷ୍ଟ ହୋଇଉଠିଲା ତାଙ୍କ ଚକ୍ଷୁ ସାମନାରେ । ନିଃସଂଶୟରେ ଅବଧାରଣ କରିନେଲେ ସେ—ମୁହୂର୍ତ୍ତିକର ବିନ୍ଦୁମାତ୍ର ଅସାବଧାନତାର ଅର୍ଥ ମୃତ୍ୟୁକୁ ସାଦର ଆବାହନ । ତେଣୁ ସଙ୍ଗେ ସଙ୍ଗେ ନିଜକୁ ସର୍ବବିଧ ସତର୍କତାର ବଜ୍ରସେହ୍ଲାରେ ସଜ୍ଜିତ କରିପକାଇଲେ ଆସନ୍ନ ଅନାଗତର ଦୃଢ଼ସମ୍ମୁଖୀନ ହେବା ଲାଗି ।

କୁତବ କିନ୍ତୁ ବର୍ଦ୍ଧମାନ-ଶାସକଙ୍କର ଏପ୍ରକାର ଚଟାକ୍ ପ୍ରସ୍ତୁତି ସମ୍ଭାବନାଖତି ବୋଲି ଧରିନେଇଥିଲେ ମନେ ମନେ । କାରଣ ଶେର୍

Digitized by srujanika@gmail.com

ଆଫଗାନ ଯେ ନିଜର ସ୍ୱଭାବସିଦ୍ଧ ଉଦାସୀନତାବଶତଃ ଏବଂ 'ବିଷକୁମ୍ଭ-ପୟୋମୁଖ' ଅଭିନୟ ସମ୍ପର୍କରେ ସମ୍ପୂର୍ଣ୍ଣ ଥିବେ ଅନବଧାନ, ଏହାହିଁ ଥିଲା ତାଙ୍କର ସୁନିଶ୍ଚିତ ଧାରଣା ।

ମାତ୍ର ସେହି ସୁନିଶ୍ଚିତ ଧାରଣା ତାଙ୍କର ଅନିଶ୍ଚିତ ରୂପ ଧାରଣ କଲା ସାମାନ୍ୟ କେତେଟା ଘଣ୍ଟାମଧ୍ୟରେ । କୁତବଉଦ୍ଦିନ ରାଜକୀୟ ବେଶ-ପୋଷାକର ଆଡ଼ମ୍ବରରେ ପ୍ରବେଶ କଲେ ଆସି ଶେର୍‌ଭବନର ଦ୍ୱାର-ଦେଶରେ । ବୁକୁତଳେ ଡେଇଁଉଠେ ନାରକୀୟ ତୃଷ୍ଣା ।

ଶେର୍ ଆଫଗାନ ମୁହୂର୍ତ୍ତ ଗଣନା କରି ବସିରହିଥାନ୍ତି ଶତ୍ରୁର ପ୍ରତୀକ୍ଷାରେ । ଏହି ସମୟରେ ଖଳମତ୍ତ କୁତବଉଦ୍ଦିନ ଛଳସ୍ମିତମୁଖରେ ଅଭିବାଦନ କରିବାକୁ ଧାଇଁଆସିଲେ ବର୍ଦ୍ଧମାନମଣ୍ଡଳନାୟକଙ୍କୁ । ପ୍ରତ୍ୟଭିବାଦନ ଜଣାଇବା ତ ଦୂରର କଥା, ଶେର୍ ଆଫଗାନ ଘୃଣା ଓ ତାଚ୍ଛଲ୍ୟର ତୀକ୍ଷ୍ଣ ବାଣ ନିକ୍ଷେପ କଲେ ଦୁର୍ବୃତ୍ତ ସୁବାଦାରପ୍ରତି ।

ସହସା ଅପ୍ରତିଭ ହୋଇଗଲେ କୁତବଉଦ୍ଦିନ । ତାଙ୍କର ସମସ୍ତ ଦୁରଭିସନ୍ଧି ଇତିପୂର୍ବରୁ ଶେର୍ ଆଫଗାନଙ୍କ ନିକଟରେ ଧରା ପଡ଼ିଯାଇଛି ଜାଣିପାରି ଏବେ ସେଠାରୁ ନିଷ୍କ୍ରାନ୍ତ ହୋଇଗଲେ ଆତ୍ମରକ୍ଷାପାଇଁ । ମାତ୍ର ଖିତହସ୍ତ ହାତ କମରରେ ପଡ଼ିବା ଆଗରୁ ଶେର୍ ଆଫଗାନଙ୍କ ଶାଣିତ ଛୁରିକା ଯାଇ ବିଦ୍ଧ ହୋଇଗଲା ତାଙ୍କ ବିସ୍ତୃତ ବକ୍ଷରେ । ସେହିଠାରେ ହେଲା ତାଙ୍କ ଶାସନର ଅପଘାତ, ଦୁରଭିସନ୍ଧିର କବର—ଜୀବନର ଅକାଳ ପରିସମାପ୍ତି !

"ଖୁନ୍‌କେ ବଦଲେ ଖୁନ୍"

—ପ୍ରତିହିଂସାର ଚିତ୍କାର ଛୁଟିଲା ଅଦୂର ସମ୍ମୁଖରୁ । ଅସ୍ତ୍ରଶସ୍ତ୍ରହସ୍ତରେ ଗୃହଁ ଗୃହଁ ମାଡ଼ିଆସିଲେ ଲୁକ୍କାୟିତ ରକ୍ତମୁଖା ଫୌଜ । ଘେରିଗଲେ ଶେର୍ ଆଫଗାନଙ୍କୁ ପକ୍ଷୁପାତମାନେ ।

ବିରାଟ କୌରବ-ବ୍ୟୂହମଧ୍ୟରେ ଏକାକୀ ବୀର ଅଭିମନ୍ୟୁ । ଠିକ୍ ସେହିପରି ଅସହାୟ ଅବସ୍ଥା ହେଲା ଶେର୍ ଆଫଗାନଙ୍କର । ଅସୁମାରି ସିପାହି, ମଝିରେ ସେ ଏକା । ଦୁର୍ଯୋଗର ବିକଟ ଅଟ୍ଟହାସ !

Digitized by srujanika@gmail.com

Digitized by srujanika@gmail.com



Digitized by srujanika@gmail.com

ସଙ୍ଗେ ସଙ୍ଗେ ଆରମ୍ଭ ହୋଇଗଲା ରକ୍ତାକ୍ତ ତରବାରିର ଉନ୍ମତ୍ତ ତାଣ୍ଡବ । କୃପାଣ-ପ୍ରହାରରେ କୃପଣ ନୋହିବାକୁ ପ୍ରତିଶ୍ରୁତିବଦ୍ଧ ପ୍ରତ୍ୟେକ ସିପାହି । ଉଲ୍କାବେଗରେ ଦଗେ ଦଗେ ଛୁଟିବାକୁ ଲାଗିଲା ବର୍ଛା ମାଳ ମାଳ । ଶୂନ୍ୟରେ ଯେପରି ଚନ୍ଦ୍ରବିନ୍ଦୁଆର ନକ୍ସା ଆଙ୍କିଦେଇ ଅଧୋମୁଖରେ ନଇଁଆସିଲା ପୁଞ୍ଜ ପୁଞ୍ଜ ରକ୍ତରଞ୍ଜିତ ଛୁରିକା ।

ଯୁଦ୍ଧଭୂମିଉପରେ ଉଭା ହୋଇ ପରିତୃପ୍ତ ମୁଖରେ ତରବାରି କୋଷବଦ୍ଧ କରିବାର ସୌଭାଗ୍ୟ ହେଲ୍ ନାହିଁ ଶେର୍ ଆଫଗାନଙ୍କର । ଶେଷ ପର୍ଯ୍ୟନ୍ତ ସେ ଅସୀମ ବୀରତ୍ୱର ସହିତ ଅସ୍ତ୍ରଚାଳନ କଲେ ଶତ୍ରୁକ୍ଷୟପାଇଁ; ମାତ୍ର ବୃଥା ହେଲା ତାଙ୍କର ଚେଷ୍ଟା, ବ୍ୟର୍ଥ ହେଲା ତାଙ୍କର ଆଶା । ଏଭଳି ଅନ୍ୟାୟ ଯୁଦ୍ଧର ସ୍ୱତମାନୁପାତିକ ପରିଣତି ଯାହା ହେବାର କଥା, ଯାହା ହୋଇଥିଲା ଦିନେ ସପ୍ତ କୌରବ ମହାରଥୀଙ୍କ ସମବେତ ଶରବୃଷ୍ଟିରଘେର-ମଧ୍ୟରେ ଅଦ୍ୱିତୀୟ ଏକକ ପ୍ରତିଯୋଦ୍ଧା କିଶୋରବୀର ଅଭିମନ୍ୟୁଙ୍କର, ଏଠାରେ ବା କିପରି ହୁଅନ୍ତା ବ୍ୟତିକ୍ରମ ତାର ?

ଅବଶେଷରେ, ହାୟ, ବୀର ଆଫଗାନଙ୍କର ଉନ୍ନତ ଶିର ଢଳି-ପଡ଼ିଲା ବର୍ଦ୍ଧମାନର ସେହି ପୁଣ୍ୟ ମାଟିରେ । ବିନ୍ଦୁଏ ଜଳ ସୁଦ୍ଧା କେହି ଦେଇପାରିଲେ ନାହିଁ ତାଙ୍କର ପରିଶୁଷ୍କ କଣ୍ଠ-ତାଳୁରେ । ବୀର ସେ—ମକ୍କା ଆଡ଼କୁ ମୁଖ ରଖି ଜଳ ବଦଳରେ ମୁଠାଏ ଧୂଳି ନିଜ ମସ୍ତକରେ ନିଜେ ଛୁଟିଦେଇ ତୃପ୍ତିର ନିଃଶ୍ୱାସ ଛାଡ଼ିଲେ ଭୂଚୁମ୍ବନ କରି । ବୀରଶାର୍ଦ୍ଦୁଳ-ଦେହ ଦେଖାଗଲା ଠିକ୍ ଯେପରି ରକ୍ତଚନ୍ଦନଚର୍ଚ୍ଚିତ ଶୈବାଳପରିବେଷ୍ଟିତ ଗୋଟିଏ ସଦ୍ୟବିକଶିତ ଶ୍ୱେତ ଶତଦଳ !

ତା ପରେ·················ସବୁ ଶେଷ !

Digitized by srujanika@gmail.com

Digitized by srujanika@gmail.com

Digitized by srujanika@gmail.com

Digitized by srujanika@gmail.com

ପ୍ରତିକ୍ରିୟା



ନିଭୃତ କକ୍ଷରେ ବସି ନିଜ ଜୀବନ-କାବ୍ୟର ପ୍ରଥମ କେତୋଟି ସର୍ଗର ସମୀକ୍ଷା କରିବା ସଙ୍ଗେ ସଙ୍ଗେ ପରବର୍ତ୍ତୀ ସର୍ଗମାନଙ୍କର ପ୍ରଯୋଜନା ଆରମ୍ଭ କରୁଥାନ୍ତି ମେହେରଉନ୍ନିସା । ହଠାତ୍ ଶୁଣିଲେ ଏହି ସମୟରେ :

……ସବୁ ଶେଷ ! ସବୁ ଶେଷ !

ବାତାହତ କନକପ୍ରତିମା ପରି ତଳେ ଢଳିପଡ଼ିଲେ ଅଧୀର-ହୃଦୟା ଶେର୍‌ସୁନ୍ଦରୀ । ବିନା ମେଘେ ଅଶନିନିର୍ଘାତ ! ଅଦୃଷ୍ଟର କି ନିଷ୍ଠୁର ଉପହାସ ! କାଳ-ନାଗର କି ଅତ୍ୟୁଗ୍ର ଦଂଶନ !

ବିଦୀର୍ଣ୍ଣ ହୋଇଯିବାକୁ ବସିଲା ମେହେରଙ୍କ ବକ୍ଷ । ଦିଗ୍‌ବିଦିଗ୍‌ଜ୍ଞାନ-ଶୂନ୍ୟା ହୋଇ ନିଦାରୁଣ ଶୋକୋଚ୍ଛ୍ୱାସରେ ବିଳାପ କଲେ ସେ ଭୂଲୁଣ୍ଠିତା ହୋଇ :

"……ସବୁ ଶେଷ ! ନାହାନ୍ତି ଆଉ ଶେର୍,
ନାହିଁ ସେ ଜୀବନ, ନାହିଁ ସେ ଜାଗିର—ଏକ
ମୁହୂର୍ତ୍ତରେ ସବୁ ଶେଷ !

ଯଦୁପତେଃ କ୍ୱ ଗତା ମଥୁରାପୁରୀ
ରଘୁପତେଃ କ୍ୱ ଗତୋତ୍ତରକୋଶଳା ।

ଆଜିଠାରୁ ସୋହାଗଭରା 'ମେହେର'
ସମ୍ବୋଧନ ସରିଗଲା ଚିରଜନ୍ମପାଇଁ,

Digitized by srujanika@gmail.com

ଆଜଠାରୁ ଆଫଗାନଷାରଙ୍କର ଗୁଣକୀର୍ତ୍ତନ
ଶୁଣିବ ନାହିଁ କାନ ଆଉ କାହାର ତୁଣ୍ଡରୁ,
ଆଜଠାରୁ 'ସ୍ୟାବାସ୍' କହି ଜଡ଼ାଇଧରିବାକୁ
ଆସିବେ ନାହିଁ ସେ ଷୀରଭୁଜ ବେନ ପ୍ରସାରିତ
କରି ! ବିଧାତାର ବିଡ଼ମ୍ବନା—
ଆଜଠାରୁ ମୋର ସବୁ ଶେଷ !"

"କିଏ କହେ ସବୁ ଶେଷ ?"

—ରାଜକୀୟ ଦୂତ କୁର୍ନିସ ଜଣାଇ ଉଭା ହୋଇଗଲା ମେହେରଉନ୍ନିସାଙ୍କ ସମ୍ମୁଖରେ ଆସି । କହିବାକୁ ଲାଗିଲା :

"ଶାହାନଶା ଜାହାଙ୍ଗିର ଯାହାଙ୍କୁ ନିତ୍ୟ ଆରାଧନା
କରନ୍ତି, ତାଙ୍କର ପୁଣି ଶେଷ କଣ ? ବେଗମ
ସାହେବା, ଆପଣଙ୍କ ସୌଭାଗ୍ୟ ଯେ ଅ-ଶେଷ !
କିଏ କହେ ମଥୁରାପୁରୀ ନାହିଁ ? କିଏ କହେ
ଉତ୍ତର କୋଶଳ ନାହିଁ ? ଏ ଉଭୟର ବିଭବ-
ବିଭୂତିଧର ପରିପୂର୍ଣ୍ଣ ସୌନ୍ଦର୍ଯ୍ୟରେ ଦଣ୍ଡାୟମାନ
ରହିଛି ଆଗ୍ରା ରାଜପୁରୀ । ବେଗମସାହେବା,
ଚିରଦିନ ରାଜରାଣୀ ଆପଣ, ଚିରଦିନ ରାଜଲକ୍ଷ୍ମୀ
ସୁପ୍ରସନ୍ନା ଆପଣଙ୍କ ପ୍ରତି । ଦିଲ୍ଲୀଶ୍ୱର ଆପଣଙ୍କୁ
ଅହରହ ସ୍ମରଣ କରୁଛନ୍ତି । ସତୃଷ୍ଣ ନୟନରେ
ଅନାଇବସିଛନ୍ତି ଆପଣଙ୍କ ଅଭିସାରପଥକୁ ।
ଅଖାତର ଆଲୋଡ଼ା ଦିନ କେତୋଟାକୁ ବିସ୍ମୃତିର
ମାଟିତଳେ ପୋତିପକାଇ ସମ୍ଭୋଗମୟୀ ରାଜପୁରୀ
ଆଡ଼କୁ ଦୃଷ୍ଟି ପ୍ରସାରଣ କରନ୍ତୁ ସହାସ୍ୟ ମୁଖରେ ।
ପଞ୍ଚମହିଷୀର ଶୂନ୍ୟ ବିଳାସକକ୍ଷ ଅପେକ୍ଷା କରିଛି
ଅଚିରେ ପୂର୍ଣ୍ଣ ହେବାପାଇଁ । ବେଗମ ସାହେବା,
ଆପଣଙ୍କର ସୌଭାଗ୍ୟମୟ ଜୀବନ ପ୍ରକୃତରେ
ଆଜଠାରୁ ଆରମ୍ଭ ହେବାକୁ ଯାଉଛି ଅ-ଶେଷ

Digitized by srujanika@gmail.com

ଗୌରବର୍ଣ୍ଣ ହୀରକକଣ୍ଠୀ ଧାରଣ କର । ଅଭିନନ୍ଦନ
କରନ୍ତୁ ଏବେ ପରମ ସମାଦରରେ ସେହି
ଚିରବସନ୍ତଭରା ଶୁଭଜୀବନର ସ୍ୱର୍ଣ୍ଣିଳ ପ୍ରତ୍ୟୂଷକୁ ।”

ମୋଗଲ ଦୂତର ଏହି ମର୍ମଦହଣା କଥାଗୁଡ଼ାକ ଅତି ଅସହ୍ୟ ହେଲା ପତିବିଚ୍ଛେଦବିଧୁରା ମେହେରଙ୍କୁ । ପ୍ରତ୍ୟେକ ଅକ୍ଷର ଗୋଟାଏ ଗୋଟାଏ ସୂତୀକ୍ଷ୍ଣ ଏକମୁନା ପରି ଗଳିଗଲା ତାଙ୍କର ସହସ୍ର ଶିରା ପ୍ରଶିରା ଉପଶିରାରେ । ଅଙ୍ଗ ସ୍ଥାଣୁ ନିଶ୍ଚଳନ, ବିଚେତନ ମନରେ ଜ୍ୱଳନ୍ତ ହୁତାଶନ । ଦୂତକୁ ଉତ୍ତର ଦେବାର ସାଧ ନାହିଁ । ଭାଗ୍ୟର ବିଦ୍ରୂପ—

ଧିକ ଏ ସଂସାର ପ୍ରବଳର ଯହିଁ
ସବୁ କଥାରେ ସୁଯୋଗ,
ଦୁର୍ବଳର ଖାଲି ଲଲାଟ-ଲିଖନ
ନୀରବେ ଲାଞ୍ଛନାଭୋଗ !

ଦଣ୍ଡଟିଏ ହେଲେ ଗତାସୁ ସ୍ୱାମୀଙ୍କ ପାଦତଳେ ମୁଣ୍ଡ ଥାପି ବସିବାର ମିଳିଲା ନାହିଁ ସୁଯୋଗ । ଆଖିର ପାଣିଟିକ ବି ନିଃଶେଷରୂପେ ଗଡ଼ାଇବାର ରହିଲା ନାହିଁ ଅବକାଶ । ସ୍ୱାମୀଙ୍କ କବରରେ ଦୀପଟିଏ ଜଳାଇବାପାଇଁ ଇଚ୍ଛା କରିଥିଲେ, ସେ ଇଚ୍ଛାଟି ମଧ ରହିଲା ଅପୂର୍ଣ୍ଣ । ଦୁରନ୍ତ ନସିବ ଦୁର୍ଗତା ମେହେରଙ୍କୁ ଅତି ନିଷ୍କରୁଣଭାବରେ ଟାଣି ଟାଣି ନେଇଗଲା ସୁଦୂରର ସେଇ ମୋଗଲ ରାଜଧାନୀକୁ, ଯାହାର କୁଖ୍ୟାତ ନାମ 'ଜାହାଙ୍ଗିର ଜାହାନ୍ନାମ' । ଘୂରୁଘୂମୀକରବର୍ତ୍ତୀର ଚଡ଼କଚୂର୍ଣ୍ଣିତ ଭାଗ୍ୟର ଦୁଃଖରାଶି ଅବଲୋକନରେ କାନ୍ଦିଉଠିଲା କ୍ରନ୍ଦସୀ ।

କାହିଁ ଗଲା ରାଜକୀୟ ବର୍ଦ୍ଧମାନପୁରୀର ସୁଖସୌଭାଗ୍ୟୋଜ୍ଜ୍ୱଳ ରାଣୀର ଜୀବନ । ଏବେ ସାମାନ୍ୟାତିସାମାନ୍ୟ ସ୍ତରର ଦୂତଟାର ଆଜ୍ଞାଧୀନା ଦାସୀ ପରି ମେହେରଉନ୍ନିସାଙ୍କୁ ତ୍ୟାଗ କରିବାକୁ ହେଲା ପ୍ରିୟତର ବର୍ଦ୍ଧମାନର ଶସ୍ୟଶଷ୍ପାସ୍ତରିତ ଶ୍ୟାମାୟମାନ ଭୂପ୍ରଦେଶ । ନିଃସଙ୍ଗା ନିଃସାହା ଅନାଥା— ପାଖରେ ଏକମାତ୍ର କୁଳାଙ୍କୁର କୋଳକନ୍ୟା, ସ୍ତନନ୍ଧୟୀ ନୟନପିତୁଳା 'ଲାଡ଼୍ଲୀ' ବା ଗେହ୍ଲା ନା "ଲାଲ୍ଲୀ" । ହାୟ, କି ନିର୍ମମ ଦଣ୍ଡ, କି ଚରମ ହାନ୍ତ !

Digitized by srujanika@gmail.com

ବାଞ୍ଛାକ୍ଷିପ୍ତ ଛିନ୍ନପତ୍ର ପ୍ରାୟ ଭାସି ଭାସି ଗ୍ଲଲେ ସେ ଜୀବନ-ଯମୁନାର କଳା ପାଣିସ୍ରୋତରେ, ସବଂହରା ପଥୁକର ଲକ୍ଷ୍ୟହୀନ ଯାତ୍ରାରେ । ସେହି ଯାତ୍ରାର ଅବସାନ ହେବ କେବେ, କେଉଁଠି ଓ କପରି, ଭବିତବ୍ୟ ଦେବ ତା ଉତ୍ତର ।

ଦୂତ ତାଙ୍କୁ ଯଥା ନିର୍ଦ୍ଦିଷ୍ଟ ସମୟରେ ଉପସ୍ଥିତ କରାଗଲା ପ୍ରତୀକ୍ଷମାଣ ସମ୍ରାଟ୍‌ଙ୍କ ଏକାନ୍ତ କକ୍ଷରେ । ଆକାଂକ୍ଷିତ ରତ୍ନ ହସ୍ତରେ ପାଇ ଉଚ୍ଛ୍ୱସିତ ଆନନ୍ଦରେ ଆତ୍ମବିହ୍ୱଳ ହୋଇଉଠିଲେ ଜାହାଙ୍ଗିର । ସେତେବେଳକୁ ତାଙ୍କର ବୟସ ବୟାଳିଶ ବର୍ଷ, ଆଉ ମେହେରଉନ୍ନିସାଙ୍କର ତେଇଶ ମାତ୍ର । ସେଇଟା ୧୬୧୧ ଖ୍ରୀଷ୍ଟାବ୍ଦର ଅପ୍ରେଲ ମାସ—ଜାହାଙ୍ଗିରଙ୍କ ରାଜତ୍ୱର ଷଷ୍ଠ ବର୍ଷ ।

ମୁସଲମାନୀ ଧର୍ମଗ୍ରନ୍ଥ 'କୁର୍‌ଅନ'ର ବିଧିବଦ୍ଧ ନିର୍ଦ୍ଦେଶମତେ ଚ୍ଚରମାସ ଦଶଦିନ ସ୍ୱାମୀହରା ନାରୀ ପକ୍ଷରେ ବିଷାଦର ସମୟ—ଶୋକପାଳନର କାଳ । ଇସଲାମ ଧର୍ମର ମହାନ୍ ଧ୍ୱଜାତଳେ ଥାଇ ମଧ୍ୟ ଧର୍ମାବତାର ସ୍ୱୟଂ ବାଦଶା ମାନିଲେ ନାହିଁ ସେହି ଶାସ୍ତ୍ରୀୟ ବିଧିନିଷେଧ—କାରଣ, ଦୁଃସହ ବୋଧ ହେଲା ତାଙ୍କୁ ଅଯଥା ବିଳମ୍ବ । ବେଳକୁ ବେଳ ଅଧୀର ହୋଇଉଠିଲା ପ୍ରଣୟବ୍ୟାକୁଳ ପ୍ରାଣ । କ୍ଷଣକୁ କ୍ଷଣ ପ୍ରବଳ ହୋଇଉଠିଲା ଦୂଷିତ କାମନାର ପୈଶାଚିକ କ୍ଷୁଧା ।

ସମ୍ରାଟ୍ ଧର୍ମୀୟ ପବିତ୍ର ବିଧାନକୁ ଅମାନ୍ତର ଶିଳାତଳେ ଚାପି-ଦେଲେ ନିଜର ନିରଙ୍କୁଶ କ୍ଷମତା ବଳରେ । ଧର୍ମର ରକ୍ଷକ ହୋଇ ନିଜେ ପୁଣି ହେଲେ ତାର ଭକ୍ଷକ । ମାସଟିଏମାତ୍ର ଅତୀତ ନ ହେଉଣୁ ମାତୃପିତୃହୀନା ନିରାଶ୍ରୟା ମେହେରଉନ୍ନିସାଙ୍କୁ ବଳାତ୍କାରରେ ବିବାହ କରିପକାଇଲେ ପୌରୁଷଗର୍ବିତ ପରୁଷପ୍ରଣୟୀ ଜାହାଙ୍ଗିର । ହୃଦୟଦାନର ନିଦର୍ଶନସ୍ୱରୂପ ନିଜ ଅଙ୍ଗୁଳିରୁ ବହୁମୂଲ୍ୟ ହୀରକାଙ୍ଗୁରୀଟି କାଢ଼ି ଅତି ସୋହାଗରେ ପିନ୍ଧାଇ-ଦେଲେ ମେହେରଙ୍କ ଶିରୀଷକୋମଳ ଚମ୍ପକାଙ୍ଗୁଳିରେ । ମନେ ମନେ ଲାଭ କଲେ ପରମ ଆଶ୍ୱସ୍ତି—ଏତେ କାଳେ ଆଶା-ତରୁ ତାଙ୍କର ସବୁଜ ଶ୍ରୀ ଧାରଣ କଲା ନବକିଶଳୟପୁଞ୍ଜରେ ମଣ୍ଡିତ ହୋଇ !

ଅନ୍ତଃପୁରର ଜନାନା ମହଲରେ ଥିବା ଗୁରି ଶହ ବିବି-ବେଗମଙ୍କ ସମବେତ ଉପସ୍ଥିତିରେ ସଦର୍ପରେ ଘୋଷଣା କଲେ ଶାହାନଶା ସ୍ୱୟଂ ଜାହାଙ୍ଗିର :

Digitized by srujanika@gmail.com

"ସୁନ୍ଦରୀ ମେହେର ସୁରଶ ବଦ-ବେଗମଙ୍କ ମଧ୍ୟରେ ସର୍ବଶ୍ରେଷ୍ଠା—ଗୁଣଗରିମାରେ ମଧ୍ୟ ଅତୁଳନୀୟା । ବୟସ ବଗୃରରେ କନିଷ୍ଠତମା ହେଲେହେଁ ଲଳିତରୂପ-ସୁଷମାରେ ଜ୍ୟେଷ୍ଠତମା । ଵଗଠ ହାରେମ ମୋର ଆଲୋକିତ ହୋଇଯାଇଛି ତାଙ୍କର ଧରିତ୍ରୀଦୁର୍ଲଭ ଲାବଣ୍ୟ-ପ୍ରଭାରେ । ଆଜିଠାରୁ ତେଣୁ ମେହେରଉନ୍ନିସାଙ୍କ ପରିବର୍ତ୍ତିତ ନାମ ହେଲା 'ନୁରମହଲ'—'ନାନା ମହଲର ଆଲୋକ' ।"

ସେହିଦିନୁଁ (୧୬୧୧ ଖ୍ରୀଷ୍ଟାବ୍ଦ) ଲୁଚିଗଲା 'ମେହେରଉନ୍ନିସା' ନାମ । ଜାହାଙ୍ଗିର ଭାବିଥିଲେ-ତାହା ସଙ୍ଗେ ସଙ୍ଗେ ମଧ୍ୟ ପ୍ରାଣପ୍ରିୟତମାର ମାନସ-କୁଞ୍ଜରୁ ଲୁଚିଯିବ ବର୍ଦ୍ଧମାନରାଜର ଜୀବନଛବି । ଦିଲ୍ଲୀସମ୍ରାଟ୍‌ର ହୃଦୟ-ରାଜ୍ୟରେ ଯାହାର ଅସପତ୍ନ ଆଧିପତ୍ୟ, ତା ପ୍ରାଣରେ କି ଆଉ ଉଙ୍କି ମାରି-ପାରେ କେବେ ପୂର୍ବଜୀବନର ମଳିନସ୍ମୃତି ?

ମାତ୍ର ଜାହାଙ୍ଗିରଙ୍କର ଏହି ସ୍ୱାର୍ଥପ୍ରଣୋଦିତ ଅନୁମାନକୁ ଅଣୁ-ମାତ୍ର ସାର୍ଥକ କରିପାରିଲା ନାହିଁ ଶୋକଜର୍ଜରିତା ମେହେରଙ୍କର ଉଗ୍ର ପ୍ରତିହିଂସାଶୀଳ ତତ୍କାଳୀନ ମନୋଜଗତ୍ । ପାଶବିକ ପେସାଦାର ଯେଉଁ ନରରାକ୍ଷସର ନିଷ୍ଠୁର ଚକ୍ରାନ୍ତରେ ନିରୀହ ସ୍ୱାମୀଙ୍କ ଅତୃପ୍ତ ଆତ୍ମା ଆଜି ସ୍ୱର୍ଗଲୋକବାସୀ, ସେହି କ୍ରୂରକର୍ମା ପାପାତ୍ମା ସମ୍ରାଟ୍‌ର କକ୍ଷ ମଣ୍ଡନ କରିବା କି ସମ୍ଭବ ହୋଇପାରେ କେବେ ହେଲେ ? ନୀରବରେ ଗର୍ଜିଉଠିଲା ଅନ୍ତଃପୁରନିରୁଦ୍ଧା ମେହେରଙ୍କ ଅଥୟ ଅଧୀର ବିଦ୍ରୋହୀ ମନ ।

ସୁଦୀର୍ଘ ମାସ ଦିଶଦିନ ଅତିକ୍ରାନ୍ତ ହୋଇଗଲା··········ତଥାପି ନୁରମହଲଙ୍କ ଆଖିଦାଢ଼ରେ ଅବିରଳ ଲୋତକର ସ୍ରୋତ—ଭ୍ରୂଲତାତଳେ ବାରିଭରା ବର୍ଷୁକ ଜୀମୂତ । ଅନ୍ତସ୍ତଳ ଏଟାଯାକ ଅମାବାସ୍ୟାର ଅନ୍ଧ ତମୋଜାଳ । ସତେ କଣ ଏ ଶୋକ-ମହାନଈ ପାର ହେବାର ଘାଟ ମିଳିବ ନାହିଁ ଜନ୍ମଟାଯାକରେ କେବେ ?

Digitized by srujanika@gmail.com

Digitized by srujanika@gmail.com

ଉପେକ୍ଷିତା

Digitized by srujanika@gmail.com

Digitized by srujanika@gmail.com

ଉପେକ୍ଷିତା

ଦୀର୍ଘ କାଳ ଅପେକ୍ଷା କଲେ ଜାହାଙ୍ଗିର ନବପ୍ରିୟାର ଅନୁରାଗଲାଳସାରେ । ମାତ୍ର ନୁରମହଲଙ୍କ ଅଧରରେ ଟିକିଏ ହେଲେ ଫୁଟିଲା ନାହିଁ ହାସ, ମୁଖରେ ପଦଟିଏ ହେଲେ ଫୁଟିଲା ନାହିଁ ଭାଷା । ରକ୍ତ ଚରଣ ତାଙ୍କର ଗୋଟାଏ ହେଲେ ଫୁଟାଇଲା ନାହିଁ ପଦ୍ମ । ହାୟ, ରାଜବାଟିକାର ସେ ଫେରିଲା ନାହିଁ ଭାଗ୍ୟ !

ସମ୍ରାଟ୍‌ଙ୍କ ଅନ୍ଧାର ହୃଦୟ-ପୁରରେ କ୍ଷଣକପାଇଁ ସୁଦ୍ଧା ଜଳିଲା ନାହିଁ ଦିହୁଡ଼ି-ଆଲୁଅ । ମନ-ଅଟ୍ଟାଳିର ବିସ୍ତୀର୍ଣ୍ଣ ପଠାରେ ହସିଲା ନାହିଁ ସୁନାଲି ସୋରିଷ ଫୁଲ । କି ଦୁର୍ଯୋଗ !

ଜାହାଙ୍ଗିରଙ୍କର ରହିଲା ନାହିଁ ଧୈର୍ଯ୍ୟ । ନୁରମହଲଙ୍କ ଦହ୍ୟମାନ ମନର ବିପର୍ଯ୍ୟସ୍ତ ପରିସ୍ଥିତିକୁ ସହୃଦୟଭାବରେ ଅଧ୍ୟୟନ କରିବାର ଅନ୍ତର୍ମୁଖୀ ଚେତନା ଆଦୌ ଥିଲା ନାହିଁ ତାଙ୍କର । ପ୍ରକୃତିର ସହଜାତ ଉଗ୍ରତା ସହସା ତାଙ୍କୁ କରିଦେଲା ଅସହିଷ୍ଣୁ, ଅବିବେକ ।

ନୁରମହଲଙ୍କ ନିର୍ଯ୍ୟାତିତ ପ୍ରାଣର ସ୍ୱାଭାବିକ ଔଦାସୀନ୍ୟ ସମ୍ରାଟ୍‌ଙ୍କୁ ପ୍ରତୀତ ହେଲା ଘୋର ଅବଜ୍ଞା, ଘୃଣା ଆଉ ହତାଦର । ତେଣୁ ପ୍ରତିଶୋଧାତ୍ମକ ପ୍ରତିକାରପାଇଁ ବ୍ୟଗ୍ର ହୋଇଉଠିଲା ବିଷାକ୍ତ ହିଂସ୍ର ପ୍ରବୃତ୍ତି ।

ବିଶାଳ ଦିଲ୍ଲୀ ସାମ୍ରାଜ୍ୟର ନିଷ୍କଣ୍ଟକ ସମ୍ରାଟ୍ ପ୍ରବଳପ୍ରତାପୀ ଜାହାଙ୍ଗିର ବୈରାଗ୍ୟରେ ଯେପରି ଧୁରନ୍ଧର, ସ୍ୱୈରାଚାରରେ ସେହିପରି

Digitized by srujanika@gmail.com

ଅପ୍ରତ୍ୟାହତ । ବୈଚିତ୍ରିପ୍ସା ବା ବୈପରୀତ୍ୟାତ୍ମକ ମାନସ ଧର୍ମ ତାଙ୍କ ଚରିତ୍ରର ପ୍ରଧାନ ଏକ ବୈଶିଷ୍ଟ୍ୟ ।

ଅନୁରାଗ ଓ ବିରାଗ, ସୃଜନ ଓ ସଂହାର, ମମତା ଓ ନିର୍ମମତାର ଯୁଗପତ୍ ଅଭିନେତା ତାଙ୍କ ବ୍ୟକ୍ତିତ୍ୱ ଏତେ ସୁଦକ୍ଷ ଅନ୍ୟ କେହି ଦେଖାଯାନ୍ତି ନାହିଁ ମୋଗଲ ରାଜବଂଶର ଇତିହାସରେ । ଏକ ଅପାଙ୍ଗରେ ସମ୍ମୋହନ-ଶର ଲାଞ୍ଛିବା ସଙ୍ଗେ ଅନ୍ୟ ଅପାଙ୍ଗରେ ବଜ୍ରାଗ୍ନି ବାଣ ଛୁଟାଇବାର ଅଦ୍ୱିତୀୟ କୃତିତ୍ୱ ଏକା ଥିଲା ତାଙ୍କର ।

ସେକାଳର ଲୋକେ ଜାଣିଥିଲେ— ବାଦଶା ଜାହାଙ୍ଗିର୍ ରଜ୍ଜୁବନ୍ଧା ହସ୍ତିମାନଙ୍କୁ ପ୍ରବଳ ଶୈତ୍ୟରେ କଷ୍ଟ ଭୋଗୁଥିବାର ଦେଖି ଦୁଃଖରେ ଅଶ୍ରୁ ଝରାଇ ପାରନ୍ତି ଯେପରି, ନିଜ ଆଖି ଆଗରେ ନରହତ୍ୟାର ବୀଭତ୍ସ ଦୃଶ୍ୟ ଦେଖି ଆହ୍ଲାଦିତ ମଧ୍ୟ ହୋଇପାରନ୍ତି ସେହିପରି । ଆଳଙ୍କାରିକ ଦୃଷ୍ଟିରେ ବିରୁଦ୍ଧଧର୍ମୀ ଜୀବନ ତାଙ୍କର ଗୋଟାଏ ମୂର୍ତ୍ତିମନ୍ତ ବିଶୁଦ୍ଧ ବିରୋଧାଳଙ୍କାର ।

"ତଥାପି ମିଳିଲା ନାହିଁ ଅନୁକୂଳ ମନୋଗତିର
ଇଙ୍ଗିତ କିଂଚିତ ? ସାମାନ୍ୟା ଅବଳା ହୋଇ
ଶୁଣିଲାନି ସମ୍ରାଟ୍‌ର ପ୍ରେମନିବେଦନ ? ସାମ୍ରାଜ୍ଞୀର
ଦୁର୍ଲଭ ଆସନକୁ ଘୃଣାଭରେ କଲା ପଦାଘାତ ?
ସିଂହାସନର ଗୁରୁ ଗୌରବକୁ ଅବଜ୍ଞାରେ କଲା
ହତାଦର ? ଫିଙ୍ଗିଦେଲା ପ୍ରାଣ-ପାତ୍ରର ପ୍ରିୟତର
ପ୍ରଣୟ-ପୀୟୂଷ ?
ଅସହ୍ୟ ଏ ଆସ୍ପର୍ଦ୍ଧା ! ଅସହ୍ୟ ଏ ଆସ୍ଫାଳନ !
ଅସହ୍ୟ ଏ ଅହମିକାଭରି ପ୍ରତ୍ୟାଖ୍ୟାନ ! ଆହୁରି
ଅସହ୍ୟ ଏ ଦାମ୍ଭିକତାଭରି ଉତ୍କଟ ଉପେକ୍ଷଣ !"

ବିଫଳ ପ୍ରେମିକ ନୃଶଂସ ଜାହାଙ୍ଗିର ଉଦ୍‌ଫଣ ହୋଇଉଠିଲେ ବିଷବାଷ୍ପ ଉଦ୍‌ଗିରଣ କରି । ନୁରମହଲଙ୍କ ସମ୍ମୁଖକୁ ଯାଇ ଜିଜ୍ଞାସା କଲେ ରୁକ୍ଷ ତର୍ଜନରେ :

"ନୁରମହଲ ! ଏବେ ମଧ୍ୟ ଯଥେଷ୍ଟ ସମୟ ଅଛି
ଚିନ୍ତା କରିବାପାଇଁ । ରାଜମୁକୁଟର ସମ୍ମାନକୁ ଧୂଳିରେ

Digitized by srujanika@gmail.com

ଗଡ଼ାଇଦେଇ ଦଲ୍ଲୀଶ୍ୱର ତୁମ ଆଗରେ ଆଜ ସ୍ୱୟଂ
ଦଣ୍ଡାୟମାନ । ମାତ୍ର ତୁମେ ? ସେଇ ସମ୍ରାଟ୍‌ର
ଅଯାଚିତ କୃପାକୁ ନିର୍ଭୟରେ କରିଛ ହତମାନ ।
ମୂଲ୍ୟଦାନର ବିନିମୟରେ ଦେଇ ନାହିଁ ତୁଲ୍ୟ ଦାନ ।
ଅକୃତଜ୍ଞା ଅବଜ୍ଞାତା ମୂଢ଼ା ! ଭାବିପାରୁଛ, ଭାବି-
ପାରୁଛ ଏ ଗୁରୁ ଅପରାଧର କଣ ହୋଇପାରେ
ସମୁଚିତ ଦଣ୍ଡ ? ଅବିମୃଷ୍ୟକାରିଣି ! ଶେଷ ଥର-
ପାଇଁ ସମୟ ଦେଲି—ସ୍ଥିର ମନରେ ପୁନର୍ବିଚାର
କରି ଏକ୍ଷଣି ଠାରେ ଜଣାଅ ତୁମର ଶେଷ ସିଦ୍ଧାନ୍ତ ।"

ନୁରମହଲ ନିର୍ବାକ୍ । ତୁଣ୍ଡରେ ତଥାପି ନାହିଁ ଭାଷା । ଚକ୍ଷୁ ସେତିକି-ପରି ଅଶ୍ରୁଭାରହୀନ । ଗମ୍ଭୀର ଓଷ୍ଠପ୍ରାନ୍ତରେ ଈଷତ୍ କୁଞ୍ଚନ । ସମ୍ମତିର ତିଳେ ନାହିଁ ଲକ୍ଷଣ । ମନୋଭାବରେ ପରିବର୍ତ୍ତନର ଟିକିଏ ନାହିଁ ଅଭିବ୍ୟକ୍ତି, ବରଂ ମୁଖ-ମୁକୁରରେ ଗାମ୍ଭୀର୍ଯ୍ୟର ଛାୟା ।

ଉତ୍ତର ନ ପାଇ ପୁଣି ଥରେ ଅବମାନିତ ହେଲେ ଜାହାଙ୍ଗିର । ଉତ୍ତେଜିତ ସ୍ୱରରେ ଗର୍ଜନ କରି କହିଲେ ଦ୍ୱିଗୁଣିତ କ୍ରୋଧରେ :

"ରୂପଗର୍ବରେ ଆତ୍ମମୁଗ୍ଧା ଉଦ୍ଧତା ! ଜାଣିରଖ,
ବାଦଶା ଇଚ୍ଛା କଲେ ଏଇ ମୁହୂର୍ତ୍ତରେ ତୁମ
ସୌନ୍ଦର୍ଯ୍ୟର ହେବ ଅତଳ-ସମାଧି । ଘୃଣ୍ୟ ଶ୍ୱାନ-
ଦଳର କ୍ଷୁଧାର୍ତ୍ତ ମୁଖରେ ଟିକ୍ ଟିକ୍ ହୋଇ ନିଶ୍ଚିହ୍ନ
ହୋଇଯିବ ତୁମର ଏ ନୟନଲୋଭନ ତନୁଶ୍ରୀ ।"

ନୁରମହଲଙ୍କର ସର୍ବାଙ୍ଗ କମ୍ପିଗଲା ଘୃଣା ଆଉ କ୍ଷୋଭରେ । ଚିତ୍ତ କମ୍ପନକୁ ଲକ୍ଷ୍ୟ କରି ଦର୍ପିତ କଣ୍ଠରେ କହିଲେ ଜାହାଙ୍ଗିର :

"ଭୟ ପାଉଛି ନାରି ! ମମତା ଆସୁଛି ଜୀବନ-
ପ୍ରତି ! ପ୍ରାଣଭିକ୍ଷା ମାଗିବାକୁ ଇଚ୍ଛା ହେଉଛି !
ଭୁଲିଯାଅ, ଭୁଲିଯାଅ ସେସବୁ ହତଭାଗିନି !
ଜାହାଙ୍ଗିର-ଜାତକରେ କ୍ଷମା ନାହିଁ, ଦୟା ନାହିଁ,

Digitized by srujanika@gmail.com

ମାୟା ନାହିଁ—ପାଷାଣରୁ ବଳି କଠିନ ତାର
ପ୍ରାଣ, କୁଳିଶରୁ ବଳି କଠୋର ତାର ପଣ ।”

ଜୀବନ୍ତ ପିତୁଳାଟି ପରି ନିରପରାଧା ନୁରମହଲ ଉଭା ରହିଥାନ୍ତି ଅଧୋମୁଖରେ । ଅଧରୋଷ୍ଠରେ ଘନଘନ ପ୍ରକମ୍ପନ । ଚକ୍ଷୁରେ ଧାରଶ୍ରାବଣ । ବକ୍ଷରେ ବଜ୍ରଚମକର ମୁହୁର୍ମୁହୁ ସ୍ପନ୍ଦନ ।

ବାକ୍ୟରେ ଏତେ ରୁକ୍ଷ, ଏତେ ରୂଢ଼ ହେଲେ ସିନା; କାର୍ଯ୍ୟରେ କିନ୍ତୁ ଏତେ ନିଷ୍ଠୁର ହୋଇପାରିଲେ ନାହିଁ ସେତେବେଳେ ଜାହାଙ୍ଗିର । କେବଳ ଅଧୈର୍ଯ୍ୟରେ ଅନ୍ଧ ହୋଇ ରୋଷକଷାୟିତ ନେତ୍ରରେ ଆଦେଶ ଦେଲେ ଦାସୀମଣ୍ଡଳୀକୁ :

“ଗର୍ବିତା ଏ ବେଗମଙ୍କୁ ତୁମର ଆବର୍ଜନା ସମ
ଫିଙ୍ଗିଦିଅ ନାରୀମହଲର ପରିତ୍ୟକ୍ତ ଅବଜ୍ଞାତ
ଗୋଟାଏ କୋଣରେ । ସେହିଠାରେ ଏକା ବସି
କରୁଥାନ୍ତୁ ସେ ନିର୍ଜନ ବିଳାପ । ଝରିବାର ଝରୁ
ଯେତେ ଅଶ୍ରୁର ଝରଣା । ଝରି ଝରି ଶୁଖିଯାଉ
ନୟନ-ଆସାର । ଖସିପଡ଼ୁ ହୃଦୟର ଯେତେ
ଦମ୍ଭ ଟାଣ । ତାହାପରେ ଯାଇ ଦେଖିବି ମୋ
କାମନାର ଛବି ପରିପୂର୍ଣ୍ଣ ସୁଖରେ ହସି ହସି ।”

Digitized by srujanika@gmail.com

Digitized by srujanika@gmail.com

Digitized by srujanika@gmail.com

ଶାପେ ବର

ନୁରମହଲ ଏବେ ନିର୍ବାସିତା— ଝୂର ବାଦଶାଙ୍କ ହୃଦୟହୀନ ଅବହେଳାର ତପ୍ତ କୁଣ୍ଡରେ ନିକ୍ଷିପ୍ତା । ପ୍ରଭୁଙ୍କ ରୁଷ୍ଟ ନିର୍ଦ୍ଦେଶରେ ଜଗିରହିଲେ ତାଙ୍କୁ ପରିଚାରିକା କେତେ ଜଣ । ଏଭଳି ଏକାକୀ ଜୀବନ ଏକାନ୍ତ ଦୁର୍ଭାର ବୋଧ ହେଲା ନୁରମହଲଙ୍କୁ । ଚିତ୍ତର ରନ୍ଧ୍ରେ ରନ୍ଧ୍ରେ ବିସ୍ଫୋରିତ ହେଲା ବେଦନାର ବିଷାକ୍ତ ବାରୁଦ । ଆଶ୍ଚର୍ଯ୍ୟର କଥା କିନ୍ତୁ, ଏଥିପାଇଁ ବିନ୍ଦୁମାତ୍ର ଦୁଃଖ ବା ଶୋଚନା ଆସିଲା ନାହିଁ ସବଳ ସହନଶୀଳ ପ୍ରାଣରେ ତାଙ୍କର ।

Digitized by srujanika@gmail.com

ଅଶୋକବନ-ବନ୍ଦିନୀ ସଞ୍ଜ ସୀତା ପ୍ରାୟ ନଜରବନ୍ଦିନୀ ଅଦୃଷ୍ଟ-ବାଦନୀ ନୂରମହଲ ଏକା ଏକା ସମୟ ବାଞ୍ଚିଲେ ସେଇ ନିର୍ଜନ କକ୍ଷରେ । ସମୟ ସମୟରେ ସ୍ୱାମିଶୋକାତୁର ଅନ୍ତରରେ ଉଭରଉଠେ ନିଃସଙ୍ଗତାର କରୁଣ ଆର୍ତ୍ତନାଦ ।

ସେହି ନିଃସଙ୍ଗତାର ଅଭିଶାପକୁ ପ୍ରଚଣ୍ଡ ଉପେକ୍ଷାର ସହିତ ଅସ୍ୱୀକାର କରିବାକୁ ଯେତିକି ସେ ସ୍ଥିରସଂକଳ୍ପା ହୁଅନ୍ତି, ଶୁଷ୍କେନ୍ଧନମଧ୍ୟସ୍ଥ ଅଗ୍ନିକଣା ସଦୃଶ ଚେତନାର ଗଭୀର ଅନ୍ତରାଳରେ ତାହା ସେତିକି ତାଙ୍କୁ ଦହନ କରିବାକୁ ବସେ ଅତି ନିଃଶବ୍ଦରେ । କେତେ ବିନିଦ୍ର ରଜନୀର ଉଦ୍ବିଗ୍ନ ମୁହୂର୍ତ୍ତରେ ଅବୋଧ ଅବାଧ ମନର ନିଷ୍ଫଳ ଆଗ୍ରହ ବାରଂବାର ଅବାଧ ଗତିରେ ଉଡ଼ିବୁଲେ ଯାଇ ବିପୁଳା ପୃଥ୍ୱୀର ପ୍ରତ୍ୟନ୍ତ ପ୍ରଦେଶରେ । ସେତିକି-ବେଳେ ହୃଦ-କନ୍ଦରରୁ ଧୀରେ ଝରିଆସେ ନୀରବ ଧ୍ୱନିର ସାନ୍ତ୍ୱନାମୃତ :

"ନିର୍ଦ୍ଦୋଷ ନିଷ୍ପାପ ଯେବେ, ଆଉ କି ରେ ଭୟ ?
ପିଟଇ ରଜକ ଯେତେ ନିଷ୍ଠୁରେ ବସନ, ବସନ ତା
ସହେ ଅକୁଣ୍ଠିତେ—ପଦେ ହେଲେ ଫେଡ଼େ ନାହିଁ
ମୁଖ । ସେ ଆଘାତ-ଦୁଃଖୁଁ ଶେଷେ ଜନମଇ ସୁଖ
—ବସନ ହୁଅଇ ଶୁଦ୍ଧ ଶୁଭ୍ର ସୁନିର୍ମଳ ।"

ଅନ୍ତର୍ଦ୍ଦେବତାର ଏହି ସାନ୍ତ୍ୱନାବାଣୀରେ ଉଦ୍‌ବୋଧିତ ହେଲେ ନୂରମହଲ । ବେଦନାକୁ ସୃଜନାରେ ରୂପାନ୍ତରିତ କରିବା ଉଦ୍ଦେଶ୍ୟରେ ଆତ୍ମପ୍ରସ୍ତୁତିର ପୀଠ ରଚନା କରିବାକୁ ଉନ୍ମନା ହୋଇଉଠିଲେ ସେ । ସେହି ଦିନଠାରୁ ଲଳିତକଳାଦି ବିବିଧ ବିଦ୍ୟାର ଅନୁଶୀଳନରେ ନିଜକୁ ନିରନ୍ତର ନିୟୋଜିତା ରଖି ଅତୀତର କ୍ଷୟକ୍ଷତି ଓ କ୍ଷତର ଜ୍ୱାଳାକୁ ଭୁଲିଯିବାପାଇଁ ଆରମ୍ଭ କଲେ ଆପ୍ରାଣ ପ୍ରୟାସ । ତାଙ୍କର ଦୃଢ଼ ବିଶ୍ୱାସ, ତାହାରି ମଧ୍ୟରେ ମିଳିବ ନିଶ୍ଚୟ ଜୀବନ-ଉତ୍ତରର ସନ୍ଧାନ ।

ରୁଚିଶୀଳା ନୂରମହଲ ଆଜନ୍ମ ଥିଲେ ପ୍ରତିଭାବତୀ । ସେହି ପ୍ରତିଭା-ଗର୍ଭର ପ୍ରଚ୍ଛନ୍ନ ସୌରରଶ୍ମି କ୍ରମେ ପ୍ରକାଶିତ ହେଲା ଜୀବନର ଏହି ନିଭୃତ ଅବକାଶରେ । ଆରବୀ ଓ ପାରସୀ ଭାଷାର ବହୁ ମୂଲ୍ୟବାନ୍ କାବ୍ୟକବିତା ଓ ଜ୍ଞାନମୟ ଗ୍ରନ୍ଥ ଆଲୋଚନା କରିବାକୁ ଏହିଠାରେ ପାଇଲେ ସେ ପ୍ରକୃଷ୍ଟ

Digitized by srujanika@gmail.com

ସୁଯୋଗ । ସୌନ୍ଦର୍ଯ୍ୟବୋଧ, ଉଦ୍ଭାବନୀ ଶକ୍ତି, ଏ ସବୁଥିଲା ତାଙ୍କପ୍ରତି ଭଗବାନଙ୍କର ଅତୁଳ ଦାନ । ସୂଚୀଶିଳ୍ପକଳାରେ ତାଙ୍କର ଦକ୍ଷତା ଥିଲା ଅନନ୍ୟ ସାଧାରଣ । ଏବେ ସବୁଗୁଡ଼ିକର ପ୍ରସ୍ଫୁରଣ ଓ ବିକାଶ ଘଟିଲା ବୈନନ୍ଦିନ ସାଧନାର ଏହି ସୀମିତ ପରିଧିମଧ୍ୟରେ ।

ତେବେ, ପ୍ରଜ୍ଞାବତୀ ନୁରମହଲଙ୍କ ହସ୍ତ ସବୁଠାରୁ ବେଶୀ ପଟୁ ଯେଉଁ କଳାରେ, ସେଇଟି ହେଉଛି ସୂକ୍ଷ୍ମ ସୂଚୀଶିଳ୍ପ । ଘରେ ବସି କେବଳ ସେଇ କାର୍ଯ୍ୟରେ ନିବିଷ୍ଟ ରହିଥାନ୍ତି ସେ ଅପୂର୍ବ ଆଗ୍ରହରେ । ଆଜ ଏକପ୍ରକାର ବସନ ପ୍ରସ୍ତୁତ କଲେ କାଲି ଆଉ ଏକପ୍ରକାର । ବିଭିନ୍ନ ପରିପାଟୀ ଓ ବିଭିନ୍ନ ସଜ୍ଜାର ଶତ ଶତ ଗାବାବରଣରେ ଗୃହ୍ଣ ଗୃହ୍ଣ ପୂରିଉଠିଲା ତାଙ୍କର କକ୍ଷ-ବାଟିକା । ସେଗୁଡ଼ିକରେ ଅଙ୍କିତ ନାନାବିଧ ମନୋହର ନକ୍ସା ସବୁରି କଲା ମନପ୍ରାଣ ଆକର୍ଷଣ । ବୋଲିବା ବାହୁଲ୍ୟ ଯେ, ଏସମସ୍ତ ବିଚିତ୍ର ନାରୀବାସ ନୁରମହଲଙ୍କ ଅବସରବିନୋଦନରହିଁ ଫଳ ଏବଂ ତାଙ୍କ ଅଦ୍ଭୁତ ସୃଜନୀ ପ୍ରତିଭାରହିଁ ଜୀବନ୍ତ ନମୁନା ଗୋଟିଏ ଗୋଟିଏ ।

ହାରେମ ସୁନ୍ଦରୀଗଣ ଯେଉଁ ପେଶୋୟାଜ ପରିଧାନ କରୁଥିଲେ, ତହିଁର ଲେସ୍ ହେବାପାଇଁ ନୁରମହଲ ତିଆରି କଲେ ଏକପ୍ରକାର ସୂକ୍ଷ୍ମତମ ଅତି ଚିକ୍କଣ ମସଲିନ୍, ଯାହାର ଓଜନ ଥିଲା 'ଦୁଇ ଦାମ୍' ବା ଏକ ଛଦାମର ଓଜନ ସଙ୍ଗେ ସମାନ । ଏଥିପାଇଁ ସେ ତାର ନାମ ଦେଇଥିଲେ 'ଦୁଦାମୀ' ମସଲିନ୍ ।

ଏହା ଛଡ଼ା ସୁନ୍ଦର ଜରିକାମଯୁକ୍ତ ଏକ ନୂଆ ଢଙ୍ଗର ବୁଟିଦାର ସ୍ୱଚ୍ଛ ବସ୍ତ୍ର ସୃଷ୍ଟି କଲେ ସେ, ଯାହାର ନାମ ରଖିଲେ 'ବାଦଲ୍ କନାରି ନୁରମହଲ୍' ।

ସେ ନୂତନ ଫେସନର ଏକପ୍ରକାର ଓଢ଼ଣୀ ମଧ୍ୟ ଉଦ୍ଭାବନ କଲେ, ଯାର ଓଜନ ଥିଲା ମୋଟେ ପାଞ୍ଚ ତୋଳା । ଏଣୁ ତାହାର ନାମ ଦେଇଥିଲେ 'ପାଞ୍ଚତୋଳିୟା' । ଆଗ୍ରା ଓ ଦିଲ୍ଲୀର ଅଭିଜାତ ମହିଳା ମହଲରେ ଏହି 'ପାଞ୍ଚତୋଳିୟା' ଓଢ଼ଣୀ ଲାଭ କରିଥିଲା ବିପୁଳ ଆଦର ଓ ଖ୍ୟାତି ।

'ଫରାସ-ଇ-ଚନ୍ଦନୀ' ତାଙ୍କ ହସ୍ତର ଆଉ ଏକ ଅନବଦ୍ୟ ସୃଷ୍ଟି । ଚନ୍ଦନ କାଷ୍ଠର ରଙ୍ଗବିଶିଷ୍ଟ ଏହି ବିଚିତ୍ର ଗାଲିଚା ଉଚ୍ଚ ପ୍ରଶଂସା ଅର୍ଜନ କଲା

Digitized by srujanika@gmail.com

ସହସ୍ର ମୁଖରୁ । ଏସମସ୍ତ ଉଦ୍ଭାବନ ତାଙ୍କର କାରୁକଳ୍ପନାର ସାର୍ଥକ ରୂପ । ସେଯୁଗର ଆଧୁନିକାଗଣ ନୁରମହଲଙ୍କ ହସ୍ତପ୍ରସୂତ ପରିଚ୍ଛଦାଦିକୁ ସମ୍ମାନ ଦେଉଥିଲେ ଫେସନର ଚୂଡ଼ାନ୍ତ ବୋଲି ।

ଏତେ ରୁଚିର ବେଶବାସ ସ୍ୱହସ୍ତରେ ପ୍ରସ୍ତୁତ କରୁଥିଲେହେଁ ସ୍ୱଭାବରୁଚିରେ ନୁରମହଲ ତହିଁରୁ ଖଣ୍ଡିଏ ହେଲେ ନିଜେ ବ୍ୟବହାର କରୁ ନ ଥିଲେ କେତେବେଳେ । ଅହରହ ତାଙ୍କର ପରିଧେୟ ଥିଲା ଧୋବଧବଧବ ଛେଦା ମସ୍‌ଲିନ୍ ।

ନିତ୍ୟନୂତନ ନକ୍ସା-ପରିଶୋଭିତ ସେହି ଆଦରଣୀୟ ପ୍ରିୟ ପରିଚ୍ଛଦଗୁଡ଼ିକୁ ନିଜର ପରିଚାରିକାମାନଙ୍କୁ ପିନ୍ଧାଇ ମନରେ ସେ ଲଭ କରନ୍ତି ଅଭୂତପୂର୍ବ ଆନନ୍ଦ ଓ ତୃପ୍ତି । ଅନ୍ତଃପୁରର ଅନ୍ୟ ବେଗମମାନଙ୍କର ଯେତେ ପରିଚାରିକା ଓ ପାର୍ଶ୍ୱଚାରିକା ଥାଆନ୍ତି, ଏହା ଦେଖି ଈର୍ଷା ଆଉ ହିଂସାରେ ଜଳିଉଠେ ସେମାନଙ୍କର ହୃଦୟ । ସେମାନେ ପ୍ରତ୍ୟେକେ କାମନା କରନ୍ତି, ନୁରମହଲଙ୍କର ପରିଚାରିକା ହୋଇ ଅଭିନବ ରମଣୀୟ ବସନରେ ନିଜ ନିଜର ଅଙ୍ଗ ମଣ୍ଡନ କରିବା ଲାଗି ।

ଯୌବନର ପୂର୍ବାହ୍ନରେ ସ୍ୱାମୀହରା ଅଭାଗିନୀ, ପୁଣି ତାର ପରେ ହେଲେ ବାଦଶାଙ୍କଦ୍ୱାରା ନିଗୃହୀତା, ଲାଞ୍ଛିତା । ତେବେ ବି ସେ ନିର୍ବିକାର ଚିତ୍ତରେ ଉପଭୋଗ କରୁଛନ୍ତି ଜୀବନ-ରସର ଅନାବିଳ ସ୍ୱାଦ । ଅନାଥା ବାଳିକାମାନଙ୍କ ଭବିଷ୍ୟତ ଜୀବନ କପରି ଅନ୍ଧକାରମୟ ନ ହେବ, ସେଥିପାଇଁ ଚିନ୍ତା ତାଙ୍କର ଦିବାନିଶି ।

ଏଭଳି ଅନୂଢ଼ା କୁମାରୀ ପାଇଲାମାତ୍ରେ ସେ ତାକୁ ସତ୍‌ପାତ୍ରସ୍ଥା କରିବାରେ ଲାଗିପଡ଼ନ୍ତି କ୍ଷୁଧା ତୃଷ୍ଣା ଭୁଲି । ନିଜର ସୁଖସଂସାର ଅକାଳରେ ଭାଙ୍ଗିପଡ଼ି ଧୂଳିରେ ମିଶିଯାଇଥିଲେ ମଧ୍ୟ ନିରାଶ୍ରୟା ବାଳିକାମାନଙ୍କ ପାଇଁ ସୁଖର ସଂସାର ଗଢ଼ିଦେବାରେ ପାଉଥିଲେ ସେ ଅସୀମ ସନ୍ତୋଷ । ଐତିହାସିକମାନେ କହନ୍ତି, ମମତାମୟୀ ନୁରମହଲଙ୍କ ଅମୃତ ହସ୍ତରେ ଏଇଭଳି ଯେତେ କନ୍ୟା ପ୍ରତିଷ୍ଠିତ ହୋଇପାରିଛନ୍ତି ଜୀବନାୟତନରେ, ସେମାନଙ୍କ ସଂଖ୍ୟା ଅନ୍ତତଃ ପାଞ୍ଚ ଶତରୁ କଦାପି ହେବ ନାହିଁ କମ୍ ।

ଉପେକ୍ଷିତା ନୁରମହଲଙ୍କ ପାଇଁ ହାରେମରୁ ଯେଉଁ ଖାଦ୍ୟ ଆସିବାର ବ୍ୟବସ୍ଥା ହୋଇଥିଲା, ତାହାକୁ ସେ ପ୍ରତ୍ୟାଖ୍ୟାନ କରିଦେଇଥିଲେ ।

Digitized by srujanika@gmail.com

ତେଣୁ ତାଙ୍କ ଖୋରାକପାଇଁ ମଞ୍ଜୁର ହେଲା ଦୈନିକ ଚଉଦ ଅଣା ମାତ୍ର । ନୁରମହଲ ସେ ଅର୍ଥ ମଧ୍ୟ କଲେ ନାହିଁ ସ୍ପର୍ଶ । ସୂଚିଶିଳ୍ପରୁ ତାଙ୍କର ଆୟ ହେଉଥିଲା ପ୍ରଚୁର । ଅତି ସାଧାରଣଭାବରେ ଅତ୍ୟଳ୍ପ ଖର୍ଚ୍ଚରେ ଦିନ କଟି-ଯାଉଥାଏ ତାଙ୍କର ।

ବନ୍ଦିନୀ-ଜୀବନର ଦିବସଗୁଡ଼ିକ ଏଇସବୁ ସୁଖକର କାମର ବେଢ଼-ମଧ୍ୟରେ ଗଡ଼ି ଗଡ଼ି ବୋଧ ହୁଏ କଟିଯାଇଥାନ୍ତା କି କଣ ସୁଖେ ଦୁଃଖେ; ମାତ୍ର ଲଲାଟଲିଖନକୁ ଏଡ଼ିବାର ସାଧ କାହିଁ ? କିଏ ଅବା ବଦଳାଇପାରିବ ତାହା ! ଫଳରେ ନୁରମହଲଙ୍କ ଜୀବନ-ନଦୀର ଗତି ହଠାତ୍ ମୁହାଁଇଗଲା ଅନ୍ୟ ଏକ ପଥରେ ।

ସବୁ ବିଧାତୃବିହିତ—ସବୁ ଦୈବନିର୍ଦ୍ଧାରିତ ।

Digitized by srujanika@gmail.com

Digitized by srujanika@gmail.com

Digitized by srujanika@gmail.com

Digitized by srujanika@gmail.com

ଆତ୍ମଦର୍ଶନ

ଋତୁଚକ୍ର ଅବିରତ ଘୂରିଚାଲେ ନିର୍ଦ୍ଧାରିତ ଗନ୍ତବ୍ୟ ମାର୍ଗରେ । ଜଗତର ହାନିଲାଭରେ ନ ଥାଏ ତାର ଧ୍ୟାନ । ପ୍ରାଣୀର ସୁଖଦୁଃଖପ୍ରତି ନ ଥାଏ ତିଳେ ଦୃଷ୍ଟି । ତାର ଗୋଟିଏ ଥର ପରିକ୍ରମାରେ କାଳ-ବକ୍ଷରେ ହୁଏ ଗୋଟିଏ ରେଖାର ସମ୍ପାତ । ସେହି ରେଖାର ଉଦୟାଚଳରେ ନୂଆ ରୂପ ଧରି ଦେଖାଦିଏ ନୂତନ ବର୍ଷ ।

ସୃଷ୍ଟିପ୍ରବାହର ଏହି ଚିରନ୍ତନ ଧାରାରେ ପ୍ରତ୍ୟେକ ନବ ବର୍ଷର ଉନ୍ମେଷ ମନୁଷ୍ୟପ୍ରାଣରେ ସଞ୍ଚରିତ କରେ ନବ ହର୍ଷ, ନବୀନ ଉତ୍ସାହ । ବର୍ଷାରମ୍ଭର ଆବାହନରେ ମାତିଯାଏ ତେଣୁ ବିଶ୍ୱର ଜନତା । ଅପାର ପୁଲକରେ ସ୍ରଷ୍ଟାପଦତଳେ ଢାଳିଦିଏ ପୂଜାର୍ଚ୍ଚନାର ଅର୍ଘ୍ୟାଞ୍ଜଳି ।

ଚାହିଁ ଚାହିଁ ପୁଣି ଆସିଗଲା ନବ ବର୍ଷ । ସେହି ନବାଗତ ଅତିଥିକୁ ସ୍ୱାଗତ ଜଣାଇବାପାଇଁ ଅନ୍ତର୍ବାଟିକାରେ ପୁଣି ବସିଲା ନଓରୋଜର ମେଳା । ଚନ୍ଦ୍ରାତପମଣ୍ଡିତ ମିନାବଜାରରେ ସେହିପରି ସୁନ୍ଦରୀଦଳର ଲୀଳା । ବିପଣୀ ସଜାଇ ଶତ ଶତ ରୂପସୀ ଠାକିବସିଛନ୍ତି ଚତୁର ଗହକଙ୍କ ଶୁଭାଗମନ-ପଥ ଚାହିଁ ।

ପୂର୍ବ ବର୍ଷମାନଙ୍କ ପରି ଏ ବର୍ଷ ବି ସମ୍ରାଟ୍ ଆସିଛନ୍ତି ନିଜର ବାର୍ଷିକ ଅଭିଳାଷ ସଫଳ କରିବା ଅଭିପ୍ରାୟରେ । କେବଳ ନୂଆ ବେଗମର

Digitized by srujanika@gmail.com

ସଂଧାନରେ ଆବଦ୍ଧ ନାହିଁ ତାଙ୍କର ଚତୁର ଚକ୍ଷୁ, ପୁରୁଣା ବେଗମମାନଙ୍କର ମନସ୍ତୁଷ୍ଟି ବିଧାନ କଲା ଭଳି ନାନା ଦୁର୍ଲଭ ଉପଢୌକନସଂଗ୍ରହରେ ମଧ୍ୟ ବିଶେଷ ହୋଇଛନ୍ତି ତତ୍ପର । ଆଖିର ଲକ୍ଷ୍ୟ ଦୁଇ—ଏକ ଶରରେ ଦୁଇ ପକ୍ଷୀ ଶିକାର କଲା ପ୍ରାୟ ।

ଜାହାଙ୍ଗିର ଯେତେ ବିପଣୀକି ଗଲେ, ସବୁଠି ଦେଖିଲେ ବହୁ ନବତନ ନକ୍ସାର ଝଲକ ଭଳି ଦ୍ରବ୍ୟସମ୍ଭାର । ଏତେ ସୁନ୍ଦର ସୁନ୍ଦର ମହାର୍ଘ ଜିନିଷ କୌଣସି ବର୍ଷ ଦେଖିବାକୁ ପାଇ ନ ଥିଲେ ସେ । ସୌନ୍ଦର୍ଯ୍ୟରଙ୍କ ନୟନ ତାଙ୍କର ଭରିଗଲା ଅପୂର୍ବ ବିସ୍ମୟରେ । କି ଚମତ୍କାର କାରୁକଳା—କି ଅନନ୍ୟସୁଲଭ ସୂଚିଶିଳ୍ପ !

ଶାଢ଼ି, ନଗ୍ରେଳ, କାଞ୍ଚଲି, ଉତ୍ତରୀ, ଅଧୋବାସ, ପେଶୋୟାଜ, କାର୍ପେଟ—କେତେ କଣ ଚିଜ ଯେ ଦୋକାନମାନଙ୍କରେ ସୁସଜ୍ଜଭାବରେ ରଖାଯାଇଛନ୍ତି, କଳନା କରିବାର ସ୍ଥିର ନାହିଁ ତାର । ସବୁଗୁଡ଼ିକରେ ସୁଚିନ୍ତିତ ଅଭିନବତ୍ୱର ବିଚକ୍ଷଣତା । କଳ୍ପନାଗୃଭୁସ୍ତିର ଚଳଲୀଳ ବିଳାସ—ସୂକ୍ଷ୍ମତମ ହାତକାରିଗରିର ଅନବଦ୍ୟ ବିକାଶ !

ସମ୍ରାଟ୍ ଗୋଟି ଗୋଟି ସମସ୍ତ ଜିନିଷ ପରୀକ୍ଷା କରି ଦେଖିବାକୁ ଲାଗିଲେ ସ୍ୱହସ୍ତରେ—ଆହା, କେଡ଼େ ନମନୀୟ, କେଡ଼େ କମନୀୟ ! ଯାହାର ରଚନା ଏଡ଼େ କୋମଳ, ଏଡ଼େ ସୁନ୍ଦର, ତାର ହୃଦୟ ହୋଇ ନ ଥିବଟି ସତେ ଆହୁରି କେଡ଼େ କୋମଳ, ଆହୁରି କେଡ଼େ ସୁନ୍ଦର ! ଜିଜ୍ଞାସୁ ପ୍ରାଣରୁ ପ୍ରଶ୍ନ ଉଠିଲା ସ୍ୱତଃ ବାରଂବାର :

“କାହାର ଏ ଅନୁପମ ଅପରୂପ ସୃଷ୍ଟି ? କାହାର
ଏ ଅମୂଲ୍ୟ ଅବଦାନ ? କାହାର ସୁନିପୁଣ
କରରେ ରୂପାୟିତ ଏଇ ବିଚିତ୍ର ବସ୍ତୁସମ୍ଭାର ?
କିଏ ସେହି ସ୍ୱନାମଧନ୍ୟ ସ୍ୱୟଂସିଦ୍ଧ ଶିଳ୍ପିଶ୍ରେଷ୍ଠ ?”

ବାଦଶାଙ୍କର କୌତୂହଳ ଚରିତାର୍ଥ କଲା ବିପଣୀଚାଳକ-ମାନଙ୍କର ସହାସ୍ୟ ଉତ୍ତର :

“ସବୁଗୁଡ଼ିକର ସୃଷ୍ଟିକର୍ତ୍ତ୍ରୀ ମନୀଷିଣୀ ବେଗମ
ସାହେବା ନୂରମହଲ । ତାଙ୍କରି ହାତ-କୁହୁକରେ
ଜୀବନ୍ତ ହୋଇଉଠିଛି ସୂଚିଶିଳ୍ପର ଏଇ ମାଧୁରୀ ।”

Digitized by srujanika@gmail.com

"ନୁରମହଲ ! ଲାବଣ୍ୟପ୍ରତିମା ନୁରମହଲ !
ତାଙ୍କର ଶାବନ୍ୟାସ ମନ୍ତ୍ରରେ ନର୍ତ୍ତିବ ଏ ସୃଷ୍ଟି-
ଗୁଚ୍ଛକରେ ଲୀଳାୟିତ ଏତେ ସଙ୍ଗୀତତାର
ତରଙ୍ଗିଳ ଲାସ୍ୟ !"

—ଚମକିଉଠିଲେ ଜାହାଙ୍ଗିର । ଘୂର୍ଣ୍ଣି ବହିଗଲା ସାରା ମସ୍ତିଷ୍କରେ ରୋମାଞ୍ଚିତ ହୋଇଉଠିଲା ଆପାଦମସ୍ତକ ସର୍ବ ଅବୟବ । କାଳର ପ୍ରତିଲୋମରେ ସହସା ଉଜାଣି ଧାଇଁଲା ବାଦଶାଙ୍କର ବଲ୍‌ଗାହୀନ ମନ ।

ମୁହୂର୍ତ୍ତିକମଧ୍ୟରେ ଛାୟାବାଜି ସମ ଆଖି ଆଗରେ ଏମିଉଠିଲା ବର୍ଷ କେତୋଟି ଆଗର ସେଇ ରମଣୀରମ୍ୟ ମିନାବଜାର । ଯୌବନର ମନୋରମ ମଇଦାନରେ ରୂପ-କନ୍ଦୁକର ମଦମତ୍ତ କ୍ରୀଡ଼ା । ସ୍ୱପ୍ନର ସମ୍ମୋହ ତୂଳିକା ତୋଳାରେ ରଞ୍ଜିଦେଲା ସମ୍ଭୋଗର ଶୀତଳ ଅଞ୍ଜନ । ଗୃହୁଁ ଗୃହୁଁ ଅତୀତ ଉଭା ହେଲା ବର୍ତ୍ତମାନର ଚଟାଣରେ । ଅଦୂରରେ ଦେଖାଗଲା : ଘନ ଜନତାର ଏକ କୋଣରେ ଦଣ୍ଡାୟମାନା ସେଇ ରହସ୍ୟମୟୀ ତରୁଣୀ— ଚକିତ ନୟନ, ଚପଳ ଦୃଷ୍ଟି, ଚଟୁଳ ଭଙ୍ଗୀ । ଚମ୍ପକାଙ୍ଗୀ ଦ୍ୱିଖଣ୍ଡ ପାରାଟିକୁ ଶୂନ୍ୟକୁ ଉଡ଼ାଇଦେଇ ଉଚ୍ଛ୍ୱସିତ ହାସ୍ୟରେ ଅଧରପଲ୍ଲବ କଲା କଲ୍ଲୋଳିତ । କଟାକ୍ଷରୁ ତାର ଝରିପଡ଼ିଲା ପ୍ରସ୍ଫୁଟିତ ଶତ ଶତଦଳର ସୌରଭ । ଆମୋଦିତ ହେଲା ହର୍ମ୍ୟବଦଗର ଉତ୍ସବମୟ ଉତ୍ସଙ୍ଗ ।

ସେଇ ତରୁଣୀ-ସୂର୍ଯ୍ୟ ମେହେରଉନ୍ନିସା-ଆଜିର ପରିତ୍ୟକ୍ତା ବନ୍ଦିନୀ ବେଗମ ନୁରମହଲ ! ତାଙ୍କର ହାତର ଏତେ ସବୁ ବୈଚିତ୍ର୍ୟମୟ ସୃଷ୍ଟି !

ନିଜର ଚରମ ଅହଙ୍କାରପାଇଁ ନିଜପ୍ରତି ଆସିଲା ସହସ୍ର ଧିକ୍‌କାର ଆତ୍ମସୃଷ୍ଟ ବିଷଜ୍ୱାଳାରେ ଜର୍ଜରିତ ହୋଇଗଲେ ସମ୍ରାଟ ଜାହାଙ୍ଗିର । ମର୍ମେ ମର୍ମେ ଅନୁଭବ କଲେ ଶତ ବୃଶ୍ଚିକର ଦଂଶନପୀଡ଼ା ହୃଦୟହୀନତାର ଭୈରବୀ ମୂର୍ତ୍ତି ସତେ ଯେପରି ଲୋଳିତ ରସନାରେ ମାଡ଼ି ଆସିଲା ଗ୍ରାସ କରିବାକୁ ତାଙ୍କୁ ।

ପୁଞ୍ଜୀଭୂତା ମୀନାକ୍ଷୀଦଳର ସୌନ୍ଦର୍ଯ୍ୟ-ବାଗୁରା ଦଣ୍ଡେ ଆଉ ଛନ୍ଦି ରଖିପାରିଲା ନାହିଁ ବାଦଶାଙ୍କର ଉଚାଟିତ ମନ-ମୃଗକୁ । ହଣି-ହଣି ହଣିଲା

Digitized by srujanika@gmail.com

କେବଳ ଯୋଷାକୁଳ-ଶିରୋଭୂଷା ସୁଦର୍ଶନା ନୁରମହଲଙ୍କ ପରମ୍ଳାନ ମୁଖଚ୍ଛବି । ସଂକ୍ଷୁବ୍ଧ ସମୁଦ୍ର ସମ ଆଲୋଡ଼ିତ ହେବାକୁ ଲାଗିଲା ଆତ୍ମଗ୍ଳାନିରେ ଅନ୍ତଃସ୍ଥଳ । ଆକାଂକ୍ଷିତାର ଅନ୍ତର-ଗହ୍ୱରରୁ ଛୁଟିଆସିଲା ସତେ ଯେପରି ଆଶ୍ରାବ୍ୟ ଏକ ବିଷାଦାକ୍ରାନ୍ତ ଛନ୍ଦ । ରୁଦ୍ଧ ବୁକୁର ତାତିଲା ରକ୍ତ ମନ୍ଦୀଭୂତ ହୋଇଗଲା ସେହି କରୁଣ ଛନ୍ଦର ସାନ୍ଦ୍ର ସ୍ପର୍ଶରେ । ଜୀବନ୍ତମରଣ ପରି ବୋଧ ହେଲା ଦୁର୍ବହ ଜୀବନ । ଏ ଦୁର୍ବହତାର ନୁର୍ବାର ଶାପରୁ ମୁକ୍ତ ହେବ କିଏ ? ବିକ୍ଷିପ୍ତମତି ଜାହାଙ୍ଗିର କକ୍ଷଭ୍ରଷ୍ଟ ଉଲ୍‌କାପରି କ୍ଷିପ୍ରତମ ପଦରେ ଧାଇଁଲେ ଚିତ୍କାର କରି କରି ଊର୍ଦ୍ଧ୍ୱଶ୍ୱାସରେ :

"କାହିଁ ଅଛ, କାହିଁ ଅଛ ପ୍ରାଣପ୍ରିୟା ଅର୍ଦ୍ଧାଙ୍ଗିନୀ ମୋର !
ଏଇ କ୍ଷୁଧିତ ପାଷାଣର ଶୁଷ୍କ ବୁକୁରେ ଫୁଟାଅ
ତୁମର ଆଶୀର୍ବାଦର ଶୁଭ୍ରକମଳ ପାରିଜାତ ।"

Digitized by srujanika@gmail.com

Digitized by srujanika@gmail.com

Digitized by srujanika@gmail.com

ପଣଭଙ୍ଗ

ଠିକ୍ ଅପରାଧୀଟି ପରି ନୁରମହଲଙ୍କ ନିଭୃତ କକ୍ଷରେ ଆସି ଅତି ଅତର୍କିତରୂପେ ଉପସ୍ଥିତ ହୋଇଗଲେ ଅନୁତପ୍ତମତ ଜାହାଙ୍ଗିର । ଆତୁର ଚକ୍ଷୁ, ମୌନ ମ୍ଳାନ ମୁଖ, କମ୍ପିତ ତନୁ । କୁଞ୍ଚିତ କପାଳ-ରେଖାରେ ଜୀବନର ଅପସୃୟମାଣ ଅବଚେତନାତାର ବ୍ୟଞ୍ଜନା ।

ଶଯ୍ୟାରେ ବିଶ୍ରାମ ନେଉଥାନ୍ତି ପ୍ରିୟଦର୍ଶିନୀ ନୁରମହଲ । ଏତେ ରାତିରେ ବାଦଶାଙ୍କର ଏପରି ଆକସ୍ମିକ ନିଃସଙ୍ଗ ଆବିର୍ଭାବ କରିପକାଇଲା ତାଙ୍କୁ ସଂଶୟାକୁଳା ଓ ଦୋଳାୟିତଚିତ୍ତବୃତ୍ତି । ଛନ୍ନମତ୍ତକା ସଙ୍ଗେ ସଙ୍ଗେ ଶଯ୍ୟାରୁ ଓହ୍ଲାଇପଡ଼ି ପୂଜ୍ୟବର ଦିଲ୍ଲୀଶ୍ୱରଙ୍କୁ ଅଭିବାଦନ ଜଣାଇଲେ ଯଥୋଚିତ । ସମ୍ଭ୍ରମରେ—ଏକ ହସ୍ତରେ ଲଲାଟ ଓ ଅପର ହସ୍ତରେ ଭୂତଳ ସ୍ପର୍ଶ କରି ।

ଉଦ୍‌ବେଳିତ ହୃଦୟରେ ଜାହାଙ୍ଗିର ଖପ୍‌କିନା ଧରିପକାଇଲେ ନୁରମହଲଙ୍କ କୁସୁମକୋମଳ କର । ଟାଣିଆଣି ନିଜ ପାଖରେ ବସାଇଲେ ଅସୀମ ଆବେଗ ଓ ଗଭୀର ଭାବପ୍ରବଣତାର ଆବେଶରେ । ଭାଷା ନାହିଁ

Digitized by srujanika@gmail.com

କାହାର ମୁଖରେ । ଉଭୟେ ନୀରବ, ନିର୍ବାକ୍, ନିବାତନିଷ୍କମ୍ପ । ଅଭିନବ-ବସନଭୂଷିତା ଅଦୂରବର୍ତ୍ତିନୀ ପରିଚାରିକାଗଣ ପଲକମାତ୍ରେ ଅପସରି ଚାଲିଲେ ଦୂର ଅନ୍ତରାଳରେ ।

ସ୍ୱରସିକ-ପ୍ରଜ୍ଞାମୟୀ ନୁରମହଲ ସମୟର ସେହି ସ୍ୱଳ୍ପତମ ଅବକାଶ-ମଧ୍ୟରେ ମନେ ମନେ ବିଶ୍ଳେଷଣ କରିବାକୁ ଚେଷ୍ଟା କଲେ ସମ୍ରାଟ୍‌ଙ୍କର ଏପ୍ରକାର ଅପ୍ରତ୍ୟାଶିତ ଆବିର୍ଭାବର ମୌଳିକ ତାତ୍ପର୍ଯ୍ୟ । ଜାଲବଦ୍ଧା ବ୍ୟାଘ୍ରୀ ପ୍ରାୟ ଆବଦ୍ଧ ରାଜମହଲମଧ୍ୟରେ ସମ୍ରାଟଙ୍କ ପିଶାଚ ପ୍ରକୃତିର ହୀନାଚାରର ବିରୁଦ୍ଧରେ ଆରମ୍ଭ କରିଥିଲେ ସେ ଦିନେ ନୀରବ ବିଦ୍ରୋହ । ସେହି ଅହିଂସ ଶୀତଳ ସଂଗ୍ରାମରେ ଦିଲ୍ଲୀପତିଙ୍କ ମତି ହୋଇଉଠିଥିଲା ଆହୁରି ଉତ୍କ୍ଷିପ୍ତ । ତାହାରି ଫଳରେ ନିରପରାଧା ନୁରମହଲଙ୍କୁ ସହିବାକୁ ପଡ଼ିଲା ଘୋରତର ଲାଞ୍ଛନାର କଣ୍ଟକାଙ୍କୁଶ । ଅତି ନିଃସହାୟଭାବରେ ଦୈନ୍ୟମୟ ଜୀବନ ଯେବେ ଅହର୍ନିଶ ତେଣୁ ଅଶ୍ରୁ ବର୍ଷିବାକୁ ଲାଗିଲେ ସେ ନିରୁଦ୍ଧ କକ୍ଷରେ । ସର୍ବଂସହା ଧରିତ୍ରୀ ସମବେଦନାର ଆକୁଳତାରେ ଥରିଉଠିଥିଲା ସେତେବେଳେ । ପ୍ରାଣହୀନ ପାଷାଣ ମଧ୍ୟ ଦ୍ରବିଯାଇଥାନ୍ତା ଦୁର୍ଗତାର ସେହି ଉଷ୍ଣ ଲୋତକପ୍ରବାହ ଦେଖି; ମାତ୍ର କି ନିଷ୍ଠୁର କି ନିଷ୍କରୁଣ ଉପାଦାନରେ ଗଠିତ କେଜାଣି ବାଦଶାହୀ ହୃଦୟ, ତିଳେ ହେଲେ ଆସିଲା ନାହିଁ ତହିଁରେ ଦ୍ରବଣ । ଉପେକ୍ଷିତ ଜୀବନ ଦିନୁ ଦିନ ହେଲା ଅଧିକ ଶୋକାବହ । ତରଙ୍ଗସଂଘାତରେ ଜଳବିମ୍ବ ଯେପରି ଭାଙ୍ଗି ବିଲୀନ ହୋଇଯାଏ, ଠିକ୍ ସେହିପରି ଭାଙ୍ଗି ବିଲୀନ ହୋଇଯାଇଥିଲା ନୁରମହଲଙ୍କ ମାନସିକ ଦମ୍ଭ ଓ ଆକାଙ୍‌କ୍ଷାର ଆଭିଜାତ୍ୟ ।

ଅତି ଅଦୂର ଅତୀତର ଏ କାହାଣୀ—କର୍ତ୍ତା ତାର ଏଇ ଦିଲ୍ଲୀଶ୍ୱର । ଆଜି କିନ୍ତୁ ହୃଦୟ-ପରିବର୍ତ୍ତନର ମୂର୍ତ୍ତି ଧରି ସ୍ୱୟଂ ଉଭା ଅଯାଚିତ ଅନାହୂତରୂପେ । ଏଭଳି ଅସମ୍ଭାବ୍ୟ ପରିବର୍ତ୍ତନ ବାସ୍ତବରେ ସତ୍ୟ ନା ଛଦ୍ମ ? ଏହାର ମୂଳରେ ଅଛି ଅଭିରୁଚି ନା ଅଭିସନ୍ଧି ?

ବିଚକ୍ଷଣା ନୁରମହଲ ଏହିପରି ଭାବିଗଲେ ଆକାଶପାତାଳ ଅନେକ । ସନ୍ଦେହସନ୍ଦୋହରେ ସଂକ୍ଷୁବ୍ଧ ହେଲା ଚିତ୍ତ ତାଙ୍କର କିଛି କ୍ଷଣ । ପରିସ୍ଥିତିର ବହିରଙ୍ଗକୁ ଆହୁରି ନିବିଡ଼ଭାବରେ ଅଧ୍ୟୟନ କରିବାକୁ ମନଃସ୍ଥ କଲେ ସେ । ଦୃଢ଼ ବିଶ୍ୱାସ ହେଲା, ସୂକ୍ଷ୍ମ ସମୀକ୍ଷଣଦ୍ୱାରା ଅଚିରେ ନିଷ୍ପତ୍ତି

Digitized by srujanika@gmail.com

ଫିଟିପଡ଼ିବ ରହସ୍ୟର ଦ୍ୱାର । ସ୍ପଷ୍ଟ ଜଣାପଡ଼ିବ ରାଜହୃଦୟର ପ୍ରକୃତ ଛବିଆ ନତା କିଂବା ଅଚ୍ଛତା, ଅନ୍ତର୍ଦାଭିତା କିଂବା ଅନ୍ତର୍ମୁଖିତା ।

ଏଣେ ଜାହାଙ୍ଗିରଙ୍କ ତୃଷିତ ନୟନରେ ଅଧିକୁଁ ଅଧିକେ ଫୁଟି-ଉଠିଲା ଉନ୍ମୁଖ ଆନ୍ତରିକତା । ତାଙ୍କର ମନେ ହେଲା, ସତେ ଯେପରି ଅବସନ୍ନ ବସନ୍ତର ଶେଷ ପୁଷ୍ପ ମଲ୍ଲୀ ଲକ୍ଷର ସମଗ୍ର ପରିବେଶଟିକୁ ଆଚ୍ଛନ୍ନ କରି-ରଖିଛି ମୃଦୁ ମଧୁର ମହକଟିରେ । ପୁଣି ଦେଖିପାରିଲେ ସେ, ତାପସୀର ମୁଖ ଭଳି ନୁରମହଲଙ୍କ ଚନ୍ଦ୍ରମୁଖ ଆତ୍ମସମାହିତ । ନିଶ୍ଚଳ ପକ୍ଷ୍ମ । ଉଦାସ ଚକ୍ଷୁ—କଜ୍ଜଳବେଷ୍ଟନରେ ଆତୁର ଉଜ୍ଜ୍ୱଳ । ଅଶନିଗର୍ଭ ବୈଶାଖୀ ମେଘପ୍ରାୟ ଗମ୍ଭୀର ଭାବମୂର୍ତ୍ତି । ଲଲାଟରେ ରକ୍ତରେଖା । ଉନ୍ନତ ବକ୍ଷ ମାଲ୍ୟହୀନ । ସୁଠାମ ପୃଷ୍ଠରେ ଭ୍ରମରକଳା ସ୍ରସ୍ତ କୁନ୍ତଳଜାଳ । ନୟନର କୃଷ୍ଣତାରକାରେ ଦୀପ୍ତ ଅଙ୍ଗାର ସଦୃଶ ତୀକ୍ଷ୍ଣ ଆଭା । ଶିଶିରକାଳର ପ୍ରସ୍ଫୁଟ ହିମକମଳ ପରି କପୋଳଦ୍ୱୟ ପାଣ୍ଡୁରିମ—ସୌନ୍ଦର୍ଯ୍ୟଦେବତାର ସତେ ଯେପରି କ୍ଲାନ୍ତ ସନ୍ତପ୍ତ ପ୍ରତିଛାୟା !

ତଡ଼ିତ୍‌ସ୍ପୃଷ୍ଟ ହୋଇଉଠିଲା ଜାହାଙ୍ଗିରଙ୍କ ଅନ୍ତରାତ୍ମା । ଗୋଟାଏ ଅଦମ୍ୟ ବାଷ୍ପୋଚ୍ଛ୍ୱାସ ଆଲୋଡ଼ିତ ହେଲା ବୁକୁପଞ୍ଜରାରେ । ଅତିକ୍ରାନ୍ତ ଜୀବନର ଅପରିମେୟ ଶୂନ୍ୟତା, ଦୁର୍ଦ୍ଦିନର ଅଶେଷ ଦୈନ୍ୟ ସତେ କିବା ରୂପ ପରିଗ୍ରହ ଘୂରିବୁଲିଲା ଚିତ୍ତପଟରେ ତାଙ୍କର । ସର୍ବାଙ୍ଗ ହେଲା ରୁଦ୍ଧ ଉତ୍କଣ୍ଠାରେ ରୋମାଞ୍ଚମୟ ।

ସିତାଂଶୁଭ୍ରା ନୁରମହଲଙ୍କ ପ୍ରତି ପୁଣି ଥରେ ସତୃଷ୍ଣ ଦୃଷ୍ଟି ସଂଯୋଜନ କଲେ ସନ୍ତର୍ପଣରେ ଜାହାଙ୍ଗିର । ଏଥର ଅନୁଭୂତ ହେଲା, ସତେ ଅବା ଅମିତଦ୍ୟୁତି ସ୍ୱୈର-ସୌଦାମିନୀ ଝଟକୁଛି ପ୍ରତି ପ୍ରତ୍ୟଙ୍ଗରେ ! ସେହି ସୌଦାମିନୀର କିନ୍ତୁ ଜ୍ୱାଳା ନାହିଁ, ଅତି ସ୍ନିଗ୍ଧ ତାହା, ଅତି ଶାନ୍ତ ଅତୀବ ଶୀତଳ—ହିମନିର୍ଝରିଣୀର ଶୀକରନିଷିକ୍ତ ପ୍ରାୟ ।

ହଠାତ୍ ସ୍ଫୁରିତ ହେଲା ବାମେତର ଭ୍ରୂ ସଙ୍ଗେ ବାମେତର ଭୁଜ । କକ୍ଷକୋଣାନ୍ତ ଦୀପାଧାରମଧ୍ୟରୁ ନିଶ୍ଚଳ ପ୍ରଦୀପର ନିଷ୍କମ୍ପ ଶିଖା ସହସା ହେଲା ସଞ୍ଚରମାଣତାର ଇଙ୍ଗିତ । ଏ ଯେ ଅତି ମଙ୍ଗଳ ଶକୁନ ଆଶାର ପଥରେ !

କି ଏକ ଅନନୁକଳ୍ପିତ ଅନ୍ତଃସ୍ଫୂର୍ତ୍ତିର ଆହ୍ୱାନରେ ଚହିଁକିଉଠିଲା ହଠାତ୍ ବାଦଶାଙ୍କର ଜଡ଼ୀଭୂତ ମନ । ବୁକୁତଳର ନିସ୍ତରଙ୍ଗ ଜଳାଶୟରେ

Digitized by srujanika@gmail.com

ଉଦ୍‌ଭୂତ ହେଲା ବୁଦ୍‌ବୁଦ୍‌ରାଶିର ମୌକ୍ତିକବନ୍ଦୁ । ଚହଲଉଠିଲା ଜୀବନା-ଧାର । ମାନସିକ ଆବେଷ୍ଟନୀର ଗାମ୍ଭୀର୍ଯ୍ୟ ବିସର୍ଜି ଦେଇ ପ୍ରଥମେ ସ୍ତବ୍ଧତା ଭଙ୍ଗ କଲେ ସମ୍ରାଟ୍ ଜାହାଙ୍ଗିର ସମ୍ବେଦନରସାଣିତ ବିଦଗ୍ଧ କଣ୍ଠରେ :

"ଏ କି ଅଦ୍ଭୁତ ବ୍ୟାପାର ଦେଖୁଛୁ ବେଗମ-
ସାହେବା ! ଏ କି ବିପରୀତ ଦୃଶ୍ୟ ! ସାମାନ୍ୟ
ଦାସୀ-ପରିଚାରିକାମାନେ ଯେଉଁଠି ଏତେ ବହୁମୂଲ୍ୟ
ବସ୍ତ୍ରାଭରଣରେ ସୁସଜ୍ଜିତା, ଅତୁଳ ଐଶ୍ୱର୍ଯ୍ୟର
ଅଧିକାରିଣୀ ରାଜରାଜେଶ୍ୱରୀ ସ୍ୱୟଂ ନୁରମହଲଙ୍କର
ସେଠାରେ କାହିଁକି ଏପରି ସାନାହୀନାର ବେଶ ?"

ମ୍ଳାନ ହାସର କ୍ଷୀଣ ରେଖା ଟାଣି ଉତ୍ତର ଦେଲେ ନୁରମହଲ ବାଦଶାଙ୍କର ସାର୍ଦ୍ଧ ପ୍ରଶ୍ନବାଚୀକୁ ସାର୍ଦ୍ଧତର କରି ବକ୍ରୋକ୍ତିରେ :

"ସେଇଟାହିଁ ତ ଆପଣଙ୍କର ଇଚ୍ଛା ଜାହାଁପନା !
ସେଥିରେ ପୁଣି ଆଶ୍ଚର୍ଯ୍ୟ ରହିଲା କେଉଁଠି ?
ସେମାନେ ହେଉଛନ୍ତି ମୋର ପରିଚାରିକା ।
ସେମାନଙ୍କୁ ସୁନ୍ଦର ବେଶପରିପାଟିରେ ସଜାଇ-
ରଖିବାରେହିଁ ମୋର ଆନନ୍ଦ । ଆଉ ମୁଁ ହେଲି
ବାଦଶାଙ୍କର ପରିଚାରିକା, କ୍ରୀତଦାସୀ । ତାଙ୍କରି
ଇଚ୍ଛାରେ ସିନା ମୋର ଏ ସାନାହୀନାର ବେଶ !"

ଶୁଭ୍ର ସୁରୁଚିର ସୁକୋମଳ ଗୋଲାପର ସ୍ପର୍ଶସୁଖ ଅନୁଭବ କରିବାକୁ ଯାଇ କଣ୍ଟକାହତ ହେଲେ ରାଜନାୟକ ଜାହାଙ୍ଗିର । ସଙ୍ଗେ ସଙ୍ଗେ କହିଲେ ସେ ବ୍ୟଥାପ୍ଳୁତ ଅନୁଚ ଭାଷାରେ :

"ରହସ୍ୟମୟୀ ନୁରମହଲ ! ମୋ ନିକଟରେ
ଏପର୍ଯ୍ୟନ୍ତ ତୁମେ ଅବୋଧ୍ୟ । ତୁମକୁ ଚିହ୍ନିବାକୁ
ଯାଇ ଚିହ୍ନିପାରି ନାହିଁ ଆତ୍ମମ୍ଭରିତାର ଗର୍ବରେ ।
ତୁମକୁ ପାଇବାକୁ ଯାଇପାଇ ପାରି ନାହିଁ
ଆତ୍ମାଭିମାନର ଔଦ୍ଧତ୍ୟରେ । ଏବେ ଧିରେ
ବୁଝିପାରୁଛି ମୋର ଭ୍ରାନ୍ତି, ଏବେ ଧିରେ

Digitized by srujanika@gmail.com

ଲୁଟିଯାଉଛି ତୁମର ମୂଲ୍ୟ । ଆଜର ଏ ସ୍ମରଣୀୟ
ନିଶୀଥରେ ଦୂର ହେଉ ଅପ୍ରତ୍ୟୟର ଯବନିକା,
ଭାଙ୍ଗି ଯାଉ ଅବିଶ୍ୱାସର ଅଭେଦ୍ୟ ପ୍ରାଚୀର—
ତୁଟିଯାଉ ଦୁଇ ହୃଦୟର ମଧ୍ୟରର ବ୍ୟବଧାନ !"

ସମ୍ରାଟ୍‌ଙ୍କ ଭାବୋଚ୍ଛଳ କଥାସ୍ରୋତରେ ବନ୍ଧ ପକାଇ ଯୁକ୍ତିଯୁକ୍ତ ଉତ୍ତର ଦେଲେ ମନ୍ତମଣ୍ଡା ନୁରମହଲ :

"ବ୍ୟବଧାନ ! ସେ ତ ରହିବ ନିଶ୍ଚୟ ଜାହାଁପନା !
କାହିଁ ଅଖଣ୍ଡ ମୋଗଲ ସାମ୍ରାଜ୍ୟର ମହାମହିମ
ମହୀପତି ଶାହାନଶା ଜାହାଙ୍ଗିର, ଆଉ କାହିଁ
ଏଇ ମନ୍ଦଭାଗିନୀ ମରୁସମ୍ଭବା ମେହେରଉନ୍ନିସା !
ବ୍ୟବଧାନ ତ ଅତି ସ୍ପଷ୍ଟ ! ସେଇ ସ୍ୱାଭାବିକ
ବ୍ୟବଧାନକୁ ବଳାତ୍କାରରେ ଦୂର କରିବାକୁ
ଯିବା ଆତ୍ମପ୍ରବଞ୍ଚନାର ନାମାନ୍ତର ନୁହେଁ କି
ଜାହାଁପନା ! ଆପଣ ରତ୍ନକଣ୍ଠଧର ଦିଲ୍ଲୀଶ୍ୱର,
ମୁଁ ଜଣେ ସୂଚିଶିଳ୍ପିନୀ ମାତ୍ର—ଏ ବିରାଟ ପ୍ରଭେଦ
ଭୁଲିଯିବା କଣ ଉଚିତ ଆପଣଙ୍କ ପକ୍ଷରେ ?"

ତର୍କ-ଯୁଦ୍ଧରେ ପୃଷ୍ଠଭଙ୍ଗର ଆଶ୍ରୟ ନ ନେଇ ସାହସର ସହିତ ଆଉ କେତେ ପଦ ଆଗେଇଲେ ଜାହାଙ୍ଗିର :

"ନିଶ୍ଚୟ ଉଚିତ ରୂପେଶ୍ୱରି, ନିଶ୍ଚୟ ଉଚିତ ।
ଯେଉଁ ବିରାଟ ହେଉ ପଛେ, ସେହି ପ୍ରଭେଦକୁ
ଭୁଲିଯିବାରେହିଁ ଜୀବନରେ ଆସିବ ସାର୍ଥକତା ।"

"ସାର୍ଥକତା ! ଅସମ୍ଭବ ସମ୍ରାଟ୍, ଅସମ୍ଭବ !
ଦଳିତ ଦୁର୍ବାର ଦୁର୍ଗତ ଜୀବନ ମୋର—ଦୁର୍ବାର
ଲାଞ୍ଛନାର ଦୁର୍ଭାର ଶଯ୍ୟାରେ ମଥା ସଦା ପୋତି
ଆଶ୍ରା ନିଏ ମାଟିମାଆର କୋଳରେ । ଏଭଳି
ଜୀବନରେ କି ସମ୍ଭବ ହୋଇପାରେ କେବେ
ସାର୍ଥକତାର ସ୍ୱପ୍ନ ?"

—ଥରଉଠିଲା ନୁରମହଲଙ୍କ ବାଷ୍ପିଳ କଣ୍ଠ ।

Digitized by srujanika@gmail.com

ଭାବର ଆବେଗରେ ଗଦ୍‌ଗଦ ହୋଇ କହିଲେ ପୁଣି ଆତ୍ମବିହ୍ୱଳ ମୋଗଲାଧୀଶ୍ୱର :

"ସମ୍ଭବ ନୁରମହଲ ! ସବୁ ସମ୍ଭବ । ସ୍ୱପ୍ନରୁହିଁ
ସତ୍ୟର ଉଦ୍ଭବ, ଆଉ ସତ୍ୟରେହିଁ ସ୍ୱପ୍ନର ବିଳୟ ।
ମନେ ପଡ଼େ କି ସୁନ୍ଦରି, ମିନାବଜାରରେ ତୁମଠା
ସେଇ ପ୍ରଥମ ପଦାର୍ପଣର ସନ୍ଧ୍ୟା—ନବୋଦିତ
ଶୁକ୍ଳା ଦ୍ୱିତୀୟାର ଝୁରୁ ଚନ୍ଦ୍ରକଳାପରି ଦେଖା
ଦେଇଥିଲ ଯେତେବେଳେ ? ସେତେବେଳେ
କିଣ ବା ଥିଲା ତୁମର ପରିଚୟ—ସୌନ୍ଦର୍ଯ୍ୟର
ଅଦୃଶ୍ୟ କନକକଣ୍ଠ ଛଡ଼ା ? ସୌନ୍ଦର୍ଯ୍ୟର
ଚିରଉପାସକ ଦିଲ୍ଲୀଶ୍ୱର ତୁମର ସେହି ଅଦୃଶ୍ୟ
କନକକଣ୍ଠର ସ୍ୱପ୍ନକୁ ଦୃଶ୍ୟ ହୀରକକଣ୍ଠରେ
ସତ୍ୟରେ ରୂପାନ୍ତରିତ କରିବାକୁ ପ୍ରତିଜ୍ଞା କରିଛି,
ହେ ମୋର ଅନ୍ତରର 'ସ୍ୱପ୍ନବାସବଦତ୍ତା' !
ତୁମେ ଆଉ ବାଧା ଦିଅ ନାହିଁ, ଝୁରୁଣୀଳେ କୃପା-
ଅକୃପଣେ ହୁଅ ଏବେ ମୋର 'ସତ୍ୟବାସବଦତ୍ତା' ।"

ସଙ୍ଗେ ସଙ୍ଗେ ନୁରମହଲ ସମ୍ରାଟଙ୍କ ଉତ୍‌ଥାପିତ ନୂତନ ଦର୍ଶନର ବିଶ୍ଲେଷଣ କରିବାକୁ ଗଲେ ନୂତନ ଦୃଷ୍ଟିଭଙ୍ଗୀରେ :

"ଠିକ୍ କଥା କହିଛନ୍ତି ଜାହାଁପନା—ଦୃଶ୍ୟ ଆଉ
ଅଦୃଶ୍ୟ । ଦୃଶ୍ୟ ଲୋକରେ ଆପଣଙ୍କର ସିଂହାସନ,
ଶିଳାଦୁର୍ଗ—ଆପଣ ସମ୍ରାଟ୍ । ଅଦୃଶ୍ୟ ଲୋକରେ
ମୋର ଦର୍ଭାସନ, କାଳଦୁର୍ଗ—ମୁଁ ସୂଚିଶିଳ୍ପିନୀ ।
ଦୃଶ୍ୟ ଲୋକର ମାନବ ପ୍ରତାପଶାଳୀ ଐଶ୍ୱର୍ଯ୍ୟ-
ସମ୍ପନ୍ନ ପ୍ରତିଷ୍ଠାବାନ୍—କିନ୍ତୁ ନଶ୍ୱର । ଅଦୃଶ୍ୟ
ଲୋକର ମନୁଷ୍ୟ ହୀନ, ଦୁର୍ବଳ, ଦୁର୍ଭଗ—
କିନ୍ତୁ ଅବିନଶ୍ୱର । ଏଣୁ ସମ୍ରାଟ୍ ଓ ଶିଳ୍ପୀମଧ୍ୟରେ
କେବେ ହେଲେ ହୋଇପାରେ ନାହିଁ ତୁଳନା ।

Digitized by srujanika@gmail.com

କୁଟିଳ ରାଜତନ୍ତ୍ର ଓ ସ୍ୱଚ୍ଛ ଶିଳ୍ପକଳା ମଧ୍ୟରେ
ଅଦୌ ରହିପାରେ ନା ସାମଞ୍ଜସ୍ୟର ସ୍ଥାନ ।
ଶିଳ୍ପୀ ପ୍ରତ୍ୟକ୍ଷ ସଂଗ୍ରାମରେ ପରାଜିତ ହୋଇ ଜୟ
ଲାଭ କରେ ପରୋକ୍ଷ ସଂଗ୍ରାମରେ । ନାରୀଶିଳ୍ପୀ
ମେହେରଉନ୍ନିସା ଏହି ସତ୍ୟର ଜୀବନ୍ତ ପ୍ରତୀକ ।"

ଅପରାଜିତା ନୁରମହଲଙ୍କର ଅଗାଧ ବ୍ୟୁତ୍ପନ୍ନତା ଓ ମନୀଷାର ପ୍ରତ୍ୟକ୍ଷ ନିଦର୍ଶନ ପାଇ ସ୍ତବ୍ଧ ହୋଇଗଲେ ଜାହାଙ୍ଗିର । ପରାଜୟର ଗୌରବମୟ କୃତିତ୍ୱରେ ସ୍ଫୀତ ହେଲା ବାଦଶାହୀ ବକ୍ଷ—'ଜୟୁଁ ପରାଜୟେ କୃଷ୍ଣ ହୁଅନ୍ତି ରସିକେ' ।

ହୃଦୟରେ ଭରିଗଲା ତୃପ୍ତିମେଦୁର ଉଦ୍ଦୀପନା । ଅସମ୍ଭାବ୍ୟର ଅସୌଭାଗ୍ୟରେ ଆସିଲା ସୁଭଗ ସମ୍ଭାବ୍ୟର ଭବିତବ୍ୟତା । ତନ୍ମନା ସମ୍ରାଟ୍ ଅପାର ଉଲ୍ଲାସରେ ଉଚ୍ଛ୍ୱସିତ ହୋଇ ଆତ୍ମନିବେଦନ କଲେ ବିହ୍ୱଳ ଚିତ୍ତରେ :

"ତୁମର ତାତ୍ପର୍ଯ୍ୟପୂର୍ଣ୍ଣ ଦାର୍ଶନିକ ତଥ୍ୟରୁ ମୁଁ କିନ୍ତୁ
ଆତ୍ମବ୍ୟାଖ୍ୟାର ଗୋଟାଏ ଅତି ମୂଲ୍ୟବାନ୍ ଖୋରାକ
ସଂଗ୍ରହ କଲି ଶୁଭାଙ୍ଗି ! ନିୟତିକୁ ପ୍ରତିସ୍ପର୍ଦ୍ଧା କରି
ବିଶାଳ ଶିଳାଦୁର୍ଗ ଗଢ଼ିଥିଲି, ତୁମକୁ ଆବଦ୍ଧ
କରି ରଖିବାପାଇଁ । ନିୟତି ପ୍ରତ୍ୟାଘାତ କରି
ଧୂଳିରେ ଲୋଟାଇଦେଲା ମୋର ସେହି ସୁଦୃଢ଼
ଦୁର୍ଗକୁ । ତୁମେ କିନ୍ତୁ ନିୟତିକ ଖେଳକୁ ଆହ୍ୱାନ
କରି ଗଢ଼ିବସିଲ ବାଲିଦୁର୍ଗ । ନିୟତି ସଯତ୍ନରେ
ରକ୍ଷା କରୁଛି ତୁମର ସେହି ଭଙ୍ଗୁର ଦୁର୍ଗକୁ—
ଦିନକୁ ଦିନ କରୁଛି ତାକୁ ଅକ୍ଷୟ ଅବ୍ୟୟ ।"

ଜାହାଙ୍ଗିରଙ୍କ ମୁଖରୁ ପ୍ରଶସ୍ତିର ପ୍ରଖର ସୁଅ ଅବାରିତ ଛୁଟିବାର ଦେଖି ଅଗତ୍ୟା ତାର ଗତି ରୋଧ କଲେ ନୁରମହଲ :

"ସମ୍ରାଟ୍‌ଙ୍କ ମୁଖରେ ଅକିଂଚନାର କାହିଁକି ଏତେ
ଅଯଥା ପ୍ରଶସ୍ତି ? କାହିଁକି ଏତେ ଅତିରଞ୍ଜନମାଳା ?"

Digitized by srujanika@gmail.com

ଅର୍ଦ୍ଧବ୍ୟକ୍ତ ନିଜର ବକ୍ତବ୍ୟକୁ ପୂର୍ଣ୍ଣାଙ୍ଗ କଲେ ଏବେ ଦିଲ୍ଲୀଶ୍ୱର :

"ଅତିରଞ୍ଜନ ନୁହେଁ ବରାନନେ ! ଅତି ବାସ୍ତବ ।
ଶିଳାଦୁର୍ଗର ସମ୍ରାଟ୍ ଯଥାର୍ଥରେ ଲଭି କରିଛନ୍ତି
ବରେଣ୍ୟ ପରାଜୟ । ଆଉ ବାଳଦୁର୍ଗର ଶିଳ୍ପିନୀ
ସଂଗ୍ରାମରେ ହୋଇଛନ୍ତି ବରବିଜୟିନୀ । ତେଣୁ
ପରାଜିତ ଦିଲ୍ଲୀସାମ୍ରାଜ୍ୟାଧୀଶର ଉନ୍ନତ ରାଜମୁକୁଟ
ଆଜି ତୁମ ରକ୍ତ ଚରଣରେ କରେ ଶିର - ଆଶ୍ରୟର
ପ୍ରାର୍ଥନା । କମନୀୟ କାରୁକଳାକଳାପର ବୈଶିଷ୍ଟ୍ୟରେ
ରାଜ୍ୟଶାସନ ମଧ୍ୟ ଆଜିଠାରୁ ହେଉ ମହୀୟାନ୍ ।
ଉଭୟର ସାର୍ଥକ ସମନ୍ୱୟ ତୁମ ଅଧିନାୟିକାତ୍ୱରେ
ଅଚିରେ ହୋଇଉଠୁ ବରଣୀୟ ଆଉ ସ୍ମରଣୀୟ ।"

ଗଭୀର ଭାବାବେଶରେ ଜାହାଙ୍ଗିର କହିଗଲେ ଏହିପରି ଅନେକ କଥା ନିରବଚ୍ଛିନ୍ନ ଧାରାରେ । ଶେଷରେ ନୁରମହଲଙ୍କ ମୁଖବିମ୍ବପ୍ରତି ସନ୍ତୁଷ୍ଟ ଦୃଷ୍ଟି ଢାଳି ନିବେଦନ କଲେ ଅଞ୍ଜଳି ପ୍ରସାରିତ କରି :

"ଭିକ୍ଷୁକକୁ ଭିକ୍ଷା ଦିଅ ରାଜରାଜେଶ୍ୱରି !
ଭରିଦିଅ ଦୟାବତି, ଶୂନ୍ୟ ଥାଳ ତାର ।"

ଐଶ୍ୱର୍ଯ୍ୟକୁବେର ଦିଲ୍ଲୀସାମ୍ରାଜ୍ୟେଶ୍ୱର—ତାଙ୍କର ପୁଣି ଭିକ୍ଷା ନିବେଦନ ! ଏଭଳି ଦୈନ୍ୟଭରା ଆକୁଳ ନିବେଦନର ମର୍ମିକ ଗଭୀରତା ହଠାତ୍ ପରିମାପ କରିପାରିଲେ ନାହିଁ ନୁରମହଲ । ସଂକୋଚ ଆଉ ସମ୍ଭ୍ରମର ମେଘମାଳାମଧ୍ୟରେ କିଛି କ୍ଷଣପାଇଁ ଆବୃତ ହୋଇ ରହିଲା ମାନସ ତାଙ୍କର । ମାତ୍ର ପ୍ରବଣତାର ପବନ-ତାଡ଼ନାରେ ଧୀରେ ଧୀରେ ଅପସରିଗଲା ବିସ୍ତୃତ ସେ ମେଘ-ଆବରଣ । ଦ୍ୱିଧାପ୍ଲୁତ ଅର୍ଦ୍ଧଭଗ୍ନ ସ୍ୱରରେ ପ୍ରଶ୍ନ କଲେ ସାଧ୍ୱସିନୀ ରାଜମର୍ମକୁ କୋମଳ ଆଘାତ କରି :

"ସମ୍ରାଟ୍‌ଙ୍କୁ ଭିକ୍ଷା ଦେବ କାଙ୍ଗାଳୁଣୀ ?
ଏ କି ଶ୍ଳେଷ ପରିହାସ ଜାହାଁପନା ?"

"ପରିହାସ ନୁହେଁ ସୁଦର୍ଶନେ ! ନିରାଟ ଏ ସତ୍ୟ !
ସମ୍ରାଟ୍ ଆଜି କାଙ୍ଗାଳରୁ ବଳି ଆତୁର କାଙ୍ଗାଳ ।"
—ଛଳଛଳ ଆଖିପତା, ବାଷ୍ପବିଜଡ଼ିତ କଣ୍ଠ ।

Digitized by srujanika@gmail.com

"କି ଭିକ୍ଷା ଦେବି ଜାହାଁପନା ?"

"କ୍ଷମା ଭିକ୍ଷା !"

ନୁରମହଲଙ୍କ ତୁଣ୍ଡରୁ ଫିଟିଲା ନାହିଁ ଭାଷା । ଅସୀମ ଅନୁକମ୍ପାରେ ଆର୍ଦ୍ର ହୋଇଉଠିଲା ଅନ୍ତର୍ଭୂମି ।

କିସ ପୁଣି ଦେଖା ନ ଯାଇ ବଞ୍ଚିଥିଲେ ଜୀବରେ,
ବିଷମ ସମସ୍ୟା ପୂରଣ ହେଲା ଏହି ଠାବରେ ।

ରୁକ୍ଷ ଗିରିଙ୍କକଣ୍ଠର ଗର୍ଭର ଶିଳାବକ୍ଷରେ ଶୁଭ୍ରସଳିଳା ଅଳକନନ୍ଦାର ଆବିର୍ଭାବ ପରି ନୁରମହଲଙ୍କ ମନଗହ୍ୱରର କଙ୍କରିଳ ମାଟିଶଯ୍ୟାରେ ପଥ କାଟି ବହିଯିବାର ସୁଯୋଗ ପାଇଲା ସମ୍ରାଟ୍‌ହୃଦୟର ଅକପଟ ଅନୁରାଗର ସ୍ୱଚ୍ଛସୁନିର୍ମଳ ପ୍ରବାହ ।

ବଦ୍ଧକରପୁଟ ବାଦଶାଙ୍କର ଥରଥର କଣ୍ଠରୁ ପୁଣି ଥରେ ନିଃସୃତ ହେଲା କରୁଣ ଆବେଦନ :

"କ୍ଷମାଶୀଳେ ! ସତେ କଣ ଦେବ ନାହିଁ କ୍ଷମା !
ଆହୁରି କି ବାକି ଅଛି ଅପରାଧୀର ପ୍ରାୟଶ୍ଚିତ୍ତ !"

ନୁରମହଲଙ୍କ ଅନ୍ତର୍ନିହିତ ଚରିତ୍ରର ଆପାତବିରୋଧୀ ମାନସ-ଭଙ୍ଗୀରେ ପ୍ରୟୋଜନ ହେଉଥିଲା ଯେଉଁ ଏକ ଶେଷ ବିଶ୍ଳେଷଣ, ତାହା-ସହିତ ପୂର୍ଣ୍ଣ ସାମଞ୍ଜସ୍ୟ ଆଣିଦେଲା ଜାହାଙ୍ଗିରଙ୍କର ଏହି ନିଷ୍କପଟ ମର୍ମ-ବାଣୀର ତାତ୍ପର୍ଯ୍ୟ । ଏତିକିବେଳେ ମନେ ପଡ଼ିଗଲା ଏକ ବୃଦ୍ଧା ରମଣୀର ଭବିଷ୍ୟତ୍ ବାଣୀ, ସେ ତାଙ୍କର ହାତ ଦେଖି ଦିନେ କହିଥିଲା—'ମରୁଭୂମିରେ ଯାର ଜନ୍ମ, ସିଂହାସନରେ ତାର ମୃତ୍ୟୁ; ଜନ୍ମପରେ କୃଷ୍ଣ ସର୍ପ ଆଲିଙ୍ଗନ କରିଛି ଯାକୁ, ସମ୍ରାଟ୍ ଦିନେ ଆଲିଙ୍ଗନ କରିବେ ତାକୁ' । ପ୍ରାଣ ଆଉ ପାରିଲା ନାହିଁ ଦମ୍ଭ ଧରି । ସମ୍ରାଟ୍‌ଙ୍କ କାକୁକ୍ତିରେ ଅଭିଭୂତା ହୋଇ-ପଡ଼ିଥିଲେ କରୁଣାମୟୀ । ପୂର୍ବ ପ୍ରତିଜ୍ଞାର ଛିରେଖା ଲଙ୍ଘନ କରି ସ୍ୱତଃ ବାହାରିଆସିଲା ମୁଖରୁ ତାଙ୍କର ଅର୍ଦ୍ଧସ୍ଫୁଟ ଯୋଡ଼ିଏ ଶବ୍ଦ :

"ଦେଲି କ୍ଷମା ।"

Digitized by srujanika@gmail.com

ବନ୍ଦିନୀ-ଜୀବନରେ ଆସିଲା ମୁକ୍ତିର ପ୍ରଭାତ । ପ୍ରଭାତ ଶିରୀ ସ୍ପର୍ଶରେ ଚମକ ଫୁଟାଇଦେଲା ଚୌମ୍ବକ ବିଦ୍ୟୁତ୍‌ର କି ଏକ ଆଚମ୍ବିତ ସ୍ପର୍ଶ । ସଙ୍ଗେ ସଙ୍ଗେ ଜାହାଙ୍ଗିର ଝୁଲାଇଦେଲେ ନୁରମହଲଙ୍କ ଗଳାରେ ଶୁକ୍ଳଶମୁକ୍ତା-ଖଚିତ ଉଜ୍ଜ୍ୱଳ ମହାର୍ଘ ହାର, ଯାର ଗୋଟିଏ ଗୋଟିଏ ମୁକ୍ତାର ମୂଲ୍ୟ ଚଉଷଠି ହଜାର ଟଙ୍କା । ତାପରେ ପ୍ରାଣପ୍ରିୟତମାଙ୍କୁ ଗୌରବର ହିମାଦ୍ରି ଶୀର୍ଷରେ ବସାଇ ଗୁରୁଗର୍ବିତ ସ୍ୱରରେ ପ୍ରକାଶ କଲେ ଦିଲ୍ଲୀଶ୍ୱର :

"ତୁମେ ନୁରମହଲ, କାଲିଠାରୁ ହେବ 'ନୁରଜାହାନ' ।
'ଜାହାଙ୍ଗିର' ମୁଁ—'ଜଗତର ଅଧୀଶ୍ୱର'
'ନୁରଜାହାନ' ତୁମେ—'ଜଗତର ଆଲୋକ' ।"

Digitized by srujanika@gmail.com

Digitized by srujanika@gmail.com

Digitized by srujanika@gmail.com

ଅସ୍ତଚନ୍ଦ୍ର



ଏହିଠାରୁ ଆରମ୍ଭ ହେଲ ନୁରଜାହାନଙ୍କ ଗୌରବ-ଭାସ୍ୱର ଇତିହାସର ସ୍ୱର୍ଣ୍ଣ ଅଧ୍ୟାୟ । ଜାହାଙ୍ଗିରଙ୍କ ଏହା-ପରବର୍ତ୍ତୀ ଦୀର୍ଘ (୧୬୨୭ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ) ରାଜତ୍ୱକାଳକୁ ନୁରଜାହାନଙ୍କରହିଁ ରାଜତ୍ୱକାଳ ବୋଲି ଐତିହାସିକଗଣ ସ୍ୱୀକାର କରନ୍ତି ମୁକ୍ତକଣ୍ଠରେ ।

ଇତିହାସ-ପର୍ଯ୍ୟବେକ୍ଷକମାନେ ଆହୁରି କହନ୍ତି—ଯେଉଁସକଳ ବୁଦ୍ଧିମତୀ ମହୀୟସୀ ମହିଳାଙ୍କ ଯୋଗୁଁ ମୋଗଲ ଇତିହାସର ପୃଷ୍ଠାବଳୀ ଅମରାକ୍ଷରରେ ରଞ୍ଜିତ, ଜାହାଙ୍ଗିର-ପଟ୍ଟମହିଷୀ ଗୁଣଗରିମାମୟୀ ପ୍ରଜ୍ଞାବତୀ ନୁରଜାହାନ ସେମାନଙ୍କ ମଧ୍ୟରେ ଅଗ୍ରଗଣ୍ୟା । ଯେକୌଣସି ଖ୍ୟାତିମନ୍ତ

Digitized by srujanika@gmail.com



Digitized by srujanika@gmail.com

ସୁଶାସକର ରାଜ୍ୟଶୃଙ୍ଖଳାପାଟବକୁ ଲଙ୍ଘି ଯାଇଥିଲା ଅବିଚଳନିଷ୍ଠାବିଶିଷ୍ଟ ବିଦୁଷୀ ନୁରଜାହାନଙ୍କର ସର୍ବବାଦିସମ୍ମତ ସର୍ବଜନବନ୍ଦିତ ଶାସନ-ପାରଦର୍ଶିତା ।

ଜାହାଙ୍ଗିର ମଧ୍ୟ ଦିନେ ହେଲେ ଅସ୍ୱୀକାର କରି ନାହାନ୍ତି ଏହି ଲୋକସିଦ୍ଧାନ୍ତକୁ; ବରଂ ତାହାକୁ ଅଧିକ ପ୍ରାମାଣିକ କରିବାପାଇଁ ରାଜ୍ୟଶାସନ ବ୍ୟାପାରରୁ ପାଶ୍ଚାଦପସୃତ ହୋଇ ନିଜକୁ ରଖିଲେ ସମ୍ପୂର୍ଣ୍ଣ ନିର୍ଲିପ୍ତ, ନିର୍ମୁକ୍ତ । ଶାସନ-ବଲ୍‌ଗା ବିଚକ୍ଷଣା ନୁରଜାହାନଙ୍କ ହସ୍ତରେ ଅର୍ପଣ କରିଦେଇ ଅନ୍ତଃପୁରର ଅନ୍ତରାଳରେ ରଚନା କଲେ ବ୍ୟସନ-ବିଳାସର ନିଭୃତ ନୀଡ଼ । ଏହି ସଙ୍କୁଚିତ ପରିଧିମଧ୍ୟରେ ତାଙ୍କ ରାଜକୀୟ ଜୀବନର ହେଲା ଅକାଳ ସମାଧି । ଅବିରତ ସୁରାସକ୍ତ ରହି ମନୋରାଜ୍ୟରେ ସମ୍ଭୋଗ କଲେ ସେ ସ୍ୱର୍ଗୀୟ ସୁଧାପାନ ସୁଖ । ଅନେକ ସମୟରେ ତାଙ୍କ ମୁଖରୁ ଶୁଣାଯାଇଛି :

"ମର୍ତ୍ତ୍ୟମେନକା ନୁରଜାହାନଙ୍କୁ ଯେତେବେଳେ
ପାଇଛି, ଅନ୍ୟ କୌଣସି ଦୁର୍ଲଭ ବସ୍ତୁରେ
ବାଞ୍ଛା ନାହିଁ ମୋର—ଲୋଡ଼ା କେବଳ ସେରେ
ସୁରା, ଆଉ ତା ସାଙ୍ଗକୁ ସେରେ କବାବ ।"

ଏଣିକି ସୁରାହିଁ ହେଲା ଜାହାଙ୍ଗିରଙ୍କ ଦୈନନ୍ଦିନ ଜୀବନର ନିବିଡ଼ ସହଚର । ତାର କ୍ଷଣକର ଅଦର୍ଶନରେ ଜୀବନ ଲାଗିଲା ନିଃସଙ୍ଗ, ନିଃସ୍ୱାଦ । ସୁରାପିଆଲାମଧ୍ୟରେ ଦେଖିବାକୁ ପାଇଲେ ସେ ରାଜଜନ୍ମର ସଫଳ ସ୍ୱପ୍ନ । ମଧୁଭାଣ୍ଡ-ସମୀପରେ ଲୁବ୍‌ଧ ଷଟ୍‌ପଦ ସଦୃଶ ପଟ୍ଟମହିଷୀଙ୍କ ପଦପ୍ରାନ୍ତରେ ପଡ଼ିରହିବାରେହିଁ ଅନୁଭବ କଲେ ସେ ପ୍ରେମିକପ୍ରାଣର ଚୂଡ଼ାନ୍ତ ଚରିତାର୍ଥତା ଓ ଚରମ ସାର୍ଥକତା ।

ଇଂଲଣ୍ଡର ରାଜା 'ପ୍ରଥମ ଜେମ୍‌ସ୍‌' ୧୬୧୫ ଖ୍ରୀଷ୍ଟାବ୍ଦରେ 'ସାର୍‌ ଟମାସ୍‌ ରୋ' ନାମକ ଜଣେ ଖ୍ୟାତନାମା ଇଂରେଜଙ୍କୁ ଦୂତରୂପେ ପଠାଇଥିଲେ ଜାହାଙ୍ଗିରଙ୍କ ଦରବାରକୁ । ଟମାସ୍‌ ରୋ ପ୍ରାୟ ଚାରି ବର୍ଷ ମୋଗଲ ଦରବାରରେ ରହି ମଦିରାଗତପ୍ରାଣ ନାମମାତ୍ର ବାଦଶା ଜାହାଙ୍ଗିରଙ୍କ ଶାସନ ସମ୍ବନ୍ଧରେ ଲେଖିଗଲେ ଏକ ସୁନ୍ଦର ବିବରଣୀ ।

ନିରନ୍ତର ତୀବ୍ର ଆସବାନୁରାଗ ସୃଷ୍ଟି କରେ ବିଚାରହୀନ ବିବେକ-ହୀନ ବୁଦ୍ଧିବୈକଲ୍ୟ । ଫଳରେ ଚିତ୍ତ ହୁଏ ଲଗାମତ୍ୟକ୍ତ ବାଜୀ ସମ

Digitized by srujanika@gmail.com

ଆତ୍ମଶାସନରେ ବୀତରାଗ । ତେଣୁ ଏହି ଇଂଲଣ୍ଡ ଦୂତଙ୍କୁ ନିଜେ ଜାହାଙ୍ଗିର ଉଚ୍ଛ୍ୱସିତ ଆସ୍ଫାଳନରେ କହିଥିଲେ ଥରେ :

"ହେ ସାହେବ ! ଷୋଳ ବର୍ଷ ବୟସରୁ ସୁରାର ସଚ୍ଚା ଭକ୍ତ ମୁଁ । ଏବେ ପ୍ରତ୍ୟହ ପିଏଁ କୋଡ଼ିଏ ପିଆଲା । କେଉଁ କେଉଁ ଦିନ ଯୁଆଠୁଁ ମଧ୍ୟ କିଛି ବେଶୀ । ଏକ ପିଆଲାରେ ଯଦି ˚ବୂର ଆଉନ୍‌ସ ସୁରା ଥାଏ, ତାହାହେଲେ କୋଡ଼ିଏ ପିଆଲାରେ ପାଞ୍ଚ ପାଉଣ୍ଡ—ନୁହେଁ କି ଟମାସ୍ ସାହେବ ?"

'ତୁଜୁକ୍-ଇ-ଜାହାଙ୍ଗିରୀ' ଜାହାଙ୍ଗିରଙ୍କ ଆତ୍ମଚରିତର ନାମ । ତହିଁର ଏକ ସ୍ଥାନରେ ଲେଖା ଅଛି :

"କିଛି କ୍ଷଣ ମଦିରା ପାନ ନ କଲେ ହସ୍ତ-ପଦ ହୁଏ କମ୍ପିତ, ଶରୀର ଲାଗେ ଅବଶ ଆଉ ଅଶକ୍ତ, ମନ ହୁଏ ଅବସାଦଗ୍ରସ୍ତ । ମଦ୍ୟ ନିଶ୍ଚିତଭାବରେ ଏକ ବଳିଷ୍ଠ ନବୀନ ଖାଦ୍ୟ । ଅମୃତ ସଦୃଶ ସ୍ୱାଦ୍ୟ ଏହି ତରଳ ଖାଦ୍ୟଟି ମନୁଷ୍ୟ - ଦେହରେ ସଂଚାର କରେ ନବ ବଳ, ପ୍ରାଣରେ ନବୋତ୍ସାହ ନବ ଉନ୍ମାଦନା । କଳ୍ପଲୋକର ଅକଳ୍ପନୀୟ ଆନନ୍ଦ ନିମିଷକେ ମିଳେ ଏହାରି ପ୍ରସାଦରୁ । ମଣିଷ ଭଳି ଦୁନିଆରେ ବଞ୍ଚିରହିବାକୁ ହେଲେ ସୁରାପାନର ପ୍ରୟୋଜନୀୟତା ଏକାନ୍ତ ଅପରିହାର୍ଯ୍ୟ ।"

ନିଜପ୍ରତି ଜାହାଙ୍ଗିରଙ୍କର ଏହି ମତ ପୂର୍ଣ୍ଣତଃ ପ୍ରଯୋଜ୍ୟ ଥିଲା ସତ, ଅପରପ୍ରତି କିନ୍ତୁ ନୁହେଁ । କୌଣସି ପ୍ରଜା ବା ପାରିଷଦ ଦାରୁ ପିଇଥିବାର ଶୁଣିଲେ ଆଦୌ ତାହା ବରଦାସ୍ତ କରିପାରନ୍ତି ନାହିଁ ବାଦଶା । ସେଥି-ନିମନ୍ତେ ତାଙ୍କର କଠୋର ନିର୍ଦ୍ଦେଶ ଥିଲା ଦ୍ୱାରରକ୍ଷୀମାନଙ୍କ ପ୍ରତି । ବାଦଶାଙ୍କ ସହିତ ସାକ୍ଷାତ୍‌କାରର ଅନୁମତି କାହାରିକୁ ମିଳିବାପୂର୍ବରୁ ଦ୍ୱାରରକ୍ଷକ-ମାନଙ୍କର ପ୍ରଥମ କର୍ତ୍ତବ୍ୟ ଥିଲା ସେହି ଲୋକର ମୁହଁ ଶୁଙ୍ଘି ଦେଖିବା । ଯଦି ତା ମୁଖରେ ମଦର ଗନ୍ଧ ମିଳେ, ତାହାହେଲେ ସବରାଟିର ଅବସ୍ଥା

ହୋଇଉଠେ ସାଙ୍ଘାତିକ । ଗର୍ଜନ ରହିବା ମଧ୍ୟ ଅସମ୍ଭବ ହୁଏ ତାର ବେଳେ ବେଳେ ।

ସମ୍ରାଟ୍‌ଙ୍କର ଯେତେବେଳେ ଏଭଳି ମନୋଗ୍ରହଣ ମତିଗତି, ମୋଗଲ ସାମ୍ରାଜ୍ୟ ତାଙ୍କର ଚଳନ୍ତି ଓ ଅଥର୍ବ ହସ୍ତରୁ ଖସିଯାଇ ମେଧାବିନୀ ରାଜମହିଷୀ ନୁରଜାହାନଙ୍କ ଧୂରୀଣ ହସ୍ତରେ ଯେ ଅଚିରେ ନ୍ୟସ୍ତ ହେବ, ଏଥିରେ ବିସ୍ମୟର ଅବକାଶ ରହିଲା କେଉଁଠି ? ବରଂ ଏହି ଐତିହାସିକ ପରିବର୍ତ୍ତନଟା ଅତି ସ୍ୱାଭାବିକ ଓ ଶ୍ଲାଘ୍ୟ—ସମସ୍ତଙ୍କର ଅଭିନନ୍ଦନୀୟ ଓ ଅଭିବାଦନୀୟ ।

ପ୍ରକୃତରେ ଏହି ପରିବର୍ତ୍ତନ ଘଟିଲା ବେଶ୍ ଏକ ନାଟକୀୟ ରୀତିରେ । ଦିନେ ପ୍ରାତଃକାଳରେ ସମ୍ରାଟ୍‌ଦର୍ଶନ କରିବାକୁ ଆସି ପ୍ରଜାପୁଞ୍ଜ ଦେଖିବାକୁ ପାଇଲେ, ରାଜପ୍ରାସାଦର ବାତାୟନପଥରେ ଏକ ସଙ୍ଗେ ଉଦିତ ହୋଇଛନ୍ତି ଚନ୍ଦ୍ର ଆଉ ସୂର୍ଯ୍ୟ । ସେତେବେଳେ ଲୋକେ ବୁଝିପାରିଲେ ନାହିଁ ଯେ, ଚନ୍ଦ୍ର ଅସ୍ତୋନ୍ମୁଖ ଓ ସୂର୍ଯ୍ୟ ନବୋଦିତ । ଗବାକ୍ଷପାର୍ଶ୍ୱରେ ଦଣ୍ଡାୟମାନ ରହି ପ୍ରଜାସାଧାରଣଙ୍କର ଅଭିବାଦନ ଗ୍ରହଣ କଲେ ସସ୍ମିତ ମୁଖରେ ଉଭୟେ—ସମ୍ରାଟ୍ ଜାହାଙ୍ଗିର ଆଉ ସମ୍ରାଜ୍ଞୀ ନୁରଜାହାନ ।

ମୋଗଲ ଦରବାରର ଇତିହାସରେ ଏ ଦୃଶ୍ୟ ଏକାବେଳେ ନୂତନ, ଏକାବେଳେ ଅଭିନବ—ଅଭୂତପୂର୍ବ ଓ ଅଭବିଷ୍ୟପର । କୌଣସି ମୋଗଲରାଜଶାସନରେ ଏଭଳି ଦୃଶ୍ୟ କେହି କେବେ ଦେଖି ନାହିଁ ଆଉ । ଏହାହିଁ ପ୍ରଥମ, ଏହାହିଁ ଶେଷ !

ହଠାତ୍ ରଙ୍ଗମଞ୍ଚରେ ପଟ ପରିବର୍ତ୍ତନ ! କ୍ରମେ ଦେଖାଗଲା, ପ୍ରାସାଦ-ଗବାକ୍ଷରେ ସମ୍ରାଟ୍ ଅନୁପସ୍ଥିତ । ରାଜକୀୟ ଆଟୋପରେ ଏକାକିନୀ ଦଣ୍ଡାୟମାନା ସମ୍ରାଜ୍ଞୀ ନୁରଜାହାନ ! ପ୍ରଜାପାଟକ ଏବେ ନିଃସଂଶୟରେ ଜାଣିପାରିଲେ, ଚନ୍ଦ୍ର ସନ୍ଧ୍ୟାରେ ଅସ୍ତମିତ । କେବଳ ସୂର୍ଯ୍ୟହିଁ ଯଥାସମୟରେ ଯଥାସ୍ଥାନରେ ନିତ୍ୟ ସମୁଦିତ । ତାଙ୍କର ରଶ୍ମିଶିଖାରେହିଁ ସମଗ୍ର ସାମ୍ରାଜ୍ୟ ଉଦ୍ଭାସିତ ।

ପଟକୁ ପଟ ଘଟିବାକୁ ଲାଗିଲା ଆହୁରି କେତେ ରୋମାଞ୍ଚକର ଘଟନା, ଶୁଣିବାକୁ ମିଳିଲା ଆହୁରି କେତେ ଶୃଙ୍ଖଳିକର ସମାଚାର । ନୂତନ

Digitized by srujanika@gmail.com

ମୋହରରେ ଜାହାଙ୍ଗିରଙ୍କ ଛବିର (ପ୍ରତିମୂର୍ତ୍ତି) ସଙ୍ଗେ ସଂଯୋଜିତ ହେଲା ନୁରଜାହାନଙ୍କ ଛବିର ଏବଂ ମୋହରର ପିଠିପଟେ ଲେଖା ରହିଲା:

"ସମ୍ରାଟ୍ ଜାହାଙ୍ଗିରଙ୍କ ଆଦେଶକ୍ରମେ ଏହି ସ୍ୱର୍ଣ୍ଣମୁଦ୍ରା
ସମ୍ରାଜ୍ଞୀ ନୁରଜାହାନଙ୍କ ନାମାଙ୍କନ ଧାରଣ କରିବାରୁ
ସ୍ୱର୍ଣ୍ଣର ଜ୍ୟୋତି ଶତଗୁଣ ବର୍ଦ୍ଧିତ ହୋଇଯାଇଛି ।"

ସେହି ଦିନଠାରୁ ମୋଗଲ ସାମ୍ରାଜ୍ୟର ଶାସନିକ ସାର୍ବଭୌମତ୍ୱ ଅଧିକାର କଲେ ସମ୍ରାଜ୍ଞୀ ନୁରଜାହାନ । ସେ କର୍ମବିମୁଖ ସମ୍ରାଟ୍‌ଙ୍କ ହସ୍ତରୁ ଶିଥିଳ ଶାସନ-ରଜ୍ଜୁ କାଢ଼ିନେଇ ତାଙ୍କ ଆସନରେ ହେଲେ ଅଧିରୂଢ଼ା । କାନ୍ଦାହାରର ନିର୍ଜନ ମରୁପଥରେ ନିତାନ୍ତ ଅବହେଳାମଧ୍ୟରେ ଯେଉଁ ଫୁଲଟି ଫୁଟିଥିଲା ଦିନେ, ଏବେ ସେଇ କଲି ରାଜଦରବାର ଆମୋଦିତ—ରୂପ ଓ ଗୁଣ ଉଭୟର ସମ୍ମିଶ୍ରିତ ସୌରଭରେ ।

ଏଣିକି ସବୁଆଡ଼େ ଦେଖାଗଲେ ସେଇ—ବାତାୟନରେ ନୁରଜାହାନ, ମୁଦ୍ରାରେ ନୁରଜାହାନ, ମସନଦରେ ନୁରଜାହାନ, ଫରମାନରେ ନୁରଜାହାନ । ଆକବର ବାଦଶାଙ୍କ ଆଜୀବନ ପ୍ରୟାସ-ପ୍ରଯତ୍ନରେ ଉନ୍ନମିତ ବିରାଟ ମୋଗଲ ସାମ୍ରାଜ୍ୟ ଦୀର୍ଘ କାଳ ଶୃଙ୍ଖଳିତ ହେଲା ମନସ୍ୱିନୀ ନୁରଜାହାନଙ୍କ ଅଙ୍ଗୁଳି-ଇଙ୍ଗିତରେ ।

ଶୌର୍ଯ୍ୟସାହସବନ୍ତି ପ୍ରତ୍ୟୁତ୍ପନ୍ନମତିକା ନୁରଜାହାନଙ୍କ ନିରଙ୍କୁଶ ଆଧିପତ୍ୟରେ ଶାନ୍ଦାହ ହେଲା ପ୍ରକାଶ୍ୟତଃ ଦୁଇ ଜଣଙ୍କର । ସେଦୁହେଁ ହେଲେ ସମ୍ରାଟ୍‌ଙ୍କ ତୃତୀୟ ପୁତ୍ର ଖୁରମ, ଭବିଷ୍ୟତ୍‌ର ସମ୍ରାଟ୍ ଶାହଜାହାନ ଏବଂ ସାମ୍ରାଜ୍ୟର ସର୍ବୋଚ୍ଚ ସେନାପତି ମୁହବତ୍ ଖାଁ । ଉଭୟେ ଦୁର୍ଦ୍ଧର୍ଷ ବିଦ୍ରୋହୀର ଭୂମିକା ଗ୍ରହଣ କଲେ ଯେଉଁ ଦୁଇଟି ମୁଖ୍ୟ ଅଭିଯୋଗରୁ, ତାହା ହେଉଛି- (୧) ନୁରଜାହାନ ନିଜ କନ୍ୟା 'ଲାଡ଼ଲୀ' ବେଗମଙ୍କୁ ଜାହାଙ୍ଗିରଙ୍କ ଚତୁର୍ଥ ପୁତ୍ର ଶାହରିୟାରଙ୍କ ସହିତ ବିବାହ ଦେଇଥିଲେ ଏଥିପୂର୍ବରୁ ଏବଂ ଜାହାଙ୍ଗିରଙ୍କ ପରେ ଶାହରିୟାର ଯେପରି ସିଂହାସନ-ଅଧିକାରୀ ହେବେ, ସେଥିପାଇଁ ଷଡ଼୍‌ଯନ୍ତ୍ରରଚନାରେ ଲାଗିପଡ଼ିଛନ୍ତି ଏବେ; (୨) ନୁରଜାହାନଙ୍କଠାରୁ ପ୍ରଶ୍ରୟ ପାଇ ତାଙ୍କ ପିତା, ଭ୍ରାତା, ଆତ୍ମୀୟସ୍ୱଜନ ପ୍ରଭୃତି ରାଜସଭାରେ ଅବାଧ କ୍ଷମତା ବିସ୍ତାର କରୁଛନ୍ତି ଅତି ଅବାଞ୍ଛିତଭାବରେ ।

Digitized by srujanika@gmail.com

ଶାସନକୌଶଳକୁଶଳା ସୁଚତୁରା ନୁରଜାହାନ ବିଦ୍ରୋହାଲିପ୍ତ ଖୁରମଙ୍କୁ ଶାନ୍ତ କରିଦେଲେ କେତେକ ସୁଦୂର ପ୍ରଦେଶର ଶାସନକର୍ତ୍ତୃତ୍ୱ ପ୍ରଦାନ କରି । ଏହାଫଳରେ ତାଙ୍କର ବିକ୍ଷିପ୍ତ ଧ୍ୱଂସାତ୍ମକ କାଣ୍ଡ ଆପାତତଃ ବନ୍ଦ ହୋଇଗଲା ।

ଖୁରମ ରାଜଧାନୀଠାରୁ ବିଚ୍ଛିନ୍ନ ରହିବାରୁ ଉଦ୍ଧତ ମୁହବତ୍ ଖାଁ ସିଂହାସନ ମାଡ଼ିବସିବା ଆଶାରେ ସମ୍ରାଟ୍ ଜାହାଙ୍ଗିରଙ୍କୁ କୂଟ ଫନ୍ଦରେ ବନ୍ଦୀ କରି ଅଟକ ରଖିଲେ ୧୬୨୪ ଖ୍ରୀଷ୍ଟାବ୍ଦରେ । ବୀରାଙ୍ଗନା ନୁରଜାହାନ କ୍ଷିପ୍ତ ହୋଇଉଠିଲେ ଏ ଦୁଃସନ୍ଦେଶ ପାଇ । ଅଶ୍ୱାରୋହୀ ଅସିହସ୍ତା ରଣଚଣ୍ଡୀ ବେଶରେ ସ୍ୱୟଂ ସୈନ୍ୟ ପରିଚାଳନା କରି ଶତ୍ରୁଶିବିରରୁ ଉଦ୍ଧାର କରି-ଆଣିଲେ ଅଟକବନ୍ଦୀ ସ୍ୱାମୀଙ୍କୁ । ଚୂର୍ଣ୍ଣୀଭୂତ ହୋଇଗଲା ଦର୍ପୀ ସେନାପତିର ନିଷ୍ଫଳ ଆସ୍ଫାଳନ ।

ହତମର୍ଯ୍ୟାଦ ମୁହବତ୍ ଖାଁଙ୍କ କ୍ରୋଧ ଏହାଫଳରେ କିନ୍ତୁ ଉତ୍‌ଶିଖ ହୋଇଉଠିଲା ଧୂହୁଁ ଧୂହୁଁ । କ୍ଷୁଦ୍ର ସର୍ପର ବିଷ ଉତ୍କଟତର—ବୈରୀ ହୀନବଳ ହୋଇପାରେ, ମାତ୍ର ତାର ବୈର ଯେ ପ୍ରବଳତର, ଏ ସ୍ୱତଃସିଦ୍ଧ ସତ୍ୟଟି ନୁରଜାହାନଙ୍କ ଚେତନା-ଚତ୍ୱରରେ ସ୍ଫୁଟତର ହୋଇପାରିଲା ନାହିଁ ସେତେବେଳେ । ତେଣୁ ଏହି ନୈତିକ ପ୍ରମାଦ ଯୋଗୁଁ ଅଳ୍ପ ଦିନମଧ୍ୟରେ ବନ୍ଦିନୀ ହେଲେ ସେ ମୁହବତ୍‌ହସ୍ତରେ । ଏକ ନିସ୍ତବ୍ଧ ନିଶାର୍ଦ୍ଧରେ ବର୍ବର ମୁହବତ୍ ଜଣେ ନିଷ୍ଠୁର ଆତତାୟୀକୁ ପଠାଇଲେ ସମ୍ରାଜ୍ଞୀଙ୍କୁ ନିଃଶେଷ କରିଦେବାପାଇଁ ।

ଅଟକଶିବିରର ଏକ ନିଭୃତ କକ୍ଷରେ ନୁରଜାହାନ ଅର୍ଦ୍ଧନିଦ୍ରିତା ଥାନ୍ତି ତାଙ୍କ ଶଯ୍ୟାରେ । ପାଖରେ ଜଳୁଥାଏ ଦୀପଟିଏ ଅନୁଚ୍ଚ ଶିଖାରେ । ସଶସ୍ତ୍ର ଘାତକ ଶଯ୍ୟାପାର୍ଶ୍ୱକୁ ଆସି ସ୍ୱଳ୍ପବାସପରିହିତା ସୁନ୍ଦରୀଙ୍କ ବିରତନୁର ଅନୁପମ ଲାବଣ୍ୟରେ ଏପରି ମୁଗ୍ଧ ହେଲା ଯେ, ହାତ ତାର ଆଦୌ ଗଲା ନାହିଁ ଛୁରିଉପରକୁ । ଖୁନ୍ କରିବା ଯାର ନିତ୍ୟନୈମିତ୍ତିକ ବୃତ୍ତି, ସେ ବି କୋମଳ ହୋଇଗଲା କମଳିନୀର ରୂପସୁଷମା ଦେଖି । ପଦ୍ମକଳିରୁ ବଳି ସୁଡ଼ୌଲ ବକ୍ଷରେ କିପରି ଯେ ଛୁରୀ ଲଗାଇବ, ବୁଝିପାରିଲା ନାହିଁ ବିଚରାଟି ।

ନୁରଜାହାନଙ୍କ ଦରନିଦୁଆ ଆଖିପତା ଅଚାନକେ ଖୋଲିଗଲା, କଡ଼ ଲେଉଟାଇଲେ ସେ ସେତେବେଳେ । ଘାତକର ସ୍ଥାଣୁ ଅବସ୍ଥା ଦେଖି

Digitized by srujanika@gmail.com

ସ୍ପଷ୍ଟ ଉପଲବ୍ଧି କଲେ ଯେ, ହତ୍ୟା କରିବାକୁ ଆସି ଦ୍ୱିଧାଗ୍ରସ୍ତ ହୋଇଛି ସେ । କେତେ ଉଚ୍ଚ ହୃଦୟ ତାର, ବୁଝିପାରିଲେ ନୁରଜାହାନ । ତାକୁ କହିଲେ :

"କହିଦେ ଯା ଘାତକ, ତୋ ମୁନିବ ଖୁରୁ ଖାଁକୁ—
ସମ୍ରାଜ୍ଞୀ ନୁରଜାହାନ ଯାର ଭଲ ଶତ୍ରୁ ମାରିଜାଣେ
ଯିମିତି, ଯାର ଭଲ ନିଜେ ମରିଜାଣେ ବି ସିମିତି ।"

ନତମସ୍ତକ ଆତତାୟୀଟି ଯୋଡ଼ହସ୍ତରେ କ୍ଷମା ମାଗି ତ୍ୟାଗ କଲା ଶିବିର-ପରିଧି । ଘାତକର ନିୟୋଗକର୍ତ୍ତା କାପୁରୁଷ ମୁହବତ୍ ଖାଁ ଯଥେଷ୍ଟ ପରାଭବ ପାଇ ବୀରବାଳା ନୁରଜାହାନଙ୍କୁ ମୁକ୍ତ କରିଦେଲେ ବନ୍ଧନୀଗୃହର ବନ୍ଧନୀରୁ ।

Digitized by srujanika@gmail.com

Digitized by srujanika@gmail.com

Digitized by srujanika@gmail.com

ଅବସ୍ମତା

ବହୁତୋମୁଖୀ ପ୍ରତିଭାର ଆଧାର ନୁରଜାହାନ । ତାଙ୍କ ପରପୁଷ୍ଟ ଉର୍ବର ମସ୍ତିଷ୍କର ପୁଷ୍କଳ ଚନ୍ତାଧାରା ବହୁ ଭାବ, ବହୁ ବଷୟର ଦୁର୍ଲଭ ବଭବରେ ପରସମୃଦ୍ଧ । ତେଣୁ କେବଳ ଶାସନଗତ ବଚକ୍ଷଣତାରେ ତାହା ରହପାରଲ ନାହିଁ ପର୍ଯ୍ୟବସିତ—ବ୍ୟାପିଗଲା ରାଜପୁରୀଠାରୁ ଆରମ୍ଭ କର ସମାଜର ବଭିନ୍ନ ସ୍ତର, ବଭିନ୍ନ ଅଙ୍ଗପ୍ରତ୍ୟଙ୍ଗ ପର୍ଯ୍ୟନ୍ତ ।

ଲଳତକଳାର ପ୍ରକୃଷ୍ଟ ପରଚୟ ଦେଲ ପ୍ରିୟଦର୍ଶିନୀ ସମ୍ରାଜ୍ଞୀ ନୁରଜାହାନଙ୍କର ସୁସଜ୍ଜିତ ବଶାଳ ବଶ୍ରାମାଗାର । ସମୁଦାୟ କକ୍ଷଟି ତାଙ୍କ ସ୍ୱହସ୍ତପ୍ରସ୍ତୁତ ଶତ ଶତ ଦ୍ରବ୍ୟ ଓ ଉପକରଣର ସୁରୁଚର ବନ୍ୟାସରେ

Digitized by srujanika@gmail.com

ଖ୍ରିଷ୍ଟାବ୍ଦମାଳାର ବିରାଟ ପ୍ରଦର୍ଶନୀ ମଣ୍ଡପ ଭଳି ହୋଇଉଠିଥାଏ ସୂକ୍ଷ୍ମଶୀ ଓ ଚିତ୍ରକର ।

ଦର୍ପଣ ପରି ଝଟକୁଥାଏ କକ୍ଷର ପ୍ରତ୍ୟେକ ଅଂଶ । ପରିପାଟୀ-ପୁଟିତ ସେହି ବିଚିତ୍ର କକ୍ଷସଜ୍ଜାରେହିଁ ମୂର୍ତ୍ତି ଧରି ରହିଥାଏ ସମ୍ରାଜ୍ଞୀଙ୍କ ସୌନ୍ଦର୍ଯ୍ୟରୁଚିଶୀଳତାର ସୁଷମ ଶାଳୀନତା । କଥିତ ଅଛି, ଏକା ନୁରଜାହାନଙ୍କ ବିଶ୍ରାମକକ୍ଷରେ ଯେତେ ସୁନ୍ଦର ସୌଖୀନ ଆସବାବ ଥିଲା, ସମଗ୍ର ମୋଗଲ ପ୍ରାସାଦର ଆସବାବସଂଖ୍ୟା ତାଠାରୁ ଥିଲା ଢେର୍ କମ୍ ।

ଏତିକରେ ବିଜୟିନୀ ନୁରଜାହାନଙ୍କ ପରିଚୟ-କୀର୍ତ୍ତନ ଶେଷ ନୁହେଁ । ଅଶେଷ ଗୁଣ ଓ କୃତିତ୍ୱର ଅଧିକାରିଣୀ ସେ । ନାନା ଅଭିନବ ନକ୍‌ସାର ସ୍ୱର୍ଣ୍ଣାଳଂକାର ଓ ନାରୀପରିଚ୍ଛଦର ପ୍ରବର୍ତ୍ତନରେ ଅଗ୍ରନାୟିକାର ଗୌରବ ବହନ କରିଛନ୍ତି ପ୍ରଜ୍ଞାମୟୀ ନୁରଜାହାନ । ଲକ୍ଷ୍ନୌନଗରୀର ସମ୍ଭ୍ରାନ୍ତବଂଶୀୟା ମହିଳାଗଣ ସମ୍ରାଜ୍ଞୀଙ୍କ ବ୍ୟବହୃତ ଆପାଦଲମ୍ବିତ ଘାଗ୍ରେଳର ଅନୁକରଣରେ ବ୍ୟବହାର କଲେ ସେହି ନୂତନ ଧରଣର ଘାଗ୍ରେଳ ଓ ଏକପ୍ରକାର ଅଙ୍ଗରଖା । କ୍ରମେ ତାହା ସର୍ବତ୍ର ପ୍ରଚଳିତ ହେବାକୁ ଲଗିଲା ସର୍ବସାଧାରଣ ନାରୀସମାଜର ପରମ ସମାଦର ଲାଭ କରି । ନବୋଦ୍ଭାବିତ ଓଢ଼ଣିର ବ୍ୟବହାରରେ ପ୍ରଥମ ପଥପ୍ରଦର୍ଶିକା ମଧ୍ୟ ନୁରଜାହାନ ।

'ଇତ୍ରର୍‌-ଇ-ଜାହାଙ୍ଗିରୀ' ନାମକ ଗୋଲାପସାର ତାଙ୍କର ଉଦ୍ଭାବନ । ସାମ୍ରାଜ୍ୟ-ପରିଚାଳନାର ଗୁରୁ ଜଞ୍ଜାଳମଧ୍ୟରେ ବୁଡ଼ିରହିଥିଲେ ମଧ୍ୟ ଜାହାଙ୍ଗିରଙ୍କ ବାଦଶାହୀ ମିଜାଜରେ ବିଳାସର ସୌରଭ ଖେଳାଇବା-ପାଇଁ ସେ ଗୋଲାପପୁଷ୍ପର ନିର୍ଯ୍ୟାସରୁ ସୃଷ୍ଟି କରିଥିଲେ ଏଇ ସ୍ୱନାମପ୍ରସିଦ୍ଧ ଅତରଟି ।

ପରବର୍ତ୍ତୀ କାଳରେ ଏହି ଅତରର ପ୍ରସ୍ତୁତି ଓ ପ୍ରସାର ବୃଦ୍ଧିପ୍ରାପ୍ତ ହେଲା ଆଶାତୀତରୂପେ ଭାରତଖଣ୍ଡର ସର୍ବାଞ୍ଚଳରେ । ଏହାଠୁଁ ବଳି ମହାମୂଲ୍ୟ ବିଳାସସାମଗ୍ରୀ ମୋଗଲ ରାଜଧାନୀରେ ରହିଲା ନାହିଁ ବୋଧ ହୁଏ ଆଉ କିଛି । ଏକ ଭରି ଏଇ ଅତରର ଦାମ୍ ହେଲା ଅଶି ଟଙ୍କା ।

ରନ୍ଧନନୈପୁଣ୍ୟରେ ନୁରଜାହାନଙ୍କ ସମକକ୍ଷା ସେକାଳରେ ଥିଲେ ଏକାବେଳେ ବିରଳ । ସେଥିପାଇଁ ସୁଗୃହିଣୀମାନଙ୍କର ସେ ଥିଲେ

Digitized by srujanika@gmail.com

ପରମପୂଜ୍ୟା ଉପଦେଷ୍ଟ୍ରୀ । ଭୋଜନାଧାରଗୁଡ଼ିକୁ ସୁସଜ୍ଜିତ କରିବାର ଅଭିନବ ପ୍ରଣାଳୀ ଉଦ୍ଭାବନ କରିଥିଲେ ସେଇ । ଭୋଜ୍ୟବସ୍ତୁ ସକଳର ଅପୂର୍ବ ସୁନ୍ଦର ବିନ୍ୟାସୀକରଣର ମଧ୍ୟ ଉଦ୍ଭାବିକା ସେ ।

ନୁରଜାହାନଙ୍କ ଭଳି ରଙ୍ଗାଜୀବା, ନୃତ୍ୟକଳାପଟୀୟସୀ, ଗୀତକଣ୍ଠୀ ଓ ସଙ୍ଗୀତାନୁରାଗିଣୀ ଇତିହାସରେ ସୁଦୁର୍ଲଭ । ମୃଗୟା ବ୍ୟାପାରରେ ତାଙ୍କର ଥିଲା ଅଦ୍ଭୁତ ପାଟବ । •ସମ୍ରାଟ୍ ଜାହାଙ୍ଗିର ଉଲ୍ଲେଖ କରିଛନ୍ତି ସ୍ୱୀୟ ଆତ୍ମଚରିତର ଏକ ସ୍ଥାନରେ :

> "ନାରୀ ହେଲେହେଁ ନୁରଜାହାନ ଯେପରି ଅବ୍ୟର୍ଥ
> ଲକ୍ଷ୍ୟରେ ବ୍ୟାଘ୍ରାଦି ଯେକୌଣସି ବନ୍ୟପଶୁ ଶିକାର
> କରିପାରନ୍ତି, ସେପରି ଅବ୍ୟର୍ଥ ଶରସନ୍ଧାନ କେବେ
> ମୁଁ ଜୀବନରେ ଦେଖି ନାହିଁ ଅନ୍ୟ କାହାରିଠାରେ ।"

ଏହିସବୁ ଗୁଣ ଛଡ଼ା ବିଦ୍ୟାବତୀ ନୁରଜାହାନଙ୍କର ଆଉ ଯେଉଁ ବିଭୁଦତ୍ତ ବିଶେଷ ଗୁଣଟିଏ ଥିଲା, ସେଇଟି ହେଉଛି ଆରବୀ ଓ ପାରସୀ ସାହିତ୍ୟରେ ଅଗାଧ ପାଣ୍ଡିତ୍ୟ ଓ ବ୍ୟୁତ୍ପତ୍ତି । ସେଥିପାଇଁ ବିଦ୍ୱଜ୍ଜନସମାଜରୁ ଲଭି କରୁଥିଲେ ସେ ଭୂୟସୀ ପ୍ରଶଂସା ଓ ମହାର୍ଘ ସମ୍ମାନ ।

ତାଙ୍କର ବୈଚିତ୍ର୍ୟମୟ ଘଟଣାବହୁଳ ଜୀବନଟି ସତେ ଯେପରି ଗୋଟିଏ ବିରାଟ ଚିତ୍ର-କାବ୍ୟ । ସେହି କାରଣରୁ ବୋଧ ହୁଏ ବିଚିତ୍ରକର୍ମା ସୃଷ୍ଟିକର୍ତ୍ତା ତାଙ୍କ ହୃଦୟରେ ନିହିତ କରିଥିଲେ ଚିତ୍ରକଳା ଓ କାବ୍ୟକଳାରେ ଅସାଧାରଣ ଶକ୍ତିର ଚିରପ୍ରବହଣ ଉତ୍ସ । ନୁରଜାହାନଙ୍କ ସ୍ୱକରାଙ୍କିତ ବହୁ ସୁନ୍ଦର ଚିତ୍ର ମଣ୍ଡନ କରିଥିଲା ଦିଲ୍ଲୀ ଓ ଆଗ୍ରା ରାଜପ୍ରାସାଦର କକ୍ଷବୀଥୀ । 'ମୁଖଫୀ'ଏହି ଛଦ୍ମନାମରେ ଅସଂଖ୍ୟ କବିତା ରଚନା କରିଥିଲେ ସେ ପାରସୀ ଭାଷାରେ । ଲାହୋରନଗରସ୍ଥ ତାଙ୍କ ସମାଧି-ଗାତ୍ରରେ ଯେଉଁ ମର୍ମସ୍ପର୍ଶୀ କବିତାଟି ଖୋଦିତ ହୋଇଥିବାର ଏବେ ସୁଦ୍ଧା ଦେଖାଯାଏ, ସେଇଟି ତାଙ୍କର ସ୍ୱରଚିତ ଓ ତାଙ୍କର ସ୍ୱହସ୍ତଲିଖିତ ।

ଜଣେ ନାରୀଠାରେ ଏକାଧାରରେ ଏତେଗୁଡ଼ିଏ ଦୁର୍ଲଭ ଗୁଣର ସାର୍ଥକ ସମାବେଶ ଓ ବିକାଶ ବାସ୍ତବରେ ଅନନ୍ୟସୁଲଭ । ତାଙ୍କ ସହିତ ତୁଳିତ ହେବା ଭଳି ଅନୁରୂପଗୁଣଶାଳିନୀ ଜନ୍ମି ନାହାନ୍ତି ଆଉ କେହି ।

Digitized by srujanika@gmail.com

Digitized by srujanika@gmail.com

ତେଣୁ ସେ ନିଜେନିଜଙ୍କ କେବଳ ନିଜର ଏକମାତ୍ର ତୁଳନା । ଭାରତବର୍ଷ [illegible] ଏଭଳି ଜଣେ ଅତୁଳଶକ୍ତିଧରା ଯୁଗନ୍ଧରା ନାରୀଙ୍କୁ ମୋଗଲ ସିଂହାସନରେ ପାଇ ଦିନେ ହୋଇଥିଲା ଧନ୍ୟ ।

……ମାତ୍ର ମହାକାଳର ଅଲଙ୍ଘ୍ୟ ଆଦେଶରେ ପୁଣି ଆସିଲା ଅଚିନ୍ତ୍ୟ ପରିବର୍ତ୍ତନ । ନୁରଜାହାନଙ୍କ ଯଶଃଶ୍ରୀଭାସ୍ୱର ଶାସନର ହେଲା ଆକସ୍ମିକ ଅବସାନ-ବର୍ଣ୍ଣ କରୁଣ,—ବଡ଼ ଦାରୁଣ ଭାବରେ ।

ବାର୍ଦ୍ଧକ୍ୟ ଯୋଗୁଁ ଜାହାଙ୍ଗିରଙ୍କ ସ୍ୱାସ୍ଥ୍ୟ କ୍ରମଶଃ ଗତି କଲା ଅବନତି ଆଡ଼କୁ । ନୈସର୍ଗିକ ସ୍ୱାସ୍ଥ୍ୟଶାଳା କାଶ୍ମୀରରେ କିଛି କାଳ ଅବସ୍ଥାନ କଲେ ବାଦଶାଙ୍କର ସ୍ୱାସ୍ଥ୍ୟୋଦ୍ଧାର ହୋଇଯିବ ବୋଲି ସ୍ଥିର କଲେ ନୁରଜାହାନ । କାଳକ୍ଷେପ ନ କରି ସ୍ୱାମୀଙ୍କୁ ଘେନି ପହଞ୍ଚିଲେ ଯାଇ ଆରୋଗ୍ୟନିବାସ କାଶ୍ମୀରରେ । ସଙ୍ଗରେ ଗଲେ ଶାହଜାଦା ଶାହରିୟାର ।

ଭୂସ୍ୱର୍ଗ କାଶ୍ମୀରର ଚିରନୂତନ ଶୋଭାରାଶିରେ ବିହ୍ୱଳ ହୋଇ-ଉଠିଲେ ଚିରସୌନ୍ଦର୍ଯ୍ୟପିପାସୁ ବିସ୍ମିତ ଜାହାଙ୍ଗିର । ବିଶାଳ ନିଶାତ ବାଗ—ଲୋଭନୀୟ ଉଦ୍ୟାନ । ଝରଣାରୁ ଖସୁଛି ଝରଝରସ୍ୱରା ଜଳଧାରା । ଚାରିଆଡ଼େ ଫୁଟିରହିଛି ଜଣା-ଅଜଣା ସହସ୍ର ପ୍ରକାର ସୁନ୍ଦର ସୁବାସ ପୁଷ୍ପ । ଧୀର ସମୀରରେ ଭାସିଆସେ ସଦ୍ୟପୁଷ୍ପ ସେଓ ନାସ୍ପାତିର ମୃଦୁମଧୁର ଗନ୍ଧ । ମଥାଉପରେ ଉଡ଼ିଯାଏ ନାନା ରଙ୍ଗର ଦଳ ଦଳ ପକ୍ଷୀ—କର୍ଣ୍ଣରସାୟନ ଲଳିତ କୂଜନରେ ଗଗନାଙ୍ଗନ ସଙ୍ଗୀତମୟ କରି । ଦୂରବର୍ତ୍ତୀ ଡାଲ୍ ହ୍ରଦ ଆଡ଼କୁ ଦୃଷ୍ଟିପାତ କରି ସମ୍ରାଟ୍ କହିବାକୁ ଲାଗିଲେ ଗଦ୍‌ଗଦ କଣ୍ଠରେ :

"ଏଇ ତ ସ୍ୱର୍ଗ ! କଣ ଆଉ ଦରକାର ମୋର !
ହରିତ୍‌ବଳୟ-ମଥାରେ ହସେ ଖାଲି ପୁଷ୍ପଗୁଚ୍ଛରାଶି !"

ଜାହାଙ୍ଗିରଙ୍କଠାରେ ଆଗରୁ ଯେଉଁ ଶ୍ୱାସ ରୋଗ ସାଧ୍ୟ ହୋଇ ରହିଥିଲା ଔଷଧଦ୍ୱାରା, ହଠାତ୍ ତାହା ବାହାରିପଡ଼ିଲା କାଶ୍ମୀର-ଜଳବାୟୁର ଅସହ୍ୟ ଶୈତ୍ୟାଧିକ୍ୟରେ । ଅବିରାମ ପ୍ରବଳ ଧଇଁରେ ସଙ୍କଟାପନ୍ନ ହେବାକୁ ବସିଲା ବାଦଶାଙ୍କ ରୁଗ୍‌ଣ ଶରୀରର ଅବସ୍ଥା । ଶାହଜାଦା ଶାହରିୟାର ମଧ୍ୟ ହୋଇଗଲେ ଉତ୍କଟ ଶୈତ୍ୟଗ୍ରସ୍ତ ଓ ଅସୁସ୍ଥ । 'ମଣିଷର ଗାଞ୍ଜ ଦଇବର ପେଞ୍ଚ କାଳେ କାଳେ ଉପସ୍ଥିତ' । ଅନନ୍ୟଗତିକା

Digitized by srujanika@gmail.com

ନୁରଜାହାନ ସ୍ୱାମୀ ଓ ଶାହଜାହାଙ୍କ ସୈନ୍ୟ ଲୁରକ୍ଷ ପ୍ରତ୍ୟାବର୍ତ୍ତନଯାତ୍ରା କଲେ ଲାହୋର ଅଭିମୁଖରେ । ମାତ୍ର ହାୟ, ଲାହୋରନଗରରେ ପହଞ୍ଚିବାପୂର୍ବରୁ ଜାହାଙ୍ଗିରଙ୍କ ଜୀବନ-ନାଟକର ଯବନିକାପାତ ହେଲା ଖ୍ରୀଷ୍ଟ୍ର୧୬୨୭ ଅବ୍ଦରେ । ସେତେବେଳକୁ ତାଙ୍କର ବୟସ ହୋଇଥିଲା ଅଠାବନ ବର୍ଷ ।

"ବାଦଶା ଅସୁସ୍ଥ"

—ଜାହାଙ୍ଗିରଙ୍କ ଆବୃତ ମୃତଦେହକୁ ହସ୍ତିପୃଷ୍ଠରେ ସ୍ଥାପନ କରି ନୁରଜାହାନ ଲାହୋରପଥରେ ଅଗ୍ରସର ହେଲେ ଦୁଃସହ ଶୋକାବେଗକୁ ହୃଦୟମଧ୍ୟରେ ଚୃପିରଖି ।

ମାତ୍ର ଏ ଚତୁରବୁଦ୍ଧି ପ୍ରସବପାରିଲା ନାହିଁ କୌଣସି ସୁଫଳ । ଏତେ ବଡ଼ ସାମ୍ରାଜ୍ୟାଧୀଶଙ୍କ ମୃତ୍ୟୁବାର୍ତ୍ତା କ ଗୁପ୍ତ ରହିପାରେ କେବେ-ହେଲେ ? ସୁଦୂର ଦାକ୍ଷିଣାତ୍ୟରେ ଶୁଣିଲେ କ୍ଷମତାପାଗଳ ଖୁରମ । ସଙ୍ଗେ ସଙ୍ଗେ ଯୁଦ୍ଧାଶ୍ୱପୃଷ୍ଠରେ ବସି କଡ଼ା ଫରମାନ ଦେଲେ ଲାଲପତାକା ଅନୁଚର ଫୌଜଦଳକୁ :

"ଦିଲ୍ଲୀ ଚଲୋ !"

ହତ୍ୟାର ପୈଶାଚିକ ଉଲ୍ଲାସରେ ଗଗନ-ପବନରେ ଅଟ୍ଟହାସ୍ୟର ବାତ୍ୟା ଛୁଟାଇ ଦିଲ୍ଲୀର ଲାଲକିଲ୍ଲାରେ ପହଞ୍ଚିଲେ ବିଜୟଦୃପ୍ତ ନୃଶଂସ ଖୁରମ । ସହସ୍ର ସହସ୍ର ମୃତପିଣ୍ଡଉପରେ ପ୍ରତିଷ୍ଠିତ କଲେ ବହୁକାଳକାଂକ୍ଷିତ ଆତଙ୍କରାଜର ମସନଦ । ସେହି ସିଂହାସନରେ ଅଧିଷ୍ଠିତ ହେଲେ ସେ ରାଜମୁକୁଟଧାରୀ ନୂତନ ସମ୍ରାଟ୍ 'ଶାହଜାହାନ'ରୂପେ ।

ସଙ୍ଗେ ସଙ୍ଗେ ପ୍ରଚ୍ଚୁର କରିଦିଆଗଲା ସାମ୍ରାଜ୍ୟର ଏକ ପ୍ରାନ୍ତରୁ ଅପର ପ୍ରାନ୍ତ ପର୍ଯ୍ୟନ୍ତ କୋଣେ ଅନୁକୋଣେ :

"ସମ୍ରାଜ୍ଞୀ ନୁରଜାହାନ ଗାଦିଚ୍ୟୁତା ।
ସମ୍ରାଟ୍ ଜାହାଙ୍ଗିର ସ୍ୱର୍ଲୋକଗତ ।"

ନୁରଜାହାନଙ୍କ ଶୋକାପ୍ଲୁତ ବାହୁଡ଼ାଯାତ୍ରା ପରିସମାପ୍ତ ହେଲା ଲାହୋରନଗରରେ । ଜାହାଙ୍ଗିରଙ୍କ ସୁରକ୍ଷିତ ଶବ ସେହିଠାରେ ସମାଧିସ୍ଥ ହେଲା ଜୀବନସଙ୍ଗିନୀ ନୁରଜାହାନଙ୍କ ଅଶ୍ରୁଶିଶିରରେ ଧୌତ ହୋଇ ।

Digitized by srujanika@gmail.com

ପତିବିଚ୍ଛେଦବିଧୁରା ନୁରଜାହାନ ଶୁଣିବାକୁ ପାଇଲେ ବିଦ୍ରୋହୀ ଖୁରମଙ୍କ ଦିଲ୍ଲୀଗାଦି-ଅଧିକାର ଓ ଶାହାନଶା ଶାହଜାହାନରୂପେ ରାଜଦଣ୍ଡ-ଧାରଣର ସତ୍ୟ ଇତିହାସ । ଏଣିକି ଲାହୋରହିଁ ହେଲା ତାଙ୍କର ଶେଷ ବାସଭୂମି । ଦିଲ୍ଲୀ ଯିବାପାଇଁ ରାଜଦରବାରରୁ ଡାକରା ଆସିଲେ ମଧ୍ୟ ତାହାକୁ କଲେ ସେ ସମ୍ମାନର ସବିନୟ ପ୍ରତ୍ୟାଖ୍ୟାନ । ସାମ୍ରାଜ୍ୟ-ଶାସନର ଜଟିଳ ଦାୟିତ୍ୱରୁ ଆଲ୍ଲା ଅବ୍ୟାହତି ଦେଇଥିବା ଯୋଗୁଁ ଶାନ୍ତିରେ ଅତିବାହିତ ହେଲା ତାଙ୍କ ଜୀବନର ଉତ୍ତରକାଳ । ତାଙ୍କର ପ୍ରାତ୍ୟହିକ କ୍ରିୟାକଳାପରେ ହିନ୍ଦୁ ବିଧବାର ବିଧାନଗତ ଯାବତୀୟ ଆଚରଣନିଷ୍ଠାର ହେଉଥିଲା ସୁସ୍ପାଧାତ ।

ବାତ୍ସରିକ ପଚିଶ ଲକ୍ଷ ଟଙ୍କା ବୃତ୍ତିଭୋଗିନୀ କ୍ଷମତାଚ୍ୟୁତା ନୁରଜାହାନ ଅତୁଳ ସୌନ୍ଦର୍ଯ୍ୟ ଘେନି ପୃଥିବୀବକ୍ଷରୁ ବିଦାୟ ନେଲେ ୧୬୪୬ ଖ୍ରୀଷ୍ଟାବ୍ଦରେ । ତାଙ୍କ ବୟସ ମଧ୍ୟ ସେତେବେଳେ ଅଠାବନ ବର୍ଷ । ଜଗ୍‌-ଜୀବନର ସେହି ଶେଷ ମୁହୂର୍ତ୍ତରେ ମଧ୍ୟ ତାଙ୍କ ରୂପଶ୍ରୀ ଥିଲା ଅଜର—ଅମ୍ଳାନ ଅବଦାତ ଗୋଲାପପାଖୁଡ଼ା ପରି । ଜାହାଙ୍ଗିରଙ୍କ ସମାଧିପାର୍ଶ୍ୱରେ ତାଙ୍କୁ ସମାହିତ କରାଯାଇଥିଲା ସେହି ଲାହୋରନଗରରେ ।

ମରୁସମ୍ଭବା ମିହିରପ୍ରତିମା ମେହେରଉନ୍ନିସା ଅବିସ୍ମରଣୀ ଆଜି ଭାରତ ଇତିହାସରେ । ବିଦ୍ୱେଷୀ ଶାହଜାହାନ ତାଙ୍କ ପ୍ରତିଭାର ଆଲୋକକୁ ଲିଭାଇ-ଦେବାପାଇଁ ଶତଚେଷ୍ଟା କରିଥିଲେହେଁ ସର୍ବଶକ୍ତିମାନ୍ ମହାକାଳର କଷଟିରେ ଦିନୁ ଦିନ ଉଜ୍ଜ୍ୱଳତର ହେବାରେ ଲାଗିଛି ସେହି ଶୁଭ୍ରାଲୋକ ।

ବିଧାତାର ବିପୁଳ ଦାନ ଘେନି ମେହେରଉନ୍ନିସା ଅବତରି-ଆସିଥିଲେ ମର୍ତ୍ତ୍ୟଭୂମିକୁ । ସେହି ଅକ୍ଷୟ ଦାନର ଚୂଡ଼ାନ୍ତ ଉପଯୋଗ କରି ଭାବୀ ଯୁଗର ଭାରତୀୟ ନାରୀସମ୍ପ୍ରଦାୟ-ଆଗରେ ସେ ଥାପିଦେଇଯାଇଛନ୍ତି ଶକ୍ତିପୂଜାର ଚିରଦୀପ୍ତ ସୌରଶିଖା ।

Digitized by srujanika@gmail.com